

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୦ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 10 June 2026

Vol.No. 36 ■ No.152 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬

ସାଇ ସାଧନା ସେବାଶ୍ରମ

ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ

(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)

୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬

Only for ST/SC Students

(Not for Service Holders)

ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା

Contact No: 9437294587, 9437443950, 9937557158


## ୧୨ ବର୍ଷର ସଫଳତା କହିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୯/୬ (ନି.ପ୍ର): ୧୨ ବର୍ଷର ବିଜେପି ଶାସନ । ଏହି ଅବଧିରେ ଅନେକ ନୂଆ ଯୋଜନା ଦେଖିଛନ୍ତି ଦେଶବାସୀ । ଏହି ସମୟରେ ଓଡ଼ିଶାରେ ମଧ ବିଜେପିର ଡବଲ ଇଞ୍ଜିନ ସରକାର। ବିକଶିତ ଭାରତର ବ୍ଲୁପ୍ରିଣ୍ଟ ଭିତରେ ଏବେ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ପୁରା କରିବାକୁ ଆଗଭର ବିଜେପି ସରକାର । ଏଥିପାଇଁ କେନ୍ଦ୍ରର ଅକୁଣ୍ଠ ସହଯୋଗ ଓଡ଼ିଶା ପାଇଁ ପାଲଟିଛି ଆଶୀର୍ବାଦ । ଦେଶରେ ମୋଦୀ ସରକାରକୁ ୧୨ ବର୍ଷ ପୁରିଛି । ଏହି ଅବଧିକୁ ଅମୃତକାଳର ଆଖ୍ୟା ଦେଇଛି ବିଜେପି । ବିକଶିତ ଭାରତ, ପୂର୍ବୋଦୟ ବିକାଶର ନାରା ଭିତରେ ଏବେ ଓଡ଼ିଶାରେ ମଧ ଡବଲ ଇଞ୍ଜିନ ସରକାର । ପୂର୍ବୋଦୟ ବିକାଶର ଗେଟୱେ ଭାବେ ଓଡ଼ିଶାକୁ ପରିଚୟ ଦେଇଛି ବିଜେପି ସରକାର । ବିକାଶର ଶୀର୍ଷସ୍ତରରେ ଓଡ଼ିଶାକୁ ପହଞ୍ଚାଇବାକୁ ବିଜେପି ସରକାର କେବଳ ସ୍ୱପ୍ନ ଦେଖାଇନି ବରଂ ଏହାକୁ ପୁରା କରିବାକୁ ପ୍ରସ୍ତୁତ କରିଛି ରୋଡମ୍ୟାପ୍ । ଏଥିପାଇଁ ରେଳ ବଜେଟ୍‌ରେ ଓଡ଼ିଶାକୁ ମିଳିଛି ୧୦ ହଜାର ୯୦୦ କୋଟିର ଅନୁଦାନ । ଜାତୀୟ ରାଜପଥ ପାଇଁ ୮୦ ହଜାର କୋଟି, କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପରେ ବାଜିଛି ମୋହର । ଏହାବାଦ ରାଜ୍ୟରେ ସମବାୟ ବିପ୍ଲବର ସୂତ୍ରଧର ସାଜିଛି ବିଜେପି ସରକାର। ପିଏମ୍ କିଷାନରେ ୨୯ ଲକ୍ଷ ଚାଷୀ ଉପକୃତ ହେଉଥିବା ବେଳେ ୨୩ ଲକ୍ଷ ୪୬ ହଜାର ଲକ୍ଷପତି ଦିଦି ସୃଷ୍ଟି କରି ଦେଶରେ ରେକର୍ଡ କରିଛି ଓଡ଼ିଶା । ୪ ଲକ୍ଷ ୨୨ ହଜାର ଲୋକଙ୍କୁ ପକ୍କା ଘର ମିଳିଥିବା ବେଳେ ପିଏମ ସୂର୍ଯ୍ୟଘର ଯୋଜନାରେ ଓଡ଼ିଶାକୁ ମିଳିଛି ଉତ୍କର୍ଷ ଆୱାର୍ଡ । କେନ୍ଦ୍ର ସହଯୋଗରେ ରକେଟ ବେଗରେ ଓଡ଼ିଶାର ଅର୍ଥନୀତି ବଢୁଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ । ମୋଦୀ ସରକାର ୧୨ ବର୍ଷ ପୁରା କରିଥିବା ବେଳେ ଏହାର ଦୁଇଗଣା ସଫଳତା ଓଡ଼ିଶାବାସୀଙ୍କ ସାମ୍ନାରେ ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମେଘୱାଲ । ଦେଶରେ ସ୍ଥିର ସରକାର ଆଣିବାରେ ସଫଳ ହୋଇଥିବା ବିଜେପି ହର ଘର ଜଲ୍ ଯୋଜନାରେ ୧୬ କୋଟି ଲୋକଙ୍କ ଘରେ ପହଞ୍ଚାଇଛି ପାନୀୟ ଜଳ । ◆◆ପୃଷ୍ଠା ୭

## ଭାରତର ସବୁଠାରୁ ଦୀର୍ଘକାଳୀନ ନିର୍ବାଚିତ ପ୍ରଧାନମନ୍ତ୍ରୀ ମୋଦୀ: ଅଭିନନ୍ଦନ ଜଣାଇଲେ ପ୍ରମୁଖ ବିଶ୍ୱ ନେତା



ନୂଆଦିଲ୍ଲୀ,୯/୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ସବୁଠାରୁ ଦୀର୍ଘ ସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ହେବା ଦିନର ପୂର୍ବ ସନ୍ଧ୍ୟାରେ ବିଶ୍ୱ ନେତାମାନଙ୍କଠାରୁ ତାଙ୍କୁ ଅଭିନନ୍ଦନର ବାର୍ତ୍ତା ମିଳିଛି। ବିଶ୍ୱର ବିଭିନ୍ନ ସ୍ଥାନରୁ ପ୍ରମୁଖ ନେତାମାନେ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତନକାରୀ ପ୍ରଶାସନ, ଗ୍ଲୋବାଲ୍ ସାଉଥ ପାଇଁ ତାଙ୍କର ସମର୍ଥନ ଏବଂ ଏକ ସମାବେଶୀ ତଥା ଆର୍ଥିକ ଭାବରେ ପ୍ରଗତିଶୀଳ ଭାରତ ପାଇଁ ତାଙ୍କ ଦୃଷ୍ଟିକୋଣ ପ୍ରତି ସମ୍ମାନ ଜଣାଇଛନ୍ତି। ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକ ୮ ଜୁନ୍ ୨୦୨୬ରେ ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଏକ ଚିଠିରେ ଶ୍ରୀଲଙ୍କା ସରକାର ଏବଂ ଲୋକଙ୍କ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଚିଠିରେ ସେ ଲେଖିଛନ୍ତି: ଏହି ମାଇଲଖୁଣ୍ଟ କେବଳ ଆପଣଙ୍କ କାର୍ଯ୍ୟକାଳର ବର୍ଷଗୁଡ଼ିକ ପାଇଁ ନୁହେଁ, ବରଂ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ଲୋକମାନେ ଆପଣଙ୍କ ନେତୃତ୍ୱ ପ୍ରତି ବାରମ୍ବାର ଯେଉଁ ବିଶ୍ୱାସ ଓ ଭରସା ରଖିଛନ୍ତି ତାହାର ମଧ ଏକ ପ୍ରମାଣ। ଶ୍ରୀଲଙ୍କା ରାଷ୍ଟ୍ରପତି ଭାରତର ଉଲ୍ଲେଖନୀୟ ଆର୍ଥିକ ଓ ସାମାଜିକ ପରିବର୍ତ୍ତନ ଉପରେ ମଧ ଆଲୋକପାତ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ଶ୍ରୀଲଙ୍କା ସମେତ ◆◆ପୃଷ୍ଠା ୭

## ଗୃହରକ୍ଷୀଙ୍କ ପାଇଁ ବଡ଼ ଘୋଷଣା: ବଢ଼ିଲା ଦୈନିକ ଭତ୍ତା



ଭୁବନେଶ୍ୱର, ୦୯/୬ (ନି.ପ୍ର): ରାଜ୍ୟର ଗୃହରକ୍ଷୀ ବା ହୋମଗାର୍ଡମାନଙ୍କ ପାଇଁ ଏକ ଖୁସି ଖବର । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରକ୍ଷୀମାନଙ୍କର ଦୈନିକ ଭତ୍ତା ବୃଦ୍ଧି କରିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ସରକାରଙ୍କ ଏହି ଜନହିତକର ପଦକ୍ଷେପ ଫଳରେ ଏବେ ଗୃହରକ୍ଷୀମାନଙ୍କର ଦୈନିକ ଭତ୍ତା ୬୩୯ ଟଙ୍କାରୁ ୬୫୦ ଟଙ୍କାକୁ ବୃଦ୍ଧି ପାଇଛି । ଏହି ବର୍ଦ୍ଧିତ ଭତ୍ତା ଚଳିତ ବର୍ଷ ଅର୍ଥାତ୍ ୨୦୨୬ ଜାନୁଆରୀ ୧ ତାରିଖରୁ ପିଛିଲା ଭାବେ ଲାଗୁ ହେବ ବୋଲି ସୂଚନା ଦିଆଯାଇଛି । ଗୃହରକ୍ଷୀମାନଙ୍କ ଆର୍ଥିକ ସ୍ଥିତି ସୁଧାରିବା ପାଇଁ ସରକାର ନିୟମିତ ବ୍ୟବଧାନରେ ଏହି ଭତ୍ତା ବୃଦ୍ଧି କରିଆସୁଛନ୍ତି । ପୂର୍ବରୁ ୨୦୨୫ ଜୁଲାଇ ପହିଲାରେ ସେମାନଙ୍କ ଦୈନିକ ଭତ୍ତା ୬୨୩ ଟଙ୍କାରୁ ୬୩୯ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ◆◆ପୃଷ୍ଠା ୭

## ପଞ୍ଚାୟତ ପାଇଁ ଅର୍ଥ କମିସନଙ୍କ ଗାଇଡଲାଇନ : ପଞ୍ଚାୟତର ରାଜସ୍ୱ ବଢ଼ାଇବାକୁ ସରକାରଙ୍କୁ ଟାର୍ଗେଟ

ଭୁବନେଶ୍ୱର, ୦୯/୬ (ନି.ପ୍ର): ବଦଳିବ ଗ୍ରାମିଣ ଓଡ଼ିଶାର ଚିତ୍ର । ପଞ୍ଚାୟତର ବିକାଶ ପାଇଁ ଅର୍ଥ କମିସନଙ୍କ ସୁପାରିଶ । ପଞ୍ଚାୟତରେ ରହୁଥିବା ଲୋକଙ୍କୁ ଏବେ ଗଣିବାକୁ ପଡ଼ିବ ଟିକସ । ପୌରାଞ୍ଚଳ ଓ ମହାନିଗର ନିଗମ ଢାଞ୍ଚା ଅନୁସାରେ ଘର ଓ ସମ୍ପତ୍ତି ଟିକସ ଏଥର ପଞ୍ଚାୟତରୁ ବି ଆଦାୟ ହେବ। ବର୍ଷକୁ ୧୨ଶହ ଟଙ୍କାର ଟିକସ ଗଣିବେ ପଞ୍ଚାୟତ ବାସୀ । ଟିକସ ଆଦାୟ ନେଇ କେନ୍ଦ୍ରୀୟ ଷୋଡ଼ଶ କମିଶନ୍ ବା ସିଏଫ୍‌ସି ରାଜ୍ୟ ସରକାରଙ୍କୁ ସୁପାରିଶ କରିଛନ୍ତି । ସିଏଫ୍‌ସିର ଗାଇଡ୍‌ଲାଇନ୍ ଅନୁସାରେ ଗ୍ରାମପଞ୍ଚାୟତ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବାକୁ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶ ଦେଇଛି। ୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାର ପ୍ରତି ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲା ପରିଷଦକୁ କେଉଁ ବିଭାଗକୁ କେତେ ଅର୍ଥ ଦେବେ ତାର ବିସ୍ତୃତ ରିପୋର୍ଟ ପ୍ରଦାନ କରାଯାଇଛି। ◆◆ପୃଷ୍ଠା ୭

## ଦୀଘା ଜଗନ୍ନାଥ ମନ୍ଦିରରୁ ହଟିଲା 'ଧାମ' : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଘୋଷଣା



ଭୁବନେଶ୍ୱର, ୦୯/୬ (ନି.ପ୍ର): ପଶ୍ଚିମବଙ୍ଗର ଦୀଘାରେ ନିର୍ମିତ ଜଗନ୍ନାଥ ମନ୍ଦିରକୁ ଆଉ 'ଧାମ' କୁହାଯିବ ନାହିଁ। ପଶ୍ଚିମବଙ୍ଗର ପୂର୍ବତନ ସରକାର ରଖିଥିବା ଏହି 'ଧାମ' ଶବ୍ଦକୁ ହଟାଇବାକୁ ବର୍ତ୍ତମାନର ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଆଜି ଏହି ବଡ଼ ଘୋଷଣା କରିଛନ୍ତି। ଶୁଭେନ୍ଦୁ ଅଧିକାରୀଙ୍କ ଏହି ଘୋଷଣା ପରେ ଏହି ନିଷ୍ପତ୍ତି ପରେ କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ମତ ପ୍ରକାଶ ପାଉଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଜଗନ୍ନାଥ ଭକ୍ତମାନେ ଓ ସାଂସ୍କୃତିକ ସଂଗଠନ ସ୍ୱାଗତ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ପଶ୍ଚିମବଙ୍ଗ ଦୀଘା ଜଗନ୍ନାଥ ମନ୍ଦିରରୁ ହଟିବ 'ଧାମ' ଶବ୍ଦ ତୁରନ୍ତ ହଟାଇ ଦିଆଯିବ। ଏହାର ନାମ ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ହେବ। ପୁରୀ ଶ୍ରୀମନ୍ଦିର ନୀତି ଅନୁସାରେ ଦୀଘା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ହେବ। ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିଠିରେ ଦେଇଥିବା ପ୍ରସ୍ତାବ ସ୍ୱାଗତଯୋଗ୍ୟ। ସୂଚନାଯୋଗ୍ୟ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ପଶ୍ଚିମବଙ୍ଗ ସମକକ୍ଷ ଶୁଭେନ୍ଦୁ ଅଧିକାରୀଙ୍କୁ ଏକ ଚିଠି ଲେଖିଥିଲେ। ◆◆ପୃଷ୍ଠା ୭

## ଜୟପୁର ବାଣ କାରଖାନାରେ ଅଗ୍ନିକାଣ୍ଡ : ଶିଶୁ ସମେତ ୭ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୯/୬ : ରାଜସ୍ଥାନ ଜୟପୁରର କୋହ ନାଗୋରିଆନ ଥାନା ଅନ୍ତର୍ଗତ ଆୟଶା ନଗର ତଲାଇଠାରେ ଆଜି ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ବେଆଇନ ବାଣ କାରଖାନାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ଜଣେ ଶିଶୁ ସମେତ ୭ ଜଣଙ୍କର ମୃତ୍ୟୁ ହୋଇଛି। ଏହାସହ ବହୁ ସଂଖ୍ୟାରେ ଲୋକ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ୫ ଜଣଙ୍କୁ ଅବଦୁଲ ୱାହିଦ୍ (୫୦), ବିଲାଲ (୩୦), ସମୀର (୨୦), ଅଜିମ ଏବଂ ରବିଲ ଭାବେ ଚିହ୍ନଟ କରାଯାଇଛି। ଅନ୍ୟ ଦୁଇ ଜଣଙ୍କ ମୃତଦେହ ଏପର୍ଯ୍ୟନ୍ତ ଚିହ୍ନଟ ହୋଇପାରି ନାହିଁ। ଆହତମାନଙ୍କୁ ଜୟପୁରର ଏସ୍‌ଏମ୍‌ଏସ୍ ମେଡିକାଲ ଏବଂ ଜେଏନ୍‌ୟୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ନାସିର ନାମକ ଜଣେ ବ୍ୟକ୍ତି ୯୫% ପୋଡ଼ି ଯାଇଥିବାରୁ ତାଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ସଂକୀର୍ଣ୍ଣ ଗଳି ଯୋଗୁଁ ନିଆଁ ଲିଭାଇବା ପ୍ରକ୍ରିୟାରେ ଅଗ୍ନିଶମ ବାହିନୀକୁ ବେଶ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦିଲ୍ଲୀର ବାସିନ୍ଦା ଫିରୋଜ ଏବଂ ତାଙ୍କ ସହଯୋଗୀ ୱାସିମ ମିଶି ୟାକୁବ ନାମକ ଜଣେ ବ୍ୟକ୍ତିଙ୍କ ଘର ଭଡ଼ା ନେଇ ଏହି ବେଆଇନ ବାଣ କାରଖାନା ଚଳାଉଥିଲେ। କୋହ ନାଗୋରିଆନ ଥାନା ଅଧିକାରୀ କହିଛନ୍ତି ଯେ ଅଭିଯୁକ୍ତ ମାଲିକ ଓ ଘର ମାଲିକଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରସ୍ତୁତ କରାଯାଉଛି। ଜନବସତି ଅଞ୍ଚଳରେ ଏଭଳି ବିପଜ୍ଜନକ ବାଣ ଗୋଦାମ କିପରି ଚାଲୁଥିଲା, ସେ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି।


B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

DIPLOMA ENGG COURSES

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

ITI TRADE

● Electrician ● Fitter ● Welder ● R & AC

Walk-In-Interview on Dated : 08-06-2026 (Monday)

FACULTY RECRUITMENT | Lecture in all above Branches | Lab Technician in all above Branches | Clerk & Hostel Superintendent

Place of Interview : IET Samalpur, Balasore

Contact : 9861947995, 8270317712

E-mail : bit_balasore@rediffmail.com



31 years of imparting quality technical education with excellence.

ADMISSIONS Open 2026-27

BAISINGA I.T.I

Trade: Fitter, Electrician

Affiliated to NCVT, Govt. of India, New Delhi

Baisinga, Mayurbhanj, Odisha

9937861296, 9692864722

8327799536, 9337957048


## ସର୍ଚ୍ଚ ୱାରେଣ୍ଟ ଧରି ମମତାଙ୍କ ଘରେ ଓ ଅଭିଷେକଙ୍କ ଅଫିସରେ ସିଆଇଡି ଟିମ୍




ନୂଆଦିଲ୍ଲୀ,୯/୬ : ବିଧାନସଭା ନିର୍ବାଚନରେ ହାରିବା ପରେ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଡୁଆ ବଢ଼ିବାରେ ଲାଗିଛି। ତାଙ୍କ ସହ ପୁତୁରା ଅଭିଷେକ ବାନାର୍ଜୀ ମଧ ଅଡୁଆରେ ପଡ଼ିଛନ୍ତି। ଟିଏମସିରେ ଦେଖାଯାଇଥିବା ବିଦ୍ରୋହର ସମାଧାନ କରିବାକୁ ମମତା ଦିଲ୍ଲୀରେ ଡେରା ପକାଇଥିବା ବେଳେ ଏବେ ବେଙ୍ଗଲରେ ତାଙ୍କୁ ଖୋଜିବା ଆରମ୍ଭ କରିଛି ସିଆଇଡି। ବିଧାୟକଙ୍କ ଜାଲ ଦସ୍ତଗତ ମାମଲାରେ ଆଜି ସର୍ଚ୍ଚ ୱାରେଣ୍ଟ ଧରି ମମତାଙ୍କ ଘରେ ପହଞ୍ଚିଛି ସିଆଇଡି ଟିମ। ସମାନ ସମୟରେ ଆଉ ଗୋଟିଏ ଟିମ ଅଭିଷେକ ବାନାର୍ଜୀଙ୍କ କାମାକ ଷ୍ଟ୍ରିଟ ସ୍ଥିତ ଅଫିସରେ ମଧ ତଦନ୍ତ କରିବାକୁ ଯାଇଛି। ମିଳିଥିବା ସୂଚନା ଅନୁସାରେ, ଆଜି ଅପରାହ୍ନରେ ଜାଲ ଦସ୍ତଖତ ମାମଲାରେ ସ୍ୱତନ୍ତ୍ର ସିଆଇଡି ଟିମ ମମତାଙ୍କ କୋଲକାତା ସ୍ଥିତ ବାସଭବନରେ ପହଞ୍ଚି। ସିଆଇଡି ଟିମ ସହ କାଳୀଘାଟ ପୁଲିସ୍ ଷ୍ଟେସନର ଅଧିକାରୀ ଓ ମହିଳା ପୁଲିସ୍ ମଧ ରହିଛନ୍ତି। ୩୦ ବି ହରିଶ ଚାଟାର୍ଜୀ ଷ୍ଟ୍ରିଟ ହେଉଛି ମମତାଙ୍କ ଘର ଓ ଟିଏମସିର କେନ୍ଦ୍ରୀୟ ଅଫିସ। ତେଣୁ ଏଠାରେ ଯାଞ୍ଚ କରିବାକୁ ସିଆଇଡି ଟିମ ପହଞ୍ଚିଛି। କିନ୍ତୁ ମମତା କିମ୍ବା ଅଭିଷେକ ବାନାର୍ଜୀ ଘରେ ନଥିବାରୁ ଟିଏମସି କର୍ମୀମାନେ ସିଆଇଡି ଟିମକୁ ଭିତରକୁ ଛାଡ଼ି ନାହାନ୍ତି। ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଫୋର୍ସକୁ ମଧ ମୁତୟନ କରାଯାଇଛି। ◆◆ପୃଷ୍ଠା ୭

# ମାଲକାନଗିରି ଜିଲ୍ଲାରେ ୬ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ମାଲକାନଗିରି, ୯/୦୬ (ନି.ପ୍ର): ଓଡ଼ିଶା ସରକାର ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଗ୍ରହଣ କରାଯାଇଥିବା 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା' ର ଦ୍ୱିତୀୟ ପର୍ଯ୍ୟାୟରେ ମାଲକାନଗିରି ଜିଲ୍ଲାର ୬ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ଅଧିକାରୀ ଓ ଶିକ୍ଷାବିତ୍ ମାନେ ଉପସ୍ଥିତ ଥିଲେ। ଚିତ୍ରକୋଣ୍ଡା ବ୍ଲକ ଟେମ୍ପୋରାରୀ କଲୋନୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାପାଳ, ବ୍ଲକ୍ ର ଜନ ପ୍ରତିନିଧି ଓ ଶିକ୍ଷା ବିଭାଗ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଏମ୍ ଭି ୭୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କାଙ୍ଗୁରୁକୋଣ୍ଡା, କାଲିମେଳା ଠାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗା ସୋଡ଼ି ଓ ସାଂସଦ ପ୍ରତିନିଧି ଯୋଗ ଦେଇଥିଲେ । ସେହିପରି ଉଚ୍ଚ ବିଦ୍ୟାଳୟ, ମୁଣ୍ଡିଗୁଡ଼ା, ରାସବେଡ଼ା ଗ୍ରାମ ପଂଚାୟତ, ଖଇରପୁଟ ଠାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, ସାଂସଦ ଓ ପ୍ରତିନିଧି ବିଧାୟକ ପ୍ରତିନିଧି ଯୋଗ ଦେଇଥିଲା ବେଳେ ବିଭିନ୍ନ ପ୍ରତିନିଧି ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହ ଉଚ୍ଚ ବିଦ୍ୟାଳୟ, କୁଡୁମୁଲୁଗୁମ୍ମା, ପ୍ରସନ୍ନପାଲି ଉଚ୍ଚ ବିଦ୍ୟାଳୟ, ନିଲିଗୁଡ଼ା ଗ୍ରାମ ପଂଚାୟତ, ପଡ଼ିଆ ଏବଂ କାଲଦାପାଲି ଉଚ୍ଚ ବିଦ୍ୟାଳୟ, ପୋଡ଼ାଘାଟ ଗ୍ରାମ ପଂଚାୟତ, ଖଇରପୁଟ ଠାରେ ଭିତ୍ତିପ୍ରସ୍ତର ସ୍ଥାପନ ହେଲା। ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୧ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ପୂର୍ବରୁ ସ୍ଥାପନା ହୋଇସାରିଛି। ଏହା ସହିତ ଦ୍ୱିତୀୟ ପର୍ଯ୍ୟାୟର ୬ଟି ମିଶି ମୋଟ ୭ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ କାମ ଆରମ୍ଭ ହେବ। ବର୍ତ୍ତମାନ ସମସ୍ତ ବିଦ୍ୟାଳୟର ଡି ପି ଆର ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି। ଏହି ଆଦର୍ଶ ବିଦ୍ୟାଳୟଗୁଡ଼ିକ ନିର୍ମାଣ ହେବା ପରେ ମାଲକାନଗିରି ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ନୂତନ ଯୁଗ ଆରମ୍ଭ ହେବ ଓ ଛାତ୍ରଛାତ୍ରୀମାନେ ପାଂଚ ଏକର ମଧ୍ୟରେ ଖେଳ ପଡ଼ିଆ, ଛାତ୍ରାବାସ, ଶ୍ରେଣୀଗୃହ, ବିଜ୍ଞାନଗାରା, ଶିକ୍ଷକ ନିଯୁକ୍ତି, ଅତ୍ୟାଧୁନିକ ସୁବିଧା ସହିତ ଶିକ୍ଷା ଲାଭ କରିପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# କୋରୁକୋଣ୍ଡା ଗ୍ରାମ ପଂଚାୟତରେ ମିଳିତ ଜନ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର

ମାଲକାନଗିରି, ୯/୦୬ (ନି.ପ୍ର): ଜନସାଧାରଣଙ୍କ ଦୀର୍ଘଦିନର ସମସ୍ୟା ଗୁଡ଼ିକର ସମାଧାନ ଏବଂ ପ୍ରଶାସନିକ ସେବାକୁ ଲୋକଙ୍କ ନିକଟତର କରିବା ଉଦ୍ଦେଶ୍ୟରେ କୋରୁକୋଣ୍ଡା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଚ୍ଚସ୍ତରୀୟ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ବ୍ଲକ ଚେୟାରମ୍ୟାନ ଜିତୁ ବୁରୁଡି ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗର ପ୍ରତ୍ୟକ୍ଷ ଶୁଣାଣୀ କରିଥିଲେ। କୋରୁକୋଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳତାର ସହ ସଂଯୋଜନା କରିଥିବା ବେଳେ ଆସିଷ୍ଟାଂଟ କଲେକ୍ଟର ପ୍ରୀତମ ଦେବତା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ସ୍ୱତନ୍ତ୍ର ସମାଧାନ ଶିବିରରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ସରକାରୀ ସହାୟତା, ଜମିଜମା ବିବାଦ, ରାସନ କାର୍ଡ, ଗମନାଗମନ, ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ମୋଟ ୭୦ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭତା, ବାସଗୃହ ଓ ଚିକିତ୍ସା ସହାୟତା ସମ୍ପର୍କିତ ୩୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ଗ୍ରାମର ରାସ୍ତାଘାଟ, ବିଜୁଳି ଓ ସାମୂହିକ ବିକାଶକୁ ନେଇ ଆଉ ୩୫ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଆବେଦନ ଆସିଥିଲା। ପ୍ରଶାସନ ପକ୍ଷରୁ କେତେକ ସମ୍ବେଦନଶୀଳ ମାମଲାର ତୁରନ୍ତ ଫଇସଲା କରାଯିବା ସହ ବାକି ସମସ୍ୟା ଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି ଯେ, ଜିଲ୍ଲା ପ୍ରଶାସନ ସର୍ବଦା ଲୋକଙ୍କ ସେବା ଓ ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧ। ପ୍ରତିଟି ଅଭିଯୋଗର ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ତଥା ସମୟସୀମା ମଧ୍ୟରେ ପ୍ରତିକାର କରିବା ପ୍ରଶାସନର ମୂଳ ଲକ୍ଷ୍ୟ, ଯେପରି କୌଣସି ବି ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରୁ ବଂଚିତ ହେବେ ନାହିଁ। ଜନସାଧାରଣ ନିଜ ସମସ୍ୟା ବିଷୟରେ ବିନା ଦ୍ୱିଧାରେ ପ୍ରଶାସନକୁ ଜଣାନ୍ତୁ, ପ୍ରଶାସନ ପ୍ରତିଟି ସ୍ତରରେ ଜନସାଧାରଣଙ୍କ ସହ ରହିଛି। ପ୍ରଶାସନିକ ଅଧିକାରୀମାନେ ନିଜେ ଲୋକଙ୍କ ପାଖକୁ ଆସି ସମସ୍ୟା ବୁଝୁଥିବାରୁ କୋରୁକୋଣ୍ଡା ଅଂଚଳବାସୀ ଏହି ମିଳିତ ଅଭିଯୋଗ ପ୍ରତିକାର ଶିବିରକୁ ଉଚ୍ଚ ପ୍ରଶଂସା କରିଛନ୍ତି।

# ଓସ୍ତପୁରରେ ମୁଗମଣ୍ଡି ଉଦ୍ଘାଟିତ

କେନ୍ଦ୍ରାପଡା, ୯/୦୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର କୃଷି ସମବାୟ ସମିତିରେ ମୁଗମଣ୍ଡି ଉଦ୍ଘାଟିତ ହୋଇଯାଇଛି । ମଣ୍ଡିକୁ ଆନୁଷ୍ଠାନିକ ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳକ ତାପସ ପ୍ରସାଦ ସିଂ ଓ ସମବାୟ ସମିତିର ସଭାପତି ପ୍ରଦ୍ୟୁମ୍ନ ଜେନା ଉଦ୍ଘାଟନ କରିଥିଲେ । ସରକାର ମୁଗ, ବିରି, ସୂର୍ଯ୍ୟମୁଖୀ, ଚିନାବାଦାମ ଓ ସୋରିଷ ଚାଷୀଙ୍କ ଠାରୁ କ୍ରୟ କରିବା ପାଇଁ ଏହି ମଣ୍ଡିର ଉଦ୍ଘାଟନ କରାଯାଇଛି । ମୁଗ ୮ହଜାର ୭୬୮ ଟଙ୍କା କ୍ୱିଂଟାଲ୍, ବିରି ୭ ହଜାର ୮ଶହ କ୍ୱିଂଟାଲ, ଚିନାବାଦାନ ୭ ହଜାର ୨୬୩ ଟଙ୍କା କ୍ୱିଂଟାଲ୍, ସୂର୍ଯ୍ୟମୁଖୀ ୭ ହଜାର ୭୨୧ ଟଙ୍କା, ସୋରିଷ ୬ ହଜାର ୨ ଶହ ଟଙ୍କା ସହାୟକ ମୂଲ୍ୟ ପ୍ରତି କ୍ୱିଂଟାଲ୍ ପିଛାରେ କିଣିବା ପାଇଁ ସ୍ଥିର କରାଯାଇଛି । ୨୦୨୫-୨୬ ରବି ଫସଲ ନିମନ୍ତେ ଏହି ମୁଗ ମଣ୍ଡିକୁ ଆସୁଥିବା ଚାଷୀମାନଙ୍କୁ ଗୁରୁତ୍ୱ ଦେବା ସହ ସେମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବାପାଇଁ ସ୍ଥିର କରାଯାଇଛି । ଆୟୋଜିତ ଏହି ଉଦ୍ଯାପନୀ ଉତ୍ସବରେ ସମବାୟ ସମିତିର ସଂପାଦକ ପ୍ରେମାଞ୍ଜନ ସାହୁ, ଉପସଭାପତି କନକଲତା ସ୍ୱାଇଁ, ନିର୍ଦ୍ଦେଶକ ପ୍ରମୋଦ କୁମାର ରାଉତ ରାୟ, ଶରତ ଦାସ, ପ୍ରଫୁଲ୍ଲ ରାଉତ, କୈଳାସ ବେହେରା, ପ୍ରଶାନ୍ତ ବେହେରା, ପଦ୍ମନାଭ ରାଉତ, ବଂଶୀଧର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା, ୯/୦୬ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁରମୀ ସୋରେନ, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଖଡ଼ିଆଳ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଏ. ମାଧବୀଲତା, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ଦିଲ୍ଲିପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ଆରମ୍ଭରେ ଜିଲ୍ଲାପାଳ ପୂର୍ବ ଅଭିଯୋଗ ଶୁଣାଣିରେ ପ୍ରାପ୍ତ ଅଭିଯୋଗ ଗୁଡ଼ିକର ଫଇସଲା ସ୍ଥିତି ସମୀକ୍ଷା କରିଥିଲେ। ବିଚାରଧୀନ ରହିଥିବା ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଆଜିର ଶିବିରରେ ୫୧ ଗୋଟି ବ୍ୟକ୍ତିଗତ ଓ ୧୨ଟି ଗୋଷ୍ଠୀଗତ ଅଭିଯୋଗ ସମେତ ମୋଟ ୬୩ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା ଅଭିଯୋଗକାରୀଙ୍କ ସମସ୍ୟା ଶୁଣି ଜିଲ୍ଲାପାଳ ବିଭିନ୍ନ ଅଭିଯୋଗର ଦ୍ରୁତ ସମାଧାନ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଚଳିତ ରବି ଧାନ କ୍ରୟ ସମ୍ପର୍କରେ ସମୀକ୍ଷା କରି ଜିଲ୍ଲାପାଳ କହିଥିଲେ ଯେ, ଚାଷୀଙ୍କ ନାମରେ ଧାନକୁ ସିଧାସଳଖ ମିଲର ପଏଣ୍ଟକୁ ନିଆଯିବା ଭଳି ଅନିୟମିତତା ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଧାନ କ୍ରୟ କାର୍ଯ୍ୟ ସଫଳ କରିବା ସମସ୍ତ ବିଭାଗର ସାମୂହିକ ଦାୟିତ୍ୱ ବୋଲି ସେ କହିଥିଲେ। ବର୍ଷାକୁ ନେଇ ଚାଷୀମାନେ ଭୟଭୀତ ନ ହେବାକୁ ପରାମର୍ଶ ଦେଇ ସେ କହିଥିଲେ ଯେ, ସରକାରଙ୍କ ନୀତି ଅନୁଯାୟୀ ସମସ୍ତ ଧାନ କ୍ରୟ କରାଯିବ। ଧାନ ସୁରକ୍ଷା ପାଇଁ ଖଡ଼ିଆଳ ରୋଡ଼ ଆରଏମସି ଅଧୀନରେ ପର୍ଯ୍ୟାପ୍ତ ପରିମାଣର ପଲିଥିନ୍ ସିଟ୍ ଉପଲବ୍ଧ ରହିଛି ବୋଲି ସେ ସୂଚନା ଦେଇଥିଲେ। ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହେବାକୁ ଥିବା ଜନସମ୍ପର୍କ କାର୍ଯ୍ୟକ୍ରମ ପାଇଁ ସମସ୍ତ ଲାଇନ୍ ବିଭାଗ ନିଜ ନିଜ ବିଭାଗର ସଫଳତା, ଉପଲବ୍ଧି ଓ କାର୍ଯ୍ୟକ୍ରମ ସମ୍ପର୍କିତ ଖସଡ଼ା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମନଗୋବନ୍ଦ ମଙ୍ଗରାଜ, ସୁମିତ୍ରା ମାଝୀ ଓ ଯୁଧିଷ୍ଠିର ମାଝୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଏବଂ ରାହୁଲ ପଣ୍ଡାଙ୍କୁ ୧୦ ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ସହାୟତା ରାଶିର ଚେକ୍ ପ୍ରଦାନ କରାଯାଇଥିଲା। ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜୁ ସୁନାନୀ (ବାବେବିର), ଟଙ୍କଧର ରଣା (ବୋଡ଼େନ) ଏବଂ କୃତିବାସ ପଟେଲ (ଲର୍କା)ଙ୍କୁ 'ସ୍ୱଚ୍ଛ ଦୂତ' ପୁରସ୍କାର ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣି ଶିବିର ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଏବଂ ଆୟୁଷ୍ମାନ ଆରୋଗ୍ୟ ଶିବିର ମଧ ଆୟୋଜନ କରାଯାଇଥିଲା। ଡେପୁଟି ଜିଲ୍ଲାପାଳ ଶେଖ ନସୀମ, ବୋଡ଼େନ ବିଡିଓ ଚିନ୍ମୟ ସାଗର ଏବଂ ତହସିଲଦାର ସରିତା ଗୁପ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଲୁଣା- କରାଣ୍ଡିଆ ନଦୀ ମୁହାଣ ପୁନଃ ଖୋଲିବା ପାଇଁ ଦାବି

କେନ୍ଦ୍ରାପଡା, ୯/୦୬ (ନି.ପ୍ର): କେନ୍ଦ୍ରାପଡା ଡେରାବିଶ ବ୍ଲକ, ମାର୍ଶାଘାଇ, ଗରଦପୁର ବ୍ଲକ ଅନ୍ତର୍ଗତ କରାଣ୍ଡିଆ ନଦୀ କୂଳବର୍ତ୍ତୀ ଗ୍ରାମ ହୁଡାସାହି, ଜଳପୋକ, ପୁରୋଷ୍ଟମପୁର, ବାଲିସାହି, ନାନକାର, କରିଲୋପାଟଣା ଓ ସଲାର ଜଳପୋକ ଆଦି ଶତାଧିକ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ଲୁଣା କରାଣ୍ଡିଆ ନଦୀର ମୁହାଣ ବାଲି ପଡି ସମ୍ପୂର୍ଣ୍ଣ ପୋତି ହୋଇଯାଇଥିବାରୁ କରାଣ୍ଡିଆ ନଦୀକୁ ପାଣି ଆସୁନଥିବାରୁ ଜଳସ୍ତର ଅତ୍ୟନ୍ତ କମିଯାଉଛି । ଏବଂ ଆଖପାଖ ଅଂଚଳରେ ଜଳ ସଂକଟ ଦେଖାଦେଇଛି । ବିଶେଷ କରି ଗ୍ରୀଷ୍ମଋତୁରେ ଚାଷୀମାନେ ତାଙ୍କ ଚାଷଜମିକୁ ଜଳସେଚନ କରିବାରେ ଭୀଷଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭୂତଳ ଜଳସ୍ତର ହ୍ରାସ ପାଇଥିବାରୁ ଅନେକ ନଳକୂପ ମଧ୍ୟ ଅଚଳ ହୋଇପଡିଛି । ଏହାଦ୍ୱାରା କୃଷି, ପାନିୟ ଜଳ ଏବଂ ସାଧାରଣ ଜନ ଜୀବନ ଗୁରୁତର ଭାବେ ପ୍ରଭାବିତ ହେଉଛି । ଏଣୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରି କରାଣ୍ଡିଆ ନଦୀ ମୁହାଣକୁ ତୁରନ୍ତ ଖନନ କରିବା ପାଇଁ ଦାବି କରିଛନ୍ତି ।

## ଆକାଶ ଛୁଆଁ କଂଚାମାଲ୍ ଦର: ଚିନ୍ତାରେ ଆବାସ ହିତାଧିକାରୀ

ଜୟପୁର, ୯/୦୬ (ନି.ପ୍ର): କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଡେଙ୍ଗପଦର ଗ୍ରାମରେ ଏବେ ଚିନ୍ତାରେ ଆବାସ ହିତାଧିକାରୀ। ସରକାରୀ ଆବାସ ଘର ନିର୍ମାଣ ପାଇଁ ମିଳୁନାହିଁ ଆବଶ୍ୟକ କଞ୍ଚାମାଲ। ବାଲି ଓ ଗୋଡ଼ିର ଦର ଆକାଶଛୁଆଁ ହୋଇଥିବା ବେଳେ ଅଧାରେ ଅଟକି ରହିଛି ଅନେକ ଘର କାମ। ଗରିବ ଲୋକଙ୍କ ପାଇଁ ପକ୍କା ଘରର ସ୍ୱପ୍ନ ସାକାର କରିବାକୁ ସରକାର ଆରମ୍ଭ କରିଛନ୍ତି ଆବାସ ଯୋଜନା। କିନ୍ତୁ ବର୍ତ୍ତମାନ କଂଚାମାଲ୍ ଅଭାବ ଯୋଗୁଁ ସମସ୍ୟାରେ ପଡ଼ିଛନ୍ତି ହିତାଧିକାରୀ। ବୋରିଗୁମ୍ମା ବ୍ଲକର ଡେଙ୍ଗପଦର ଗ୍ରାମରେ ଘର ନିର୍ମାଣ ପାଇଁ ବାଲି ଓ ଗୋଡ଼ି ସହଜରେ ମିଳୁନାହିଁ। ଯେଉଁ ସାମଗ୍ରୀ ଆଗରୁ କମ ଦରରେ ମିଳୁଥିଲା, ଏବେ ସେହି ସାମଗ୍ରୀକୁ ଅଧିକ ଦର ଦେଇ କିଣିବାକୁ ପଡୁଛି। ଫଳରେ ସରକାରୀ ସହାୟତା ରାଶିରେ ଘର କାମ ସମ୍ପୂର୍ଣ୍ଣ କରିବା ହିତାଧିକାରୀଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ବର୍ଷା ଋତୁ ଆସୁଥିବା ବେଳେ ଘର କାମ ସରିବ କି ନାହିଁ ସେନେଇ ଚିନ୍ତାରେ ରହିଛନ୍ତି ପରିବାର। ଏହା ସହିତ କଂଚାମାଲ୍ ଦର ନିୟନ୍ତ୍ରଣ ଓ ସହଜ ଯୋଗାଣ ପାଇଁ ପ୍ରଶାସନକୁ ଦାବି କରିଛନ୍ତି ଗ୍ରାମବାସୀ।

ଅନ୍ୟପଟେ ଏ ସମ୍ପର୍କରେ ଜନ ଶୁଣାଣୀ ସମୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇବାରୁ ସେ କହିଛନ୍ତି ଯେ, ବର୍ତ୍ତମାନ ଏହି ସମସ୍ୟା ଆମର ଦୃଷ୍ଟିଗୋଚର ହୋଇଛି କିନ୍ତୁ, ଆଗରୁ ଅଧିକାଂଶ ସ୍ଥାନରେ ବେଆଇନ ବାଲି ଓ ଗୋଡ଼ି ପଥର ଖାଦାନ ବେଆଇନ ଭାବେ ଚାଲିଥିଲା ଯାହା ଉପରେ ପ୍ରଶାସନ ଦୃଢ ଆକ୍ସନ ନେଇଛି ଓ ଆଗାମୀ ଦିନରେ ଯେଉଁ ସବୁ ଜାଗାରେ ଏହି ସବୁ କଂଚାମାଲ୍ ସୁବିଧାରେ ହିତାଧିକାରୀଙ୍କୁ ମିଳିପାରିବ ତାକୁ ନେଇ ଆଲୋଚନା କରାଯିବ ଓ ଖୁବ ଶୀଘ୍ର ଏ ସବୁର ସମାଧାନ ମଧ୍ୟ କରାଯିବ । କେବଳ ଯୋଜନା ଘୋଷଣା କଲେ ହେବନି, ହିତାଧିକାରୀମାନେ କିପରି ସମୟରେ ଘର କାମ ସମ୍ପୂର୍ଣ୍ଣ କରିପାରିବେ ସେଥିପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

# ଫୁଲବାଣୀରୁ ବ୍ରହ୍ମପୁର ଓ ଗୋପାଳପୁର, ସରକାରୀ ବସ୍ ସେବା ଶୁଭାରମ୍ଭ

କନ୍ଧମାଳ, ୯/୦୬ (ନି.ପ୍ର): ଆଦିବାସୀ ଅଧୁଷିତ ରେଳ ବିହୀନ କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ଓ ଫୁଲବାଣୀ ଠାରୁ ବ୍ରହ୍ମପୁର ଏବଂ ଗୋପାଳପୁରକୁ ସିଧାସଳଖ ଯାତାୟାତ ପାଇଁ କୌଣସି ସରକାରୀ ବସ୍ ଚଳାଚଳର ସୁବିଧା ନ ଥିବାରୁ ଜନସାଧାରଣ ମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ଉକ୍ତ ମାର୍ଗରେ ସରକାରୀ ବସ୍ ଚଳାଚଳ ପାଇଁ ଜିଲ୍ଲାର ସମାଜସେବୀ ରାଜେଶ କୁମାର ବଗର୍ତ୍ତୀ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ଓ ସଚିବ ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ ସାଧାରଣ ପରିଚାଳକଙ୍କୁ ବାରମ୍ବାର ଚିଠି ପତ୍ର ଲେଖି ଅବଗତ କରାଇବା ସହ ସାକ୍ଷାତ କରି କି ଆଲୋଚନା କରିବା ପରେ ସୋମବାର ଦିନ ଖଜୁରୀପଡ଼ାଠାରୁ ଗୋପାଳପୁର ପର୍ଯ୍ୟନ୍ତ ଭାୟା-ଫୁଲବାଣୀ, ଶଙ୍କରାଖୋଲ, ଟିକାବାଲି, ତଲାରିମାହା, କଳିଙ୍ଗା, ମୁଜାଗଡ଼, ଭଞ୍ଜନଗର, ଆସିକା, ହିଞ୍ଜିଳିକାଟୁ ଏବଂ ବ୍ରହ୍ମପୁର ରାସ୍ତା ଦେଇ ନୂତନ ମାର୍ଗରେ ଏକ ଶୀତତାପ ନିୟନ୍ତ୍ରିତ ସରକାରୀ ବସ୍ ଚଳାଚଳର ଶୁଭାରମ୍ଭ ହୋଇଛି । ଉକ୍ତ ବସ୍ ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ, ବରିଷ୍ଠ ନାଗରିକ ସଂଘର ସଦସ୍ୟ, ଜିଲ୍ଲା ପରିବହନ ପରିଚାଳକ, ସହ-ପରିଚାଳକ ଉପସ୍ଥିତ ଥିଲେ । ପ୍ରତିଦିନ ଦିନ ବସ୍ ଟି ୧୨:୦୫ ମିନିଟ୍ ସମୟରେ ଖଜୁରୀପଡ଼ା ଠାରୁ ଛାଡ଼ିବ, ଫୁଲବାଣୀ ଠାରୁ ଦିନ ୦୧:୨୨ ସମୟରେ ଛାଡ଼ି ବ୍ରହ୍ମପୁର ଠାରେ ସନ୍ଧ୍ୟା ୦୬:୧୦ ଏବଂ ଗୋପାଳପୁର ଠାରେ ସନ୍ଧ୍ୟା ୦୬:୫୦ ସମୟରେ ପହଂଚିବ । ସେହିପରି ରାତି ୦୯:୧୦ ସମୟରେ ଗୋପାଳପୁର ଛାଡ଼ିବ, ବ୍ରହ୍ମପୁର ଠାରୁ ରାତି ୧୦:୦୦ ଟା ସମୟରେ ଛାଡ଼ି, ରାତି ୦୩ ଟା ସମୟରେ ଫୁଲବାଣୀ ପହଂଚିବ ଏବଂ ଖଜୁରୀପଡ଼ା ଠାରେ ଭୋର୍ ୦୪.୦୯ ମିନିଟ୍ ରେ ପହଂଚିବ । ଦୀର୍ଘ ଦିନର ଦାବି ପରେ ଏହି ମାର୍ଗରେ ନୂତନ ସରକାରୀ ବସ୍ ଚଳାଚଳ କରିଥିବାରୁ ମୁଖ୍ୟମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ବିଭାଗୀୟ ମନ୍ତ୍ରୀ, ସଚିବ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ସାଧାରଣ ପରିଚାଳକ ଏବଂ ଜିଲ୍ଲା ପରିବହନ ପରିଚାଳକ ଓ ସହ-ପରିଚାଳକଙ୍କୁ ରାଜେଶ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଆଗକୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରୁ ରାଜ୍ୟର ବିଭିନ୍ନ ପ୍ରମୁଖ ସହର ଗୁଡ଼ିକକୁ ସରକାରୀ ବସ୍ ଚଳାଚଳ ପାଇଁ ଉଦ୍ୟମ ଜାରି ରହିଛି ବୋଲି ରାଜେଶ କହିଛନ୍ତି ।

# ଦେବସ୍ନାନ ପୂର୍ଣ୍ଣିମା ଓ ଅଲାରନାଥ ଦର୍ଶନ ପାଇଁ ବୈଠକ

ପୁରୀ, ୯/୦୬ (ନି.ପ୍ର): ଚଳିତ ବର୍ଷର ଦେବସ୍ନାନ ପୂର୍ଣ୍ଣିମା ଜୁନ ୨୯ ତାରିଖରେ ଅନୁଷ୍ଠିତ ହେବ। ସ୍ନାନ ପୂର୍ଣ୍ଣିମା ପରଦିନ ଠାରୁ ବ୍ରହ୍ମଗିରି ସ୍ଥିତ ମହାପ୍ରଭୁ ଅଲାରନାଥଙ୍କ ଦର୍ଶନ ଆରମ୍ଭ ହୋଇଯିବ। ଉଭୟ କାର୍ଯ୍ୟକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ପାଇଁ ଏକ ବୈଠକ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ମହାପ୍ରଭୁଙ୍କ ଉଭୟ ସ୍ନାନ ଯାତ୍ରା ଓ ଅନବସର ସମୟରେ ଅଲାରନାଥଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁ ମାନଙ୍କ ଭିତର ଆଶା କରାଯାଉଛି। ତେଣୁ ଉଭୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଶୃଙ୍ଖଳିତ ଓ ସୁନ୍ଦର ଭାବେ ପରିଚାଳନା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ପୂର୍ବରୁ ଚଳିତ ସ୍ନାନ ଯାତ୍ରା ଓ ରଥଯାତ୍ରାକୁ ସୁଚାରୁ ରୁପେ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ମହାପ୍ରଭୁ ଅଲାରନାଥଙ୍କ ଦର୍ଶନ, ନୀତି କାନ୍ତି, ଶ୍ରଦ୍ଧାଳୁ ମାନଙ୍କ ସୁରକ୍ଷା, ସୁରକ୍ଷିତ ଦର୍ଶନ ଓ ସମସ୍ତ ବ୍ୟବସ୍ଥାକୁ ସୁ ନିୟନ୍ତ୍ରିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପରିଚାଳନା କମିଟି ସଦସ୍ୟ ଓ ଅଲାରନାଥ ମନ୍ଦିରର ସେବାୟତ ମାନଙ୍କ ଅଭିଜ୍ଞତା, ଅନୁଭବ ଓ ପରାମର୍ଶ ଅନୁସାରେ ଶ୍ରଦ୍ଧାଳୁ ମାନଙ୍କ ସୁବିଧା ପାଇଁ ଉପଜିଲ୍ଲାପାଳଙ୍କ ତତ୍ୱାବଧାନରେ ଅଲାରନାଥ ମନ୍ଦିରର ସ୍ଥିତି, ଆବଶ୍ୟକତାକୁ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ନିଷ୍ପତି ନିଆଗଲା। ବୈଠକର ନିର୍ଯ୍ୟାସ ଆଧାରରେ ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପରସ୍ପର ମଧ୍ୟରେ ସୁସମନ୍ୱୟ ଓ ସହଯୋଗ ରଖି କାର୍ଯ୍ୟ କଲେ ଅଧିକ ଶୃଙ୍ଖଳିତ ଭାବେ ଏହା ସମ୍ପର୍ଣ୍ଣ ହେବ ବୋଲି ମତ ଦେଇ ଯେଉଁ ବିଭାଗର ଯାହା ଦାୟିତ୍ୱ ଅତ୍ୟନ୍ତ ନିଷ୍ଠା ଓ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଶ୍ରୀ ପରିଡା ପରାମର୍ଶ ଦେଇଥିଲେ। ମହାପ୍ରଭୁଙ୍କ ଅନୁମୋଦିତ ନୀତି କାନ୍ତି ଅନୁସାରେ ସଠିକ ଭାବେ ମହାପ୍ରଭୁଙ୍କ ନୀତି ପରିଚାଳନା କରାଯିବ। ଏଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେବେ। ସେହିପରି ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରେଳଯାତ୍ରା ଓ ଯାତ୍ରୀ ସୁବିଧା, ରାସ୍ତା ଘାଟ ମରାମତି ଓ ଉନ୍ନତିକରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ବିପର୍ଯ୍ୟୟ ପରିଚାଳନା, ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ଓ ଜଳ ସିଂଚନ ବ୍ୟବସ୍ଥା, ଟେଲିଫୋନ ସେବା ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏସପି ପ୍ରତୀକ ସିଂ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ, ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଶ୍ରୀମନ୍ଦିର କମାଣ୍ଡାଂଟ ତାପସ ଦାସ, ଡେପୁଟି କଲେକ୍ଟର ପ୍ରିୟଦର୍ଶନୀ ମଲ୍ଲିକ, ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ. ଶରତ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ ବିଭ୍ରାଟ ନେଇ ବିଜେଡିର ହଲ୍ଲାବୋଲ୍: ଟିପିଡବ୍ଲ୍ୟୁଓଡ଼ିଏଲକୁ ଦାବିପତ୍ର ଦେଲେ ଦୀପାଳି ଦାସ

ଝାରସୁଗୁଡା, ୯/୦୬ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଲାଗି ରହିଥିବା ଅଘୋଷିତ ବିଦ୍ୟୁତ କାଟ୍ ଓ ଲୋ-ଭୋଲଟ୍ଟେଜ୍ ସମସ୍ୟାକୁ ନେଇ ସୋମବାର ବିଜୁ ଜନତା ଦଳ ପକ୍ଷରୁ ଜୋରଦାର ପ୍ରତିବାଦ କରାଯାଇଛି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପଳି ଦାସଙ୍କ ନେତୃତ୍ୱରେ ଶତାଧିକ ମହିଳା କର୍ମୀ ଓ ଦଳୀୟ ନେତାମାନେ ଏକ ବିରାଟ ରାଲିରେ ସାମିଲ ହୋଇ ଟିପିଡବ୍ଲୁଓଡ଼ିଏଲ କାର୍ଯ୍ୟାଳୟରେ ପହଂଚି ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବେହେରାମାଲସ୍ଥିତ ଡି.ଆର.ଡି.ଏ. କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ଏହି ରାଲି ଟିପିଡବ୍ଲୁଓଡ଼ିଏଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଂଚିଥିଲା। ଦାବିପତ୍ରରେ ଜିଲ୍ଲାରେ ଚାଲିଥିବା ବାରମ୍ବାର ବିଦ୍ୟୁତ ବିଭ୍ରାଟ ଓ ଲୋ-ଭୋଲଟ୍ଟେଜ୍ ସମସ୍ୟାର ତୁରନ୍ତ ସମାଧାନ ସହ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଦାବି କରାଯାଇଛି।

ଦୀପାଳି ଦାସ କହିଛନ୍ତି ଯେ, ଜିଲ୍ଲାରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ ଅତିକ୍ରମ କରୁଥିବା ବେଳେ ନିରନ୍ତର ବିଦ୍ୟୁତ କାଟ୍ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ବିଶେଷକରି ଶିଶୁ, ବୃଦ୍ଧବୃଦ୍ଧା ଓ ଅସୁସ୍ଥ ବ୍ୟକ୍ତିମାନେ ଏଥିରେ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ଏଭଳି ସ୍ଥିତିରେ ନିରବଛିନ୍ନ ବିଦ୍ୟୁତ ସେବା ଏକ ମୌଳିକ ଆବଶ୍ୟକତାରେ ପରିଣତ ହୋଇଛି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ପୂର୍ବ ବିଜେଡି ସରକାର ସମୟରେ ଲୋ-ଭୋଲଟ୍ଟେଜ୍ ସମସ୍ୟା ସମାଧାନ ଓ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ପର୍ଯ୍ୟାପ୍ତ ପାଣ୍ଠି ବ୍ୟବସ୍ଥା କରାଯାଇଥିଲା। ଏହି ପାଣ୍ଠିର ସଠିକ୍ ବ୍ୟବହାର କରି ଟିପିଡବ୍ଲୁଓଡ଼ିଏଲ କର୍ତ୍ତୃପକ୍ଷ ପ୍ରଭାବିତ ଅଂଚଳରେ ଶୀଘ୍ର ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ସେ ଦାବି କରିଛନ୍ତି। ନିୟମିତ ବିଦ୍ୟୁତ ବିଲ୍ ପୈଠ କରୁଥିବା ଉପଭୋକ୍ତାଙ୍କୁ ନିକୃଷ୍ଟ ସେବା ମିଳିବା ଦୁଃଖଦ ଓ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଏହା ସହ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ଗରିବ ପରିବାରଙ୍କ କିଛି ବକେୟା ବିଦ୍ୟୁତ ବିଲ୍ ଥିଲେ ମଧ ଗ୍ରୀଷ୍ମ ଋତୁରେ ସେମାନଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ନକରିବାକୁ କମ୍ପାନୀକୁ ଅନୁରୋଧ କରାଯାଇଛି।

ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ଜୟନ୍ତୀ ବାହୁକ, ପିଂଟୁ ପାଢ଼ୀ, ରଘୁମଣି ପଟେଲ, ରବି ସିଂ, ତାପସ ରାୟ ଚୌଧୁରୀ, ଅଶୋକ ଦାସ, ଆଲୋକ ତ୍ରିପାଠୀ, ପଥ୍ୱନ ସିଂ ଯାଦବ, ସନ୍ଦୀପ ଅବସ୍ତି, ଶଶୀଭୂଷଣ ତିୱାରୀ, ଦାମୋଦର ନାଥ, ଜଗନ୍ନାଥ ଜେନା, ରୁବିନ ପାଣ୍ଡେ, ଗୋପାଳ ପଟ୍ଟନାୟକ, ନଭନୀତ କୌର, ନାଗେଶ୍ୱରୀ ବୋନେଲା, ରୋଜାଲିନ ପଟେଲ ଓ ପବନ ଶର୍ମାଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହି ଦାବିକୁ ସମର୍ଥନ ଜଣାଇଥିଲେ।

# ଫୁଲବାଣୀ ଇନ୍‌ଡୋର ଷ୍ଟାଡିୟମରେ ଏକ ସପ୍ତାହ ବ୍ୟାପି ବ୍ୟାଡମିନଟନ ସମର କ୍ୟାମ୍ପ ଅନୁଷ୍ଠିତ

କନ୍ଧମାଳ, ୯/୦୬ (ନି.ପ୍ର): ଫୁଲବାଣୀ ଇନଡୋର ଷ୍ଟାଡିୟମରେ ରାଜ୍ୟ କ୍ରିଡା ଓ ଯୁବ ବ୍ୟାପାର ପରିଚାଳନାରେ ଜୁନିୟର ବର୍ଗର ଏକ ସପ୍ତାହ ବ୍ୟାପୀ ବ୍ୟାଡମିନଟନ ସମର କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଗତ ଏକ ତାରିଖ ରେ ଆରମ୍ଭ ହୋଇଥିବା ଏହି ଶିବିର ରେ ୩ ଜଣ ବାଳିକାଙ୍କ ସମେତ ସମୁଦାୟ ୫୭ ଜଣ ଅଂଶଗ୍ରହଣ କରିଥିଲେ। ଶିବିରର ଶେଷ ଦିନରେ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଙ୍ଗଲ୍ସ ୱିନର ଭାବରେ ଅଭିଜିତ୍ କହଁର ବିବେଚିତ ହୋଇଛନ୍ତି। ସେହିପରି ରନରସଅପ୍ ଭାବରେ ଦିବ୍ୟଜ୍ୟୋତି ମହାନ୍ତି ଏବଂ ଦ୍ୱିତୀୟ ରନର୍ସଅପ୍ ଭାବରେ,ସାଇକ୍ରିଷ୍ଣା ମହାନ୍ତି ଅକୃତକାର୍ଯ୍ୟ ହୋଇଥିବା ବେଳେ,ଡବଲ୍ସରେ ୱିନର ଭାବରେ ଦିବ୍ୟଜ୍ୟୋତି ଓ ଅଭିଜିତ୍ ହୋଇଛନ୍ତି । ସେହିପରି ରନର୍ସଅପ୍ ଭାବରେ ସାଇକ୍ରିଷ୍ଣା ଓ ଅଂଶୁମାନଙ୍କର ଜୋଡି ଏବଂ ଦ୍ୱିତୀୟ ରନରସଅପ୍ ଭାବରେ ଓମ୍ ସତ୍ୟପ୍ରକାଶ ବାଣୁଆ ଓ ଆରବ ଦେହୁରୀଙ୍କ ଜୋଡି ବିବେଚିତ ହୋଇଛନ୍ତି। ଆଜି ଶେଷ ସନ୍ଧ୍ୟାରେ ଅନୁଷ୍ଠିତ ଏହି ଫାଇନାଲ୍ ଖେଳରେ ଶେଷ ପରେ। ସମର କ୍ୟାମ୍ପ ର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ,କନ୍ଧମାଳ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରବୀଣ କୁମାର ବଣୁଆ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଅୟୋଜିତ ଏହି ସମର କ୍ୟାମ୍ପ ର ପ୍ରସଂଶା କରିଥିଲେ । ଏହି ଅବସରରେ ଅନ୍ୟତମ ଅତିଥି ଭାବରେ କନ୍ଧମାଳ ଜିଲ୍ଲା ବ୍ୟାଡମିନ୍ଟନ ଆସୋସିଏସନର ସଭାପତି ତଥା ପୁର୍ବତନ ଖେଳାଳି ଅଶୋକ କୁମାର ପଟ୍ଟନାୟକ,ସମ୍ପାଦକ ତଥା ଜାତୀୟ ସ୍ତରର ଖେଳାଳି ଓ ଟିମ୍ ମ୍ୟାନେଜର ଦୀପକ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ପାତ୍ର ଓ ବରିଷ୍ଟ ଖେଳାଳି ଶ୍ରୀ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ମୁଖ୍ୟ ଅତିଥିଙ୍କ ସମେତ ଖେଳାଳି ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସପ୍ତାହ ବ୍ୟାପୀ ଏହି ସମର କ୍ୟାମ୍ପ କୁ ଫୁଲବାଣୀ ଇନଡୋର ଷ୍ଟାଡିୟମ ର ପ୍ରଶିକ୍ଷକ ଶ୍ରୀ ଅସୀମ କୁମାର ନାୟକ ପରିଚାଳନା କରିଥିଲେ। ଅୟୋଜିତ ଏହି ଶିବିର କୁ ସମସ୍ତ ଅଭିଭାବକ ମହଲରେ ପ୍ରସଂଶା କରାଯାଇଛି।

# ଜାତିପ୍ରଥାର ଉତ୍ପାଟନ ଓ ପ୍ରଗତିଶୀଳ ସମାଜ



ଅଧ୍ୟାପକ ଗୋପବନ୍ଧୁ

ଜାତିପ୍ରଥା ଏକ ତର୍କସମ୍ମତ ସାମାଜିକ ବ୍ୟବସ୍ଥା ନୁହେଁ। ଏହା ମାନବିକତା ଓ ସମାନତାର ପରିପନ୍ଥୀ। ଏକ ପ୍ରଗତିଶୀଳ ସମାଜ ଗଠନରେ ପ୍ରତିବନ୍ଧକ। ଜାତି ବିଜ୍ଞାନ ଅନୁମୋଦିତ ବ୍ୟବସ୍ଥା ନୁହେଁ। ସାମାଜିକ ବିଦ୍ୱେଷ ଓ ହିଂସା ସୃଷ୍ଟିର ଏହା ଅନ୍ୟତମ କାରଣ। ଜାତିପ୍ରଥା ଧର୍ମାନୁମୋଦିତ ମଧ୍ୟ ନୁହେଁ। ସମାଜରେ କର୍ମ ବିଭାଜନକୁ ସୂଚୀତ କରେ। ଏହା ଆଦୌ ବଂଶାନୁକ୍ରମିକ ନୁହେଁ। ଦଳେ ଚାଲାକ ଓ ସୁବିଧାବାଦୀ ଲୋକ ଏହାକୁ ବଂଶାନୁକ୍ରମିକ ବନାଇଛନ୍ତି। ତେଣୁ ଏହାକୁ ହଟାଇ ଆଦ୍ୟ ପବିତ୍ରତାକୁ ପୁନର୍ବାର ସ୍ଥାପନ କରିବା ଅତ୍ୟନ୍ତ ଜରୁରୀ। ସମାନତା ଉପରେ ପ୍ରତିଷ୍ଠିତ ଏକ ଭେଦଭାବ ରହିତ ପ୍ରଗତିଶୀଳ ସମାଜ ଗଠନ ସମୟର ଆବଶ୍ୟକତା ଅଟେ। ଏ ଦିଗରେ ଯୋଜନାବଦ୍ଧ ପଦକ୍ଷେପ ଉଭୟ ସାମାଜିକ ଓ ସରକାରୀ ସ୍ତରରେ ନିଆ ହେଲେ ଉପାଦେୟ ହେବା ନିଶ୍ଚିତ। ଅତୀତରେ ଏବାବଦରେ ଅନେକ ସାମାଜିକ କାର୍ଯ୍ୟକ୍ରମ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ହୋଇଛି। ଯଦିଓ ବିଶେଷ ସଫଳତା ମିଳିନାହିଁ ତଥାପି ଏହାର ପ୍ରଭାବ ସମାଜରେ କିଛି ମାତ୍ରାରେ ପଡିଛି। ଅତୀତର ଜାତିପ୍ରଥା ବିରୋଧି ଆନ୍ଦୋଳନ ନିଶ୍ଚୟ ମାର୍ଗଦର୍ଶନ କରିବ ଆଗକୁ ବଢ଼ିବାରେ ଓ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାରେ।

ପ୍ରଥମରେ ଜାତିପ୍ରଥା ବିରୋଧି ଆନ୍ଦୋଳନ ମନ୍ଦିରରୁ ଆରମ୍ଭ ହେବା ଜରୁରୀ। ହିନ୍ଦୁ ଜାଗରଣର ଏହା ଅଂଶବିଶେଷ ହେବା ଉଚିତ। ଏହି ଧର୍ମରେ କେଉଁଠାରେ ବି ବଂଶାନୁକ୍ରମିକ ଜାତିବାଦକୁ ସ୍ୱୀକୃତି ଦିଆଯାଇ ନାହିଁ। ଧର୍ମ ଅନୁସାରେ ଯିଏ ଯେଉଁ କାର୍ଯ୍ୟ କରିବ ତାକୁ ସେହି ଜାତିର ଅନ୍ତର୍ଗତ କରାଯାଉ। ବାପା ଯେଉଁ ଜାତିର ହେବ ପୁଅ ମଧ୍ୟ ସେହି ଜାତିର ହେବା ଧର୍ମାନୁମୋଦିତ ନୁହେଁ। କର୍ମ ଅନୁସାରେ ପିଲାମାନଙ୍କ ଜାତି ନିର୍ଣ୍ଣୟ ହେଉ। ହିନ୍ଦୁ ପଣ୍ଡିତମାନେ ବଂଶାନୁକ୍ରମିକ ଜାତିବ୍ୟବସ୍ଥାକୁ ଅସିଦ୍ଧ ଘୋଷଣା କରନ୍ତୁ। ଏହି ପଣ୍ଡିତମାନଙ୍କ ସର୍ବୋଚ୍ଚ ନିୟାମକ ସଂସ୍ଥା ରହୁ ବ୍ୟକ୍ତିର କର୍ମ ଅନୁସାରେ କିଏ କେଉଁ ଜାତିର ହେବ ତାହା ନିର୍ଣ୍ଣୟ କରିବା ପାଇଁ। ଅନ୍ୟଥା କେବଳ ପୂଜକ ଗୋଷ୍ଠୀ(ବ୍ରାହ୍ମଣ)କୁ ଛାଡି ଅନ୍ୟ ସମସ୍ତ ଜାତିର ସମାପ୍ତ କରାଯାଉ। ଯିଏ ପୂଜକ ବା ବ୍ରାହ୍ମଣ ହେବ ତାହା ଯୋଗ୍ୟତା ଭିତ୍ତିରେ ଚୟନ ହେଉ। ଯିଏ ବ୍ରାହ୍ମଣର କାର୍ଯ୍ୟ ତୁଲାଇ ପାରିବ ତାକୁ ବ୍ରାହ୍ମଣର ଆଖ୍ୟା ଦିଆଯାଉ। ବଂଶାନୁକ୍ରମିକ ଭାବେ ବ୍ରାହ୍ମଣ ହେବା ପ୍ରକ୍ରିୟାକୁ ବନ୍ଦ କରାଯାଉ। ଏହାଦ୍ୱାରା ବଂଶାନୁକ୍ରମିକ ଜାତିପ୍ରଥାକୁ ରୋକାଯାଇ ପାରିବ। ଏବେ ବର୍ଣ୍ଣ ବା ଜାତି ଅନୁସାରେ ଅଧିକାଂଶ ଲୋକ କର୍ମ କରୁ ନାହାଁନ୍ତି। ତେଣୁ ବର୍ଣ୍ଣ ବା ଜାତି ତାର ଗୁରୁତ୍ୱ ହରାଇ ବସିଛି। ଯାହାର ବାସ୍ତବ ସ୍ଥିତି ନାହିଁ ତାକୁ ବଜାଇ ରଖିବାକୁ ଚେଷ୍ଟା କରିବା ଅସମୀଚିନ। ଜାତିପ୍ରଥାର ବିଲୋପ ଧ୍ୱନି ମନ୍ଦିରରୁ ଆରମ୍ଭ ହେଲେ ଏହା ନିଶ୍ଚୟ ସଫଳ ହେବ। ଏପରି ମନ୍ଦ ପ୍ରଥାର ଲୋପ ହେଉ।



ଦ୍ୱିତୀୟରେ ସରକାରୀ ସ୍ତରରେ କିଛି ଉପାଦେୟ ପଦକ୍ଷେପ ସଫଳତା ଆଣିବ। ସରକାର ପ୍ରତ୍ୟେକଙ୍କ କେଉଁ ଜାତି ତାହା ତାଙ୍କ ଜମିର ପଟ୍ଟାରେ ସୂଚୀତ କରିଛନ୍ତି। ଏହାକୁ ହଟାଯିବା ଉଚିତ୍। ସରକାର ପ୍ରତ୍ୟେକ କ୍ଷେତ୍ରରେ ଜାତିର ବ୍ୟବହାରକୁ ନିଷିଦ୍ଧ ଘୋଷଣା କରନ୍ତୁ। ତେବେ ଏଠାରେ ଉଲ୍ଲେଖ କରିବା ସମୀଚିନ ହେବ ଯେ ଏପରି ସରକାରୀ ପଦକ୍ଷେପ ଫଳପ୍ରଦ ହେବ ନାହିଁ ଯଦି ସାମାଜିକ ସ୍ତରରେ ଏହା କାର୍ଯ୍ୟକାରୀ ନହୁଏ। ଏହା ଦ୍ୱାରା ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗମାନେ ପାଉଥିବା ସଂରକ୍ଷଣ ସୁବିଧା ସୁଯୋଗ ଆଉ ପାଇବେ ନାହିଁ। ସମାଜରେ ଯେହେତୁ ଜାତିବ୍ୟବସ୍ଥା ରହିଛି ତେଣୁ ଜାତି ଜାତି ମଧ୍ୟରେ ସମାନତା ଆଣିବାପାଇଁ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି। ଯଦି ଜାତି ରହିବ ନାହିଁ ତେବେ ଜାତି ଭିତ୍ତିକ ସଂରକ୍ଷଣ କୋଉଠୁ ଆସିବ। ଏଦିଗରେ ପର୍ଯ୍ୟାୟକ୍ରମେ କାମ ହେବା ଉଚିତ। ଯେଉଁ ସଂରକ୍ଷିତ ବର୍ଗ ତଳେ ପଡ଼ିଛନ୍ତି ସେମାନଙ୍କ କ୍ଷୀପ୍ର ବିକାଶ ପାଇଁ କାମ ହେବା ଉଚିତ। ଜାତିପ୍ରଥାକୁ ଯଦି ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇ ପାରିବ ତେବେ ଏହାର ସାମାଜିକ ପ୍ରଭାବକୁ ହ୍ରାସ କରିବା ପାଇଁ ସଂରକ୍ଷିତ ବର୍ଗ ପରବର୍ତ୍ତେ ସଂରକ୍ଷିତ ପରିବାର ନିଆ ଯାଇପାରେ। ଏହି ପରିବାରଗୁଡ଼ିକର ବିକାଶ ହେଲାପରେ ଆଉ ସଂରକ୍ଷଣର ଆବଶ୍ୟକତା ପଡିବ ନାହିଁ।

ତୃତୀୟରେ ଜାତି ଜାତି ମଧ୍ୟରେ ବୈବାହିକ ସମ୍ବନ୍ଧ ସ୍ଥାପନ ଜାତିପ୍ରଥାକୁ ହଟାଇବାକୁ ଯଥେଷ୍ଟ ସହାୟକ ହେବ। ଏବେ କିଛି ମାତ୍ରାରେ ଏହା ଚାଲିଛି। ତେବେ ଏହାକୁ ଆହୁରି ବ୍ୟାପକ କରିବାକୁ ପଡିବ। ଜାତି ଜାତି ମଧ୍ୟରେ ରୋଟି ଓ ବେଟିର ସମ୍ବନ୍ଧ ଯେତେ ମଜଭୁତ ହେବ ଜାତିପ୍ରଥା ସେତେ ଦୁର୍ବଳ ହେବ। ସାଧାରଣତଃ ଦେଖାଯାଉଛି ଏହି ପ୍ରକାର ବିବାହ ପ୍ରେମ ବ୍ୟାପାର କ୍ଷେତ୍ରରେ ଅନୁଷ୍ଠିତ ହେଉଛି। କିଛି ପ୍ରଗତିଶୀଳ ପରିବାର ଏହାକୁ ଗ୍ରହଣକରି ନେଇଛନ୍ତି। ଏହିପ୍ରକାର ବିବାହ ପାଇଁ ଉଭୟ ସାମାଜିକ ଓ ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିବା ଉଚିତ। ଯେଉଁଦିନ ଜାତି ଜାତି ମଧ୍ୟରେ ଅନାୟାସରେ ବୈବାହିକ ସମ୍ବନ୍ଧ ସ୍ଥାପିତ ହୋଇପାରିବ ସେହିଦିନ ଜାତିପ୍ରଥା ତାର ପ୍ରାସଙ୍ଗିକତା ହରାଇ ବସିଛି ବୋଲି ଧରିବାକୁ ହେବ। ସଂଖ୍ୟାଧିକ ଲୋକ ଏହି ପ୍ରକାର ବିବାହକୁ ଗ୍ରହଣ କରିପାରି ନାହାଁନ୍ତି। ଏହାକୁ ନେଇ ଅନର କିଲିଂ ହେଉଛି। ସାମାଜିକ ସ୍ତରରେ ଗଣ୍ଡଗୋଳ ମଧ୍ୟ ହେଉଛି। ଏଦିଗରେ ବ୍ୟାପକ ଜନ ସଚେତନତା ଜରୁରୀ। ସମସ୍ତ ମନୁଷ୍ୟ ସମାନ। ଜାତିବ୍ୟବସ୍ଥା ପ୍ରାକୃତିକ ସୃଷ୍ଟି ନୁହେଁ। ଏହା କେତେକ ଲୋକଙ୍କର ଚତୁର ସୃଷ୍ଟି ବୋଲି ଲୋକଙ୍କୁ ଅବଗତ କରାଇବାକୁ ହେବ। ଯେଉଁମାନେ ଆନ୍ତଃଜାତିକ ବିବାହ କରୁଛନ୍ତି ତାଙ୍କୁ ସମାଜରେ ସମ୍ମାନ ମିଳିବା ଉଚିତ୍। ଏମାନଙ୍କୁ ଚାକିରୀ ସମେତ ବିଭିନ୍ନ କ୍ଷେତ୍ରରେ ସରକାରୀ ସଂରକ୍ଷଣ ମଧ୍ୟ ମିଳିବା ଉଚିତ୍।

ଚତୁର୍ଥରେ ଜାତିସୂଚକ ସାଙ୍ଗିଆ ବା ଟାଇଟେଲର ପରିତ୍ୟାଗ ଜାତିପ୍ରଥାର ବିଲୋପ ଦିଗରେ ଅନେକ ସହାୟକ ହେବ। ଦେଶର ସଂଖ୍ୟାଧିକ ସାଙ୍ଗିଆ ଜାତିସୂଚକ। ସାଧାରଣରେ ଜଣକର ଟାଇଟେଲରୁ ଜଣାପଡ଼େ ସେ କେଉଁ ଜାତିର ବୋଲି। ଏହା ଅନେକ ସମୟରେ ପାତର ଅନ୍ତର, ଅନୁଗ୍ରହ ଅନାଗ୍ରହ, ଉଚ୍ଚନୀଚ ପରି ଅମାନବୀୟ ଭାବନା ଜାଗ୍ରତ କରେ। ଜଣେ ଜୀବନସାରା ହୁଏତ ଜାତିଗତ ସୁବିଧା ପାଏ କିମ୍ବା ଜାତିଗତ ତାଡ଼ନାର ଶୀକାର ହୁଏ। ଜଣେ ଜାତିବାଦୀ ଲୋକ କେବେବି ଜାତିଗତ ଟାଇଟେଲ ଛାଡିପାରିବ ନାହିଁ। ଜାତିରହିତ ସମାଜ କଥା ଚିନ୍ତା କରୁଥିବା ବ୍ୟକ୍ତି ନିଜର ଜାତିସୂଚକ ଟାଇଟେଲ ଛାଡି ପାରିବ। ଏବେ ବେଶ୍ କିଛି ପିଲା ଜାତି ସୂଚକ ଟାଇଟେଲ ଛାଡି ଦେଉଥିବାର ଦେଖିବାକୁ ମିଳୁଛି। ଏହା ଉତ୍ସାହଜନକ। ଏଦିଗରେ ସାମାଜିକ ଚେତନା ଜାଗ୍ରତ କରିବା ଲାଭଦାୟକ ହେବ। ସରକାର ମଧ୍ୟ ଜାତିସୂଚକ ଟାଇଟେଲର ବ୍ୟବହାରକୁ ବାରଣ କରିବା ଉଚିତ୍। ଏହା ସହିତ ଜାତିପ୍ରଥାକୁ ବଢାଇଲା ପରି କୌଣସି ଜାତିଗତ କାର୍ଯ୍ୟକ୍ରମକୁ ସରକାର ନିଷିଦ୍ଧ କରନ୍ତୁ। ଦେହରେ ଜାତିଗତ ଚିହ୍ନ ଧାରଣ କରିବା କୌଣସି ଗୋଟିଏ ଜାତିର ପେଟେଣ୍ଟ ବା ଏକଚାଟିଆ ଅଧିକାର ନହେଉ। ନିଜକୁ ଉନ୍ନତ ବୋଲି ଦେଖାଇ ହେବାର ସାମାଜିକ କାର୍ଯ୍ୟକଳାପକୁ ମଧ୍ୟ ବାରଣ କରାଯାଉ।

ବିଶ୍ୱ ମାନବ ସମାଜ କ୍ଷୀପ୍ରଭାବେ ଆଗକୁ ବଢ଼ିଚାଲିଛି। ଚନ୍ଦ୍ରରେ ପାଦ ଥାପିସାରି ମଙ୍ଗଳ ଗ୍ରହରେ ପାଦ ଥାପିବାର ଯୋଜନା କରୁଛି। ଏପରି ପରିସ୍ଥିତିରେ କୋଉ ପୁରୁଣା ବିଚାରଧାରାକୁ ନେଇ ଆମେ ଜାତିଗତଭାବେ କିଏ ବଡ ଓ କିଏ ସାନ ତାକୁ ଧରି ଝଗଡାରେ ମାତିଛୁ। ଏବେ ସାମୁହିକ ସଂକଳ୍ପର ସମୟ ଆସିଛି। ସମସ୍ତେ ମିଳିତଭାବେ ଜାତିପ୍ରଥାର ସମାପ୍ତ କରିବା। ଆମ ପ୍ରାଚୀନ ସଭ୍ୟତାର ଚରମ ଉତ୍କର୍ଷତାକୁ ପୁନଃ ସ୍ଥାପନ କରିବା।


+(ଅବସରପ୍ରାପ୍ତ), ଦର୍ଶନ ବିଭାଗ

ବାରିପଦା, ମୟୁରଭଞ୍ଜ,

ମୋ. ୭୦୦୮୯୭୬୧୮୦


# ନିଷ୍ପ୍ରଭ ହେଉଛି ସାମୁଦ୍ରିକ ପ୍ରାଣୀମାନଙ୍କର ଧ୍ୱନି



ନାରାୟଣ ଚନ୍ଦ୍ର ବିଶ୍ୱାଳ

କଥାବାର୍ତ୍ତା ବା ଭାବର ଆଦାନ ପ୍ରଦାନ ଆବହମାନ ସମୟରୁ ରହିଆସିଛି। ଏ ସୃଷ୍ଟିର ବଡ଼ ବୈଚିତ୍ରତା ହେଉଛି ମଣିଷ ଠାରୁ ଜୀବ ଜଗତ, କୀଟପତଙ୍ଗ ସମସ୍ତଙ୍କର ଏହି ଧ୍ୱନୀ ପ୍ରକରଣ ଯେତିକି ରହସ୍ୟମୟ ସେତିକି ଆଶ୍ଚର୍ଯ୍ୟଜନକ। ଆପଣ ଗାଁ ଗଣ୍ଡାର କଥାଟିକେ ମନେ ପକାନ୍ତୁ, ଖରାଦିନେ ବାଉଁଶ ବାଡ଼ି ଆଡ଼େ ଅନେକ 'କଡ଼ କଡ଼' ଧ୍ୱନୀ ଶୁଣନ୍ତି। ସେହିପରି ଅନେକ ପବନ ସୁ ସୁ ଶବ୍ଦରେ ଆସିଲା ବୋଲି ନିଜ ଅନୁଭୂତିରୁ କହିଥାନ୍ତି। ପଶୁମାନଙ୍କ ଭିତରେ ବିଶେଷକରି ଗୋରୁଗାଈଙ୍କ ହମ୍ବାଳ, କୁକୁରର ଚିତ୍କାର ଓ ବେଳେ ବେଳେ ଲମ୍ବା କାନ୍ଦଣା, ବିଲୁଆଙ୍କ ହୁକେ ହୁ, କୋଇଲିର କୁହୁତାନ, ଘୋଡ଼ାର ରାବ ଏପରି ଅନେକ ଧ୍ୱନୀର ବାସ୍ତବିକ ବ୍ୟବସ୍ଥା ଆମେ ସବୁ ଅନୁଭବ କରିଥାଉ। ଏ ଦୁନିଆରେ ସମସ୍ତେ କହିବା ପାଇଁ, ଦେଖିବା ପାଇଁ ଠାରୁ ବେଶି ଶୁଣିବା ପାଇଁ ଚାହାଁନ୍ତି। ଆଉ ଭାବ ଆଦାନପ୍ରଦାନ ହେଉଛି ମଣିଷର ସହଜାତ ଗୁଣ, ପ୍ରକୃତି ଓ ପ୍ରବୃତ୍ତି। ତେବେ ବର୍ତ୍ତମାନର କିଛି ଅସ୍ୱାଭାବିକ ବିଲକ୍ଷଣ ଏହି ଧ୍ୱନୀର ତରଙ୍ଗକୁ ନିଷ୍ପ୍ରଭ କରିବାକୁ ଯାଉଛି।

ବର୍ତ୍ତମାନ ସମଗ୍ର ବିଶ୍ୱରେ ହର୍ମୋର୍ଜ ପ୍ରଣାଳୀରେ ସାମୁଦ୍ରିକ ଉତ୍ତେଜନା ଓ ସମଗ୍ର ସମୁଦ୍ରାଞ୍ଚଳ ଯେଉଁପରି ବିପଦଜନକ ହୋଇପଡ଼ିଛି ତାହା ପରିବେଶ ବିଜ୍ଞାନୀ ମାନଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। କିଛି ଦିନ ଥଣ୍ଡା ପଡ଼ିଯାଇଥିବା ପରେ ପୁନର୍ବାର ଆମେରିକା-ଇରାନ-ଇସ୍ରାଏଲ ସାମରିକ ଯୁଦ୍ଧରେ ସବୁଠାରୁ ବଡ଼ କଷ୍ଟକୁ ସାମ୍ନା କରୁଛନ୍ତି ଶାନ୍ତ, ସରଳ ଓ ନିରୀହ, ମୁକ ଡଲଫିନ୍ ଓ ସାମୁଦ୍ରିକ ଜୀବ ମାନେ । ଦିନ ଥିଲା ତିମି ମାନଙ୍କ ସଂଗୀତ ଓ ବିଶାଳକାୟ ଡଲଫିନ୍‌ର ଏକ ପ୍ରକାର ସୁଷ୍ଠୁରି ଶବ୍ଦରେ ପୁରି ଉଠୁଥିଲା ସମୁଦ୍ରର ବିସ୍ତୃତ ଅଞ୍ଚଳ। ଦିଗନ୍ତ ବିସ୍ତାରୀ ପର୍ଯ୍ୟନ୍ତ ଏହା ଏକ ସୁମଧୁର ସଂଗୀତ ପରି ଅନେକଙ୍କୁ ଶୁଭିଥାଏ। ବର୍ତ୍ତମାନ ଆମ ମାନଙ୍କ ତିଆରି ମେସିନରୁ ଅବିରାମ କର୍କଶ ଧ୍ୱନି ନିର୍ଗତ ହୋଇ ସେମାନଙ୍କ ସ୍ୱର ଲହରିକୁ ଏକ ପ୍ରକାର ଅଥଳ ଜଳରେ ହଜାଇ ଦେଇଛି। ସାମୁଦ୍ରିକ ପରିସଂସ୍ଥାନ ପ୍ରତି ଭୟାବହ ବିପଦ ହୋଇ ବୃଦ୍ଧି ପାଉଛି ସାଗର ଶବ୍ଦ ପ୍ରଦୂଷଣ। ବିଶେଷଜ୍ଞ ମାନଙ୍କ ଗବେଷଣାର ତଥ୍ୟ ଯାହା ଉଲ୍ଲେଖ କରିଛି ସାଗର ଶବ୍ଦ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ବାଣିଜ୍ୟିକ ଜାହାଜ। ଏବେ ପୃଥିବୀର ବିଭିନ୍ନ ସମୁଦ୍ର ଅଞ୍ଚଳରେ ୨୫୦୦୦ରୁ ଉର୍ଦ୍ଧ୍ୱ ଅଧିକ ସଂଖ୍ୟକ ଜାହାଜ ଆତଯାତ କରୁଛି। ସେମାନଙ୍କ ଇଞ୍ଜିନ ପଙ୍ଖାରୁ ନିରନ୍ତର କର୍କଶ ଶବ୍ଦ ଅଥଳ ଜଳରାଶିକୁ ଗତି କରୁଛି। କେବଳ ବାଣିଜ୍ୟିକ ଜାହାଜ ନୁହେଁ ବିଶାଳକାୟ ସାମରିକ ଜାହାଜ ବା ଯୁଦ୍ଧପୋତ ଏପରିକି ବିଳାସକାରୀଙ୍କ ପାଇଁ ଯେଉଁ କ୍ରୁଜ୍ ସବୁ ସମୁଦ୍ରରେ ଆତଯାତ ହେଉଛି ସେ ସବୁ ସାମୁଦ୍ରିକ ପରିସଂସ୍ଥାର ବିପଦକୁ ଆହୁରି ସଂଗୀନ କରୁଛି। ଭୟାନକ ଚିତ୍ରଟି ହେଉଛି ସଦ୍ୟ ହର୍ମୋଜ ପ୍ରଣାଳୀକୁ ନିଜ ଦଖଲରେ ରଖିବା ପାଇଁ ଇରାନ ଦ୍ୱାରା ହଜାର ହଜାର ସାମୁଦ୍ରିକ ମାଇନ୍ସ ବିଛା ଯାଇଛି ଯାହାର ସଂସ୍ପର୍ଶରେ ଆସିବା ମାତ୍ରେ ଯୁଦ୍ଧପୋତ ଗୁଡ଼ିକ ଅଚିରେ ଧ୍ୱଂସ ହୋଇଯିବ। ଆମେ ଭଲ ଭାବେ ଜାଣିଛେ ଆମ ବିଶ୍ୱର ଅଧାରୁ ଅର୍ଦ୍ଧେକ ଭାଗ ଜଳକୁ ନେଇ ଗଠିତ। ସାଗର ଭିତରେ ତୈଳ ଓ ପ୍ରାକୃତିକ ବାଷ୍ପ ସଧାନ କରିବା ପାଇଁ ବିଶ୍ୱର ବଡ଼ ଶକ୍ତି କୁହାଯାଉଥିବା ଆମେରିକା, ଋଷ, ଚାଇନା ସେମାନଙ୍କର ବିଶାଳକାୟ ସାଇଜମିକ୍ ଏୟାର ଗନ୍ କ୍ଷଣକୁ କ୍ଷଣ ଶକ୍ତିଶାଳୀ ବିସ୍ଫୋରଣ ଘଟାଉଛନ୍ତି। ସେହିପରି ସେନାବାହିନୀ ନିମିତ୍ତ ଆବଶ୍ୟକ ପଡୁଥିବା ନେଭଲ ସୋନାର, ବନ୍ଦର ଓ ପବନ କଳ ନିମନ୍ତେ ସ୍ତମ୍ଭ ଉଠାଇବା ଲାଗି ସମୁଦ୍ରରେ କରାଯାଇଥିବା ଖୋଦନ ଓ ମାଛ ଧରା ଜାହାଜରୁ ନିର୍ଗତ ଶବ୍ଦ ମଧ୍ୟ ସାଗର ଧ୍ୱନୀ ପ୍ରଦୂଷିତ କରୁଛି। ଦିନକୁ ଦିନ ଲକ୍ଷ ଲକ୍ଷ ମାଛଧରା ଛୋଟ ବଡ଼ ଜାହାଜ ଓ ଡଙ୍ଗା ଯେଉଁପରି ଭାବରେ ରାସାୟନିକ ପ୍ରସ୍ତୁତି ସହ ସମୁଦ୍ରରେ ଆତଯାତ ହେଉଛନ୍ତି ଏହା ସାଗରର ଶବ୍ଦ ପ୍ରଦୂଷଣ ନୁହଁ ଅଥଳ ଜଳରାଶିକୁ ମଧ୍ୟ ବିଷାକ୍ତ କରିଦେଉଛନ୍ତି।

ସମଗ୍ର ବିଶ୍ୱରେ ବାଣିଜ୍ୟ କ୍ଷେତ୍ର ପାଇଁ ସାମୁଦ୍ରିକ ପଥ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ବ୍ୟବସାୟ ପାଇଁ ଅଳ୍ପ ଖର୍ଚ୍ଚ ହୋଇଥାଏ। ତେବେ ଏହି ବାଣିଜ୍ୟ ବୃଦ୍ଧି ହେତୁ ସମୁଦ୍ରରେ ଦିନକୁ ଦିନ ଆହୁରି ବଡ଼ ବଡ଼ ଓ ଦ୍ରୁତଗାମୀ ଜାହାଜ ସବୁ ଚଳାଚଳ କରୁଛନ୍ତି। ତେଣୁ କରି ୧୯୬୦ ଦଶକକୁ ଦେଖିଲେ ବର୍ତ୍ତମାନ ସମୟରେ କେତେକ ଅଞ୍ଚଳରେ ସାମୁଦ୍ରିକ ଶବ୍ଦ ପ୍ରଦୂଷଣ ପ୍ରତି ଦଶନ୍ଧିରେ ଦୁଇ ଗୁଣିତ ନୁହେଁ ବରଂ ବହୁ ଗୁଣିତ ହୋଇ ଆସୁଛି। ଆମ ପାଖରେ ଥିବା ଭାରତ ମହାସାଗର କଥା ଆସନ୍ତୁ ପ୍ରଥମେ ବିଚାରିବା। ଏହି ମହାସାଗରରେ ଭେଳା ଭେଳା ଜାହାଜ ଗମନା ଗମନ ଯୋଗୁଁ ସାଗରର ଶବ୍ଦ ପ୍ରଦୂଷଣ ସମସ୍ୟା ଉତ୍କଟ ହେଉଛି। ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ହେତୁ ଭାରତର ପଶ୍ଚିମ ଉପକୂଳରେ ମଧ୍ୟ ଶବ୍ଦ ପ୍ରଦୂଷଣ ମଧ୍ୟ ଖୁବ ବୃଦ୍ଧି ପାଉଛି। ଆମେ ସମସ୍ତେ ଭୁଲି ଯାଉଛେଯେ, ଏହି ଅଥଳ ଜଳ ଭିତରର ଅନ୍ଧକାର ଦୁନିଆରେ ସାମୁଦ୍ରିକ ଜୀବମାନେ ଧ୍ୱନି ଉପରେ ନିର୍ଭର କରି ଚଳନ୍ତି। ଶହ ଶହ କିଲୋମିଟର ଦୂରରେ ଥିବା ଅନ୍ୟ ତିମି ମାନଙ୍କ ସହିତ ଭାବ ଯୋଡ଼ିବା ଲାଗି ତିମି ମାନେ ନିମ୍ନ ସ୍ୱରରେ ଗୀତ ଗାଇ ଥାଆନ୍ତି। ଡଲଫିନ ମାନେ ଇକୋଲୋକେସନ ବା ନିଜେ ଛାଡୁଥିବା ଧ୍ୱନୀର ପ୍ରତିଧ୍ୱନୀ ଉପରେ ନିର୍ଭର କରି ଶିକାର ସନ୍ଧାନ କରନ୍ତି। ବର୍ତ୍ତମାନ ଯେଉଁପରି ବିଶାଳକାୟ ମେସିନ ସବୁ ଆତଯାତ ହେଉଛି ଓ ସେମାନଙ୍କର ଧ୍ୱନୀ ଯୋଗୁଁ ସାମୁଦ୍ରିକ ପ୍ରାଣୀ ମାନଙ୍କର ଆବହମାନ ସମୟରୁ ରହି ଆସିଥିବା ଧ୍ୱନୀ ସତେଯେପରି ନିଷ୍ପ୍ରଭ ହୋଇଯାଉଛି। କେବଳ ସେମାନଙ୍କ ଦୁଃଖ ଏତିକିରେ ସରିନାହିଁ। ସାଥି ପାଇବା ହେଉ ବା ଖାଦ୍ୟ ସନ୍ଧାନ ଏପରିକି ବିପଦ ଏଡ଼ାଇବା ଏହି ନିରୀହ ସାମୁଦ୍ରିକ ଜୀବଙ୍କ ପକ୍ଷେ କଷ୍ଟକର ହୋଇଯାଉଛି।

ସମସ୍ୟାଟି ଏତିକିରେ ସରୁନାହିଁ, ଶବ୍ଦ ପ୍ରଦୂଷଣ ଯୋଗୁଁ ସାମୁଦ୍ରିକ ଜୀବ ମାନଙ୍କ ମସ୍ତିଷ୍କ ବି ଭାରାକ୍ରାନ୍ତ ହେଉଛି। ସେମାନେ ସାମହିକ ଅଥବା ସବୁଦିନ ପାଇଁ ସେମାନଙ୍କର ସ୍ମରଣ ଶକ୍ତି ହରାଉଛନ୍ତି। ଏହାସହ ସେମାନଙ୍କର ଦେଶାନ୍ତର ଯାତ୍ରା ଓ ଖାଦ୍ୟ ପାଇବାରେ ବଡ଼ ବ୍ୟାଘାତ ସୃଷ୍ଟି ହେଉଛି। ମେସିନ ଧ୍ୱନୀ ଯୋଗୁଁ ଭୟଭୀତ ହୋଇ ଜଳରୁ ବାହାରକୁ ଡିଆଁ ମାରିବା ଫଳରେ କେତେକ ଅସୁସ୍ଥତା ଭୋଗୁଛନ୍ତି, କିଛି ବେଳା ଭୂମିରେ ଫସି ଯାଉଛନ୍ତି ତ ଆଉ କେତେକଙ୍କ ଜୀବନ ଚାଲିଯାଉଛି। ପ୍ରମୁଖ ଜାହାଜ ଯାତାୟତ ମାର୍ଗ ହୋଇଥିବାରୁ ଭାରତ ମହାସାଗରରେ ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ତେଣୁ ଭାରତରେ ଥିବା ୭୫୦୦ କିଲୋମିଟର ସୁପ୍ରଶସ୍ତ ଉପକୂଳ ଅଚିରେ ସାଗର ଶବ୍ଦ ପ୍ରଦୂଷଣ କବଳିତ ହେବାର ଆଶଙ୍କା ଭିତରେ ରହୁଛି। ସାଗର ଶବ୍ଦ ପ୍ରଦୂଷଣ ଚିନ୍ତାଜନକ ହେଲେ ବି ନିରାକରଣର ବାଟ ରହିଛି। ଦ୍ରୁତ ଓ ବିଶାଳକାୟ ଜାହାଜ ଗୁଡ଼ିକ ବେଗ ହ୍ରାସ କଲେ ଶବ୍ଦ ପ୍ରଦୂଷଣ ଅନେକାଂଶରେ ହ୍ରାସ ପାଇବ। ଆଜିକାଲି ବୈଜ୍ଞାନିକ ପଦ୍ଧତିରେ ନୂତନ ଶୈଳୀରେ ନିର୍ମିତ ପଙ୍ଖା ଓ ଜାହାଜରେ ଦିଆଯାଉଥିବା ଆସ୍ତରଣ ଯୋଗୁଁ ବି ଶବ୍ଦ ପ୍ରଦୂଷଣ ହ୍ରାସ ପାଇପାରିବ। ତୈଳ ଓ ପ୍ରାକୃତିକ ବାଷ୍ପ ସନ୍ଧାନ ଏକ ରାଷ୍ଟ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଏହାକୁ କିଏ ମନା କରୁନାହିଁ କିନ୍ତୁ ଏହାର ଗମନ ପରିବର୍ତ୍ତେ କମ୍ପନ ଭିତ୍ତିକ ପଦ୍ଧତି ଅବଲମ୍ବନ କଲେ କମ ଶବ୍ଦ ହେବ। ଓଡ଼ିଶା କଥା ମଧ୍ୟ ଆଲୋଚନା ରଖୁଛୁ। ବ୍ରହ୍ମପୁର, ପାରଦ୍ୱୀପ, ମହାକାଳପଡ଼ା ପରି ସମୁଦ୍ରକୁ ଲାଗିଥିବା ମୁହାଣ ଏବଂ ବିଭିନ୍ନ ନଦୀରେ ବଡ଼ ବଡ଼ ମାଛଧରା ଡଙ୍ଗା ବିଶେଷକରି ଚିଲିକାରେ ଯାତ୍ରୀବାହୀ ଡଙ୍ଗା ଓ ବଡ଼ ବଡ଼ ଭେଳା, ଯେଉଁଥିରେ ଉଚ୍ଚ କ୍ଷମତାସମ୍ପନ୍ନ ମୋଟର ଲାଗିଛି ଏହା ଜଳଜୀବଙ୍କ ପାଇଁ ଘାତକ ସାବ୍ୟସ୍ତ ହେଉଛି। ପ୍ରଥମତଃ ବୁକୁ ଚିରା କମ୍ପନ ଓ ଦ୍ୱିତୀୟତଃ ଯେଉଁପରି ବିଷାକ୍ତ ତେଲ ଓ ଆବର୍ଜନା ଜଳରାଶିକୁ ବିଷାକ୍ତ କରୁଛି ଏହା ପ୍ରାଣୀଜଗତର ଖାଦ୍ୟ ପାଇଁ ନୁହେଁ ନିଃଶ୍ୱାସ ପ୍ରଶ୍ୱାସ ପାଇଁ ମଧ୍ୟ ବିଷାକ୍ତ ବୋଲି ଗବେଷକମାନଙ୍କର ମତ। ସେହିପରି ସ୍ପର୍ଶକାତର ଅଞ୍ଚଳଗୁଡ଼ିକ ଚିହ୍ନଟ କରି ନିଃଶବ୍ଦ ସାମୁଦ୍ରିକ ଜୋନ କରାଗଲେ ସାଗର ଶବ୍ଦ ପ୍ରଦୂଷଣ କିଛି ମାତ୍ରାରେ ହ୍ରାସ ପାଇବ। ଆମେ ମାନେ ନିଜର ଶ୍ରବଣ ଶକ୍ତି ହ୍ରାସ ପାଇଲେ କିପରି କଷ୍ଟ ଅନୁଭବ କରିଥାଉ ତାହା ଜଣେ ଅନୁଭବୀଙ୍କୁ ଜଣା। ତେଣୁ ଆମ ସମଗ୍ର ଜୀବ ମଣ୍ଡଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ଏହି ମୁକ ନିରୀହ ଜଳଚରଙ୍କ ଶବ୍ଦ ପ୍ରଦୂଷଣ କଥା ଆସନ୍ତୁ ଅନ୍ତତଃ ଟିକିଏ ତ ଚିନ୍ତା କରିବା!!


+ବାକ୍ ଶ୍ରବଣ ବିଶେଷଜ୍ଞ,

'ଧ୍ୱନୀ', କାଠଗୋଲା ରୋଡ଼,

ମଙ୍ଗଳାବାଗ, କଟକ,

ମୋ : ୯୪୩୮୨୭୬୭୬୦


# ଶ୍ରୀକ୍ଷେତ୍ରରେ ବୈକୁଣ୍ଠ



ଅଲେଖ ଚନ୍ଦ୍ର ସାମଲ

ମହାପ୍ରଭୁ ହେଉଛନ୍ତି ଅନନ୍ତ ଚେତନା, ଅମିତ ଭାବର ଭଣ୍ଡାର। ଦାରୁବ୍ରହ୍ମ ହେଉଛନ୍ତି ଦାରୁ ଓ ବ୍ରହ୍ମଙ୍କର ମିଳିତ ସ୍ୱରୂପ। ଓଡ଼ିଶାର ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ଦେବତା। ତାଙ୍କର ନୀତିକାନ୍ତି ସବୁକିଛି ସ୍ୱତନ୍ତ୍ର। ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ରରେ ଅନେକ ସ୍ୱତନ୍ତତା ରହିଛି। ବିଶେଷକରି ଶ୍ରୀକ୍ଷେତ୍ର ସମ୍ବନ୍ଧିତ ବୈକୁଣ୍ଠ ସମ୍ପର୍କରେ ଆମର ଆଲୋଚନା।

ନୀଳାଦ୍ରି ବୈକୁଣ୍ଠ : ନୀଳାଦ୍ରି ଶବ୍ଦ ପ୍ରଥମେ ତାମିଲନାଡୁର ଆଲୱାର ଭକ୍ତମାନେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଉଦ୍ଦେଶ୍ୟରେ ପ୍ରୟୋଗ କରିଥିବା ଗବେଷଣାରୁ ଜଣାପଡ଼ିଛି। ମହାପ୍ରଭୁ ଜଗନ୍ନାଥ ଯେଉଁ ରତ୍ନସିଂହାସନରେ ବିଜେ କରିଛନ୍ତି ତାହାକୁ ନୀଳାଦ୍ରି ବୈକୁଣ୍ଠ କୁହାଯାଏ। ଏହା ଅତ୍ୟନ୍ତ ପବିତ୍ର। ଏହି ବୈକୁଣ୍ଠ ଦର୍ଶନ କଲେ ମଣିଷକୁ ପୁନର୍ଜନ୍ମରୁ ମୁକ୍ତି ମିଳିଥାଏ ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି।

ଲୀଳା ବୈକୁଣ୍ଠ : ନୀଳାଦ୍ରି ବୈକୁଣ୍ଠ ବା ରତ୍ନବେଦିର ସମ୍ମୁଖରେ ଗରୁଡ଼ ସ୍ତମ୍ଭଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଜଗମୋହନକୁ ଲୀଳା ବୈକୁଣ୍ଠ କୁହାଯାଏ। ମହାପ୍ରଭୁଙ୍କ ପ୍ରତିନିଧି ଅର୍ଚ୍ଚା ବିଗ୍ରହମାନେ ଏହି ଠାରେ ଲୀଳା କରିଥାନ୍ତି। ମହାପ୍ରଭୁଙ୍କ ଘୋଷଯାତ୍ରାରେ ଆଡ଼ପ ମଣ୍ଡପରୁ ଆସିଲା ବେଳେ ଏହି ବୈକୁରେ ଦଣ୍ଡାୟମାନ ହୋଇ ବନ୍ଦାପନା ଲୀଳା ହୋଇଥାଏ ବୋଲି ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ। ଏବେ ମଧ୍ୟ ରଥଯାତ୍ରାରେ ଶ୍ରୀଜୀଉ ରତ୍ନବେଦୀକୁ ଫେରିଲା ବେଳେ ଏହି ବୈକୁଣ୍ଠରେ ମହାପ୍ରଭୁଙ୍କ ଲୀଳା ହେଉଛି।

ପୂର୍ବ ବୈକୁଣ୍ଠ : ଶ୍ରୀମନ୍ଦିର ପରିସରରେ ଦୁଇଟି ବୈକୁଣ୍ଠ ଥିବାସ୍ଥଳେ ବାହାର ବେଢ଼ାରେ ସିଂହଦ୍ୱାର ଗୁମୁଟ ହେଉଛି ପୂର୍ବ ବେଢ଼ାରେ ସିଂହଦ୍ୱାର ଗୁମୁଟ ହେଉଛି ପର୍ବ ବୈକୁଣ୍ଠ। ଯେଉଁଠାରେ ଶ୍ରୀପତିତପାବନ ବିଜେ କରିଛନ୍ତି। ମହାପ୍ରଭୁ ଏହି ଦ୍ୱାର ଦେଇ ରଥଯାତ୍ରାକୁ ବିଜେ କରିଥାନ୍ତି ଏବଂ ନୀଳାଦ୍ରି ମହୋଦୟ ଅବସରରେ ରତ୍ନବେଦିକୁ ଫେରିଥାନ୍ତି। ଏହା ହେଉଛି ପ୍ରଥମ ପ୍ରବେଶ ପଥ। ଏହି ବୈକୁଣ୍ଠରେ ଭକ୍ତଙ୍କ ମାନସିକତାରେ ପରିବର୍ତ୍ତନ ଘଟିଥାଏ।

ବ୍ରହ୍ମ ବୈକୁଣ୍ଠ : ଶ୍ରୀମନ୍ଦିର ପରିସରକୁ ସିଂହଦ୍ୱାର ଦେଇ ପ୍ରବେଶ କରି ବାମପଟେ ଆଗେଇଲେ ଏକ ମଣ୍ଡପ ପରିଦୃଷ୍ଟ ହୋଇଥାଏ। ଏହା ମୁକ୍ତିମଣ୍ଡପ ଭାବେ ପରିଚିତ। ଏହି ମୁକ୍ତି ମଣ୍ଡପକୁ ହିଁ ବ୍ରହ୍ମ ବୈକୁଣ୍ଠ କୁହାଯାଏ। ଏହାର ଅନ୍ୟନାମ ବ୍ରହ୍ମାସନ। ଶ୍ରୀମନ୍ଦିର ପ୍ରତିଷ୍ଠାକାଳରେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଆମନ୍ତ୍ରଣ କ୍ରମେ ପ୍ରଜାପତି ବ୍ରହ୍ମ ମର୍ତ୍ତ୍ୟଲୋକକୁ ଆସି ଏହି ମଣ୍ଡପରେ ଅବସ୍ଥାନ କରିଥିଲେ। ଯେଉଁଠାରେ ମୁଣ୍ଡ ଲଗାଇ ସମର୍ପିତ ହେଲେ ବ୍ରହ୍ମା ଆଶୀର୍ବାଦ କରିଥାନ୍ତି।

ପଶ୍ଚିମ ବୈକୁଣ୍ଠ : ଶ୍ରୀମନ୍ଦିରର ପଶ୍ଚିମରେ ପାର୍ଶ୍ୱ ଦେବତା ଭାବେ ବସିଛନ୍ତି ଶ୍ରୀନୃସିଂହ। ତା'ର ତଳ ଅଂଶ ନିଶାତଳ ଭାବେ ପ୍ରସିଦ୍ଧ। ଏହି ନିଶାତଳ ଠାରୁ ମହାଲକ୍ଷ୍ମୀ ମନ୍ଦିରର ଜଗମୋହନ ମଣ୍ଡପ ପର୍ଯ୍ୟନ୍ତ ଅଞ୍ଚଳକୁ ପଶ୍ଚିମ ବୈକୁଣ୍ଠ କୁହାଯାଏ। ଏହି ମଣ୍ଡପରେ ଶ୍ରୀଦେବୀ ଓ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନଙ୍କ ଗୁପ୍ତଲୀଳା ହୋଇଥାଏ। ୮୦୦ ବର୍ଷ ତଳେ ଏହି ମଣ୍ଡପକୁ ଦୃଷ୍ଟିରେ ରଖି ବର୍ତ୍ତମାନର ମା'ଲକ୍ଷ୍ମୀଙ୍କ ମନ୍ଦିର ତିଆରି ହୋଇଥିଲା।

ପାତାଳ ବୈକୁଣ୍ଠ : ଶ୍ରୀମନ୍ଦିରର ଉତ୍ତରପାର୍ଶ୍ୱ ବେଢ଼ାରେ ଆନନ୍ଦବଜାର ପ୍ରବେଶ ପଥ ଅଞ୍ଚଳକୁ ପାଟ ଅଗଣା କୁହାଯାଏ। ଏହି ପାଟ ଅଗଣାର ଉତ୍ତର ପାର୍ଶ୍ୱରେ ମହାପ୍ରଭୁ ବାମନ ରୂପେ ବଳି ରାଜାଙ୍କୁ ପାତାଳ କରାଇଥିଲେ ବୋଲି ବିଶ୍ୱାସ ରହିଛି। ସେହିଠାରେ ପାତାଳେଶ୍ୱର ମନ୍ଦିର ରହିଛି। ଏହାକୁ ପାତାଳି ବୈକୁଣ୍ଠ କୁହାଯାଏ।

ଅମର ବୈକୁଣ୍ଠ : ଏହି ବୈକୁଣ୍ଠଟି ଶ୍ରୀମନ୍ଦିର ବାହାରେ ତୀର୍ଥରାଜ ମହୋଦଧି କୂଳରେ ସ୍ୱର୍ଗଦ୍ୱାର ଭାବେ ପରିଚିତ। ଏହା ମୁକ୍ତିର ମାର୍ଗ ପୁଣି ମୋକ୍ଷର ମାର୍ଗ। ବିଶ୍ୱାସ ରହିଛି ମନୁଷ୍ୟକୁ ମୃତ୍ୟୁପରେ ଏହି ମହାଶ୍ମଶାନରେ ଦାହ କରାଗଲେ ପୁନର୍ଜନ୍ମରୁ ମୁକ୍ତି ଲାଭ ମିଳିଥାଏ।

କୋଇଲି ବୈକୁଣ୍ଠ : ଶ୍ରମନ୍ଦିର ଉତ୍ତରପାର୍ଶ୍ୱ ବେଢ଼ାରେ ଏହା ଅବସ୍ଥିତ। ଏହାକୁ କୈବଲ୍ୟ ବୈକୁଣ୍ଠ କୁହାଯାଏ। ମହାପ୍ରଭୁ ନବକଳେବର ଅବସରରେ ଏହିଠାରେ ଥିବା ଶିଆଳିଲଟା ମୂଳରେ କୈବଲ୍ୟ ଲୀଳା କରୁଥିବାରୁ ଏହାକୁ କୈବଲ୍ୟ ବୈକୁଣ୍ଠ କୁହାଯାଏ। ନବକଳେବର ସମୟରେ ମହାପ୍ରଭୁ ଏଠାରେ ପାତାଳି ଲୀଳା କରିଥାନ୍ତି। ଏହିଠାରେ କାରୁଶାଳାରେ ଚତୁର୍ଦ୍ଧା ବିଗ୍ରହଙ୍କ ଦାରୁ ଚିହ୍ନଟ ହୋଇ ଆସି ପୂଜା ପାଇଥାନ୍ତି। ସେଠାରେ ଗୁପ୍ତନୀତି ପରେ ମହାପ୍ରଭୁଙ୍କର ନୂତନ ଶ୍ରୀବିଗ୍ରହ ନ୍ୟସା ହୁଏ। ତାନ୍ତ୍ରିକମାନେ ଏହି ସ୍ଥାନକୁ ମହାଶ୍ମଶାନ ବୈକୁଣ୍ଠ ବୋଲି ଗ୍ରହଣ କରନ୍ତି।

ଅନନ୍ତ ବୈକୁଣ୍ଠ : ମହାପ୍ରଭୁଙ୍କ ଆବିର୍ଭାବ ସ୍ଥାନ ହେଉଛି ଏହି ଅନନ୍ତ ବୈକୁଣ୍ଠ। ଯେଉଁଠାରେ ଅପୌରୁଷେୟ ଦାରୁର ଚତୁର୍ଦ୍ଧା ବିଗ୍ରହ ନିବୁଜ ସ୍ଥାନରେ ଆବିର୍ଭୂତ ହୋଇଥିଲେ। ମାଧ୍ୟମ ଥିଲେ ସ୍ୱୟଂ ନିଜେ। ନିଜେ ଆସିଥିଲେ ବିଶ୍ୱକର୍ମା ଭାବେ, ଯେଉଁଠି ମହାପ୍ରଭୁ ଅପାର ମହିମା ପ୍ରଦାନ କରନ୍ତି। ଅର୍ଥାତ୍ ଯେଉଁ ମହିମାର ଅନ୍ତ ନାହିଁ। ସେହି ଅନନ୍ତ ମହିମା ବିତରଣ ପାଇଁ ପ୍ରତିବର୍ଷ ସେଠାରେ ବିଜେ ହୋଇ ଅନନ୍ତ ମହିମା ଭକ୍ତଜନଙ୍କୁ ବିତରଣ କରୁଛନ୍ତି। ତାହା ହିଁ ଅନନ୍ତ ମଣ୍ଡପ- ଅନନ୍ତ ବୈକୁଣ୍ଠ ଆଡ଼ପ ମଣ୍ଡପ ଜନ୍ମ ମଣ୍ଡପ।

ଉତ୍କଳର ଆରାଧ ଦେବ ଶ୍ରୀଜଗନ୍ନାଥ ହେଉଛନ୍ତି କୃପାମୟ ସବୁଠି ତାଙ୍କ ଅନନ୍ତ କୃପା ଓ ଦିବ୍ୟ ଲୀଳା ଅନେକଙ୍କୁ ପ୍ରାପ୍ତ ହେଉଛି। ମହାପ୍ରଭୁ ହେଉଛନ୍ତି ପୁରୁଷୋତ୍ତମ ସେ ହିଁ ଅନନ୍ତ, ଅବ୍ୟକ୍ତ ଏବଂ ଭାବଗ୍ରାହୀ।


+ପୂର୍ବତନ ଡିଏଫଓ, ପଲାଇ,

ବାଲିଚନ୍ଦ୍ରପୁର, ଯାଜପୁର,

ମୋ : ୯୪୩୭୨୫୭୧୨୩

# କର୍କଟ ଓ ଦୁର୍ଲଭ ରୋଗ: ମଧ୍ୟବିତ୍ତ ପରିବାର ପାଇଁ ଅର୍ଥନୈତିକ ମହାମାରୀ

ଭାରତବର୍ଷକୁ ବିଶ୍ୱ ଦରବାରରେ 'ବିଶ୍ୱର ଔଷଧାଗାର' ବା ଫାର୍ମାସି ଅଫ୍ ଦି ୱାର୍ଲ୍ଡ ବୋଲି ଗର୍ବର ସହ ଅଭିହିତ କରାଯାଏ । ବିଶ୍ୱର ବିଭିନ୍ନ ପ୍ରାନ୍ତକୁ, ବିଶେଷକରି ବିକାଶଶୀଳ ଏବଂ ଅନୁନ୍ନତ ରାଷ୍ଟ୍ରଗୁଡ଼ିକୁ ଶସ୍ତା ଏବଂ ଗୁଣାତ୍ମକ ଜେନେରିକ୍ ଔଷଧ ରପ୍ତାନି କରିବାରେ ଭାରତର ଭୂମିକା ଅତୁଳନୀୟ ଅଟେ । କିନ୍ତୁ ଏହି ଆନ୍ତର୍ଜାତିକ ଗୌରବର ଆଢୁଆଳରେ ଏକ ଅତ୍ୟନ୍ତ ଦୁଃଖଦ ଏବଂ ବିଡମ୍ବନାପୂର୍ଣ୍ଣ ସତ୍ୟ ଆମ ଦେଶ ଭିତରେ ଲୁଚି ରହିଛି । ଯେଉଁ ଦେଶ ସମଗ୍ର ବିଶ୍ୱକୁ ଔଷଧ ଯୋଗାଇବାର କ୍ଷମତା ରଖେ, ସେହି ଦେଶର ନିଜ ନାଗରିକମାନେ ଆଜି ଜୀବନ ରକ୍ଷାକାରୀ ଔଷଧର ଅତ୍ୟଧିକ ମୂଲ୍ୟ ଯୋଗୁଁ ଦାରିଦ୍ର୍ୟର ଅତଳ ଗହ୍ୱରକୁ ଠେଲି ହୋଇଯାଉଛନ୍ତି । ବିଶେଷକରି କର୍କଟ ଏବଂ ବିଭିନ୍ନ ଦୁର୍ଲଭ ରୋଗ (ରେୟାର ଡିଜିଜ୍) ପାଇଁ ଉଦ୍ଦିଷ୍ଟ ଔଷଧର ଆକାଶଛୁଆଁ ଦର ଭାରତୀୟ ମଧ୍ୟବିତ୍ତ ଓ ନିମ୍ନବିତ୍ତ ପରିବାରଗୁଡ଼ିକୁ ଆର୍ଥିକ ଭାବେ ସମ୍ପୂର୍ଣ୍ଣ ପଙ୍ଗୁ କରିଦେଉଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟକ୍ତିଗତ ଖର୍ଚ୍ଚ ବା 'ଆଉଟ୍ ଅଫ୍ ପକେଟ୍ ଏକ୍ସପେଣ୍ଡିଚର'ର ଅହେତୁକ ବୃଦ୍ଧି କିପରି ଭାରତୀୟ ସମାଜ ପାଇଁ ଏକ ନୀରବ ମହାମାରୀର ରୂପ ନେଉଛି, ତାହା ବର୍ତ୍ତମାନ ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି ।

ସାମ୍ପ୍ରତିକ ପରିସ୍ଥିତିକୁ ଗଭୀର ଭାବେ ଅନୁଧ୍ୟାନ କଲେ ଜଣାପଡେ ଯେ, ଭାରତରେ ଅଣ-ସଂକ୍ରାମକ ରୋଗ ଯଥା କର୍କଟ, ହୃଦରୋଗ ଏବଂ ମଧୁମେହର ପ୍ରକୋପ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମଆର)ର ତଥ୍ୟ ଅନୁଯାୟୀ, ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ଉଦବେଗଜନକ ଭାବେ ବଢୁଛି ଏବଂ ଆଗାମୀ ଦିନରେ ଏହା ଆହୁରି ଭୟଙ୍କର ରୂପ ନେବାର ଆଶଙ୍କା ରହିଛି । କିନ୍ତୁ ଚିକିତ୍ସା ବିଜ୍ଞାନର ଅଗ୍ରଗତି ସହିତ ବଜାରକୁ ଆସୁଥିବା ନୂତନ ପିଢ଼ିର ଔଷଧ, ଯଥା ଇମ୍ୟୁନୋଥେରାପି ଏବଂ ଟାର୍ଗେଟେଡ୍ ଥେରାପି, ସାଧାରଣ ଲୋକଙ୍କ ପହଞ୍ଚର ବହୁ ବାହାରେ ରହିଛି । ଉଦାହରଣ ସ୍ୱରୂପ, କର୍କଟ ରୋଗ ପାଇଁ ବ୍ୟବହୃତ କେତେକ ଅତ୍ୟାଧୁନିକ ଔଷଧର ମାସିକ ଖର୍ଚ୍ଚ ଲକ୍ଷାଧିକ ଟଙ୍କାରେ ପହଞ୍ଚୁଛି । ଯେତେବେଳେ ଜଣେ ରୋଗୀଙ୍କୁ ବର୍ଷ ବର୍ଷ ଧରି ଏହି ଔଷଧ ସେବନ କରିବାକୁ ପଡେ, ସେତେବେଳେ ପରିବାରର ସମସ୍ତ ସଞ୍ଚିତ ଅର୍ଥ, ଜମିବାଡ଼ି ଏବଂ ସମ୍ପତ୍ତି ବିକ୍ରି କରିବା ଛଡ଼ା ଅନ୍ୟ କୌଣସି ଉପାୟ ନଥାଏ । ଏହା କେବଳ କର୍କଟ ରୋଗୀଙ୍କ କ୍ଷେତ୍ରରେ ସୀମିତ ନୁହେଁ, ସ୍ପାଇନାଲ ମସ୍କୁଲାର ଆଟ୍ରୋଫି (ଏସଏମଏ) କିମ୍ବା ଗାଉଚର ରୋଗ ଭଳି ଦୁର୍ଲଭ ରୋଗରେ ପୀଡ଼ିତ ଶିଶୁଙ୍କ ପାଇଁ ଆବଶ୍ୟକୀୟ ଔଷଧର ମୂଲ୍ୟ କୋଟି କୋଟି ଟଙ୍କା ହୋଇଥାଏ, ଯାହାକି ଭାରତର ୯୯ ଶତକଡ଼ା ଲୋକଙ୍କ ପାଇଁ କଳ୍ପନା ବାହାରେ । ଏହି ରୋଗଗୁଡ଼ିକ ପାଇଁ ଆବଶ୍ୟକ ଔଷଧର ମୂଲ୍ୟ ଏତେ ଅଧିକ ଯେ ଜଣେ ଉଚ୍ଚ ବେତନ ପ୍ରାପ୍ତ କର୍ମଚାରୀ ମଧ୍ୟ ଏହାକୁ ବହନ କରିବାକୁ ଅସମର୍ଥ ହୁଅନ୍ତି । ଏହି ଜଟିଳ ସମସ୍ୟାର ମୂଳ କାରଣ ଖୋଜିଲେ ଆମେ ଦେଖିବାକୁ ପାଉ ଯେ, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟ ବରାଦ ଅତ୍ୟନ୍ତ ନୈରାଶ୍ୟଜନକ ରହିଆସିଛି । ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ମାତ୍ର ୧.୨ ରୁ ୧.୩ ଶତାଂଶ ସରକାରୀ ସ୍ୱାସ୍ଥ୍ୟସେବାରେ ଖର୍ଚ୍ଚ କରାଯାଏ, ଯାହାକି ବିଶ୍ୱର ଅନ୍ୟାନ୍ୟ ବିକାଶଶୀଳ ରାଷ୍ଟ୍ର ତୁଳନାରେ ଯଥେଷ୍ଟ କମ୍ । ଫଳସ୍ୱରୂପ, ଦେଶର ମୋଟ ସ୍ୱାସ୍ଥ୍ୟ ଖର୍ଚ୍ଚର ପ୍ରାୟ ୫୦ରୁ ୬୦ ଶତାଂଶ ଭାର ରୋଗୀମାନଙ୍କୁ ନିଜ ପକେଟରୁ ବହନ କରିବାକୁ ପଡିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ଅନୁଯାୟୀ, ଏହା ଏକ ବିପଜ୍ଜନକ ସ୍ଥିତି । ଯେତେବେଳେ ଏକ ପରିବାର ନିଜର ମୋଟ ଖର୍ଚ୍ଚର ୧୦ ଶତାଂଶରୁ ଅଧିକ କେବଳ ସ୍ୱାସ୍ଥ୍ୟସେବାରେ ବିନିଯୋଗ କରେ, ତାହାକୁ 'ବିପର୍ଯ୍ୟୟକାରୀ ସ୍ୱାସ୍ଥ୍ୟ ବ୍ୟୟ' ବା କାଟାଷ୍ଟ୍ରୋଫିକ୍ ହେଲ୍ଥ ଏକ୍ସପେଣ୍ଡିଚର୍ କୁହାଯାଏ । ବିଭିନ୍ନ ସର୍ବେକ୍ଷଣରୁ ଜଣାପଡିଛି ଯେ, ଭାରତରେ ପ୍ରତିବର୍ଷ କେବଳ ଔଷଧ ଏବଂ ଚିକିତ୍ସା ଖର୍ଚ୍ଚ ଯୋଗୁଁ ପ୍ରାୟ ୫ରୁ ୬ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଖସି ଯାଉଛନ୍ତି । ଏହା କେବଳ ଏକ ସ୍ୱାସ୍ଥ୍ୟଗତ ସମସ୍ୟା ନୁହେଁ, ବରଂ ଏକ ଗୁରୁତର ଅର୍ଥନୈତିକ ସଙ୍କଟ ମଧ୍ୟ, କାରଣ ଏହା ଦେଶର ଏକ ବୃହତ ଜନସଂଖ୍ୟାକୁ ଆର୍ଥିକ ଅନଗ୍ରସରତା ଆଡ଼କୁ ଟାଣି ନେଉଛି । ସରକାରଙ୍କ ପକ୍ଷରୁ ୨୦୨୧ ମସିହାରେ 'ଜାତୀୟ ଦୁର୍ଲଭ ରୋଗ ନୀତି' (ନ୍ୟାସନାଲ ପଲିସି ଫର ରେୟାର ଡିଜିଜେସ୍) ପ୍ରଣୟନ କରାଯାଇଥିଲା । ଏହି ନୀତି ଅନୁଯାୟୀ, କିଛି ନିର୍ଦ୍ଦିଷ୍ଟ ଦୁର୍ଲଭ ରୋଗ ପାଇଁ ରୋଗୀଙ୍କୁ ସର୍ବାଧିକ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ପ୍ରଥମ ଦୃଷ୍ଟିରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ମନେହେଲେ ମଧ୍ୟ, ବାସ୍ତବରେ ଏହା ସମୁଦ୍ରକୁ ଶଙ୍ଖେ ଭଳି । ଅନେକ ଦୁର୍ଲଭ ରୋଗରେ ରୋଗୀଙ୍କୁ ଆଜୀବନ ଔଷଧ ସେବନ କରିବାକୁ ପଡେ ଏବଂ ଏହାର ବାର୍ଷିକ ଖର୍ଚ୍ଚ ହିଁ ୫୦ ଲକ୍ଷରୁ ଅଧିକ ହୋଇଥାଏ। ଉଦାହରଣ ସ୍ୱରୂପ, ଯେଉଁ ରୋଗୀମାନଙ୍କର ଏନଜାଇମ୍ ରିପ୍ଲେସମେଣ୍ଟ ଥେରାପି ଆବଶ୍ୟକ ହୁଏ, ସେମାନଙ୍କ ପାଇଁ ଏହି ଏକକାଳୀନ ସହାୟତା କିଛି ମାସର ଔଷଧ ପାଇଁ ମଧ୍ୟ ଯଥେଷ୍ଟ ହୁଏ ନାହିଁ । ତେଣୁ ଏକକାଳୀନ ସହାୟତା ରୋଗୀର ଜୀବନ ରକ୍ଷା ପାଇଁ ଯଥେଷ୍ଟ ନୁହେଁ । ଅଧିକନ୍ତୁ, ଏହି ଯୋଜନାର ଲାଭ ପାଇବା ପାଇଁ ଥିବା ଜଟିଳ ପ୍ରକ୍ରିୟା ଏବଂ ସରକାରୀ ଡାକ୍ତରଖାନାଗୁଡ଼ିକରେ ଉନ୍ନତ ଭିତ୍ତିଭୂମିର ଅଭାବ ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି । ଅନ୍ୟପକ୍ଷରେ, ଆୟୁଷ୍ମାନ ଭାରତ ଭଳି ବୀମା ଯୋଜନାଗୁଡ଼ିକ ମଧ୍ୟ ଏହି ଉଚ୍ଚ ମୂଲ୍ୟର ଔଷଧ ଏବଂ ଜଟିଳ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ କଭରେଜ୍ ପ୍ରଦାନ କରିବାରେ ଅସମର୍ଥ ହୋଇପଡୁଛନ୍ତି । ଏଠାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଔଷଧ କମ୍ପାନୀମାନଙ୍କର ଏକଚାଟିଆ ଅଧିକାର ବା ପେଟେଣ୍ଟ ମୋନୋପୋଲି । ଅନ୍ତର୍ଜାତୀୟ ବାଣିଜ୍ୟ ନିୟମ ଅନୁଯାୟୀ, ନୂତନ ଉଦ୍ଭାବିତ ଔଷଧ ଉପରେ କମ୍ପାନୀମାନଙ୍କୁ ୨୦ ବର୍ଷ ପାଇଁ ପେଟେଣ୍ଟ ଅଧିକାର ମିଳିଥାଏ । ଏହି ସମୟ ମଧ୍ୟରେ ଅନ୍ୟ କୌଣସି କମ୍ପାନୀ ସେହି ଔଷଧର ଶସ୍ତା ଜେନେରିକ୍ ସଂସ୍କରଣ ତିଆରି କରିପାରନ୍ତି ନାହିଁ । ଫଳରେ ବିଦେଶୀ ଫାର୍ମା କମ୍ପାନୀଗୁଡ଼ିକ ମନଇଚ୍ଛା ଦର ନିର୍ଦ୍ଧାରଣ କରନ୍ତି ଏବଂ ଲାଭଖୋର ମନୋବୃତ୍ତି ରଖି କାର୍ଯ୍ୟ କରନ୍ତି । ଭାରତୀୟ ପେଟେଣ୍ଟ ଆଇନରେ 'ବାଧ୍ୟତାମୂଳକ ଲାଇସେନ୍ସ' (କମ୍ପଲସୋରୀ ଲାଇସେନ୍ସିଂ)ର ବ୍ୟବସ୍ଥା ରହିଛି, ଯାହା ସରକାରଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଜନସ୍ୱାର୍ଥ ଦୃଷ୍ଟିରୁ ପେଟେଣ୍ଟ ନିୟମକୁ କୋହଳ କରି ଶସ୍ତା ଔଷଧ ଉତ୍ପାଦନ ପାଇଁ ଘରୋଇ କମ୍ପାନୀଙ୍କୁ ଅନୁମତି ଦେବାର କ୍ଷମତା ପ୍ରଦାନ କରେ । କିନ୍ତୁ ଦୁର୍ଭାଗ୍ୟବଶତଃ, ବିଦେଶୀ ରାଷ୍ଟ୍ର ଏବଂ ବଡ଼ ବଡ଼ ଫାର୍ମା କମ୍ପାନୀମାନଙ୍କର ବାଣିଜ୍ୟିକ ଚାପ ତଥା କୂଟନୈତିକ ସମ୍ପର୍କ ଖରାପ ହେବାର ଭୟ ଯୋଗୁଁ ଭାରତ ସରକାର ଏହି କ୍ଷମତାର ବ୍ୟବହାର କରିବାକୁ କୁଣ୍ଠାବୋଧ କରୁଛନ୍ତି । ଗତ କିଛି ଦଶନ୍ଧି ମଧ୍ୟରେ ମାତ୍ର ଥରେ କିମ୍ବା ଦୁଇଥର ଏହି ନିୟମର ପ୍ରୟୋଗ ହୋଇଛି । ଯଦି ସରକାର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ପ୍ରଦର୍ଶନ କରି କର୍କଟ ଓ ଦୁର୍ଲଭ ରୋଗର ଔଷଧ ପାଇଁ ବାଧ୍ୟତାମୂଳକ ଲାଇସେନ୍ସ ପ୍ରଦାନ କରନ୍ତେ, ତେବେ ଔଷଧର ମୂଲ୍ୟ ୯୦ ଶତାଂଶ ପର୍ଯ୍ୟନ୍ତ ହ୍ରାସ ପାଇପାରନ୍ତା, ଯାହା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବଞ୍ଚାଇ ପାରନ୍ତା । ସରକାରଙ୍କ 'ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ' (ପିଏଲଆଇ) ଯୋଜନା ଘରୋଇ ଔଷଧ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି, କିନ୍ତୁ ଏହା ମୁଖ୍ୟତଃ ରପ୍ତାନି ବୃଦ୍ଧି ଏବଂ ଶିଳ୍ପ ବିକାଶ ଉପରେ କେନ୍ଦ୍ରିତ । ଏହି ଯୋଜନାରେ ସରକାର କମ୍ପାନୀମାନଙ୍କୁ କୋଟି କୋଟି ଟଙ୍କାର ରିହାତି ଦେଉଛନ୍ତି, କିନ୍ତୁ ଏହି ସରକାରୀ ସହାୟତା ପାଉଥିବା କମ୍ପାନୀମାନେ ଉତ୍ପାଦିତ ଔଷଧକୁ ଭାରତୀୟ ରୋଗୀଙ୍କ ପାଇଁ ଶସ୍ତାରେ ଉପଲବ୍ଧ କରାଇବେ କି ନାହିଁ, ସେ ନେଇ କୌଣସି ସ୍ପଷ୍ଟ ବାଧ୍ୟବାଧକତା ନାହିଁ। ଅର୍ଥାତ୍, ଆମ ଦେଶର ଟିକସଦାତାଙ୍କ ଅର୍ଥରେ କମ୍ପାନୀମାନେ ପ୍ରୋତ୍ସାହନ ପାଇବେ, କିନ୍ତୁ ସେହି ଔଷଧ ଆମ ନିଜ ଲୋକଙ୍କ ପାଇଁ ଅପହଞ୍ଚ ହୋଇ ରହିବ, ଏହା ଏକ ବିଡମ୍ବନା ବ୍ୟତୀତ ଆଉ କିଛି ନୁହେଁ । ଏହି ଅସହାୟ ପରିସ୍ଥିତିରେ ସାଧାରଣ ଜନତା 'କ୍ରାଉଡ୍ ଫଣ୍ଡିଂ' ବା ଗଣ-ଅର୍ଥ ସଂଗ୍ରହ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି । ସୋସିଆଲ ମିଡିଆରେ ପ୍ରତିଦିନ ଅସଂଖ୍ୟ ଲୋକ ନିଜର କିମ୍ବା ନିଜ ପିଲାଙ୍କ ଚିକିତ୍ସା ପାଇଁ ଭିକ ମାଗୁଥିବାର ଦୃଶ୍ୟ ଏକ ସଭ୍ୟ ସମାଜ ପାଇଁ ଅତ୍ୟନ୍ତ ଲଜ୍ଜାଜନକ । ସ୍ୱାସ୍ଥ୍ୟସେବା ଏକ ମୌଳିକ ଅଧିକାର ହେବା କଥା, ଏହା ଦାନ ବା ଦୟାର ପାତ୍ର ହେବା ଉଚିତ୍ ନୁହେଁ । ଏହି ଗମ୍ଭୀର ସମସ୍ୟାର ସମାଧାନ ପାଇଁ ଏକ ବହୁମୁଖୀ ରଣନୀତିର ଆବଶ୍ୟକତା ରହିଛି । ପ୍ରଥମତଃ, ସରକାରଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ବଜେଟ୍ ବରାଦକୁ ତୁରନ୍ତ ବୃଦ୍ଧି କରି ଜିଡିପିର ଅନ୍ତତଃ ୨.୫ ରୁ ୩ ଶତାଂଶକୁ ନେବାକୁ ହେବ । ଦ୍ୱିତୀୟତଃ, ଜୀବନ ରକ୍ଷାକାରୀ ଔଷଧର ମୂଲ୍ୟ ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ନେବା ଜରୁରୀ । ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ (ଏନପିପିଏ)ର କ୍ଷମତା ପରିସର ବୃଦ୍ଧି କରି ସମସ୍ତ ଜରୁରୀ କର୍କଟ ଓ ଦୁର୍ଲଭ ରୋଗର ଔଷଧକୁ ମୂଲ୍ୟ ନିୟନ୍ତ୍ରଣ ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ୍। ତୃତୀୟତଃ, ସରକାର ବାଣିଜ୍ୟିକ ଚାପକୁ ଖାତିର ନକରି ଜନସ୍ୱାର୍ଥରେ 'ବାଧ୍ୟତାମୂଳକ ଲାଇସେନ୍ସ' ବ୍ୟବସ୍ଥାର ବ୍ୟାପକ ପ୍ରୟୋଗ କରିବା ଆବଶ୍ୟକ, ଯାହାଦ୍ୱାରା ଶସ୍ତା ଜେନେରିକ୍ ଔଷଧ ବଜାରକୁ ଆସିପାରିବ । ଚତୁର୍ଥତଃ, ଦୁର୍ଲଭ ରୋଗ ପାଇଁ ଏକ ସ୍ୱତନ୍ତ୍ର ଏବଂ ସ୍ଥାୟୀ ପାଣ୍ଠି ଗଠନ କରାଯିବା ଦରକାର, ଯାହା କେବଳ ଏକକାଳୀନ ସହାୟତା ନୁହେଁ, ବରଂ ଆଜୀବନ ଚିକିତ୍ସା ସୁନିଶ୍ଚିତ କରିବ । ଏଥିସହିତ, ସରକାରୀ ଗବେଷଣା କେନ୍ଦ୍ରଗୁଡ଼ିକୁ ନୂତନ ଔଷଧ ଉଦ୍ଭାବନ ପାଇଁ ଅଧିକ ଅର୍ଥ ଯୋଗାଇ ଦେବା ଆବଶ୍ୟକ, ଯାହାଦ୍ୱାରା ଆମେ ବିଦେଶୀ କମ୍ପାନୀ ଉପରେ ନିର୍ଭରଶୀଳ ନହୋଇ ନିଜେ ଶସ୍ତା ଔଷଧ ତିଆରି କରିପାରିବା।

ପରିଶେଷରେ, ଏହା ବୁଝିବାକୁ ହେବ ଯେ ସୁସ୍ଥ ନାଗରିକ ହିଁ ଏକ ସମୃଦ୍ଧ ରାଷ୍ଟ୍ରର ମୂଳଦୁଆ ଅଟନ୍ତି । ଯଦି ଦେଶର ଏକ ବଡ଼ ଅଂଶ କେବଳ ଔଷଧ କିଣିବାକୁ ଯାଇ ଦରିଦ୍ର ହୋଇଯାଉଛନ୍ତି, ତେବେ ଦେଶର ଆର୍ଥିକ ବିକାଶର କୌଣସି ଅର୍ଥ ରହେ ନାହିଁ । ଔଷଧ ଶିଳ୍ପର ମୁନାଫା ଅପେକ୍ଷା ମଣିଷର ଜୀବନ ଅଧିକ ମୂଲ୍ୟବାନ । ସରକାର, ନୀତି ନିର୍ଦ୍ଧାରକ ଏବଂ ସମାଜର ସଚେତନ ବର୍ଗ ଏ ଦିଗରେ ଗମ୍ଭୀରତାର ସହ ଚିନ୍ତା କରିବାର ସମୟ ଆସିଛି। କେବଳ 'ଆୟୁଷ୍ମାନ ଭାରତ'ର ସ୍ଲୋଗାନରେ ନୁହେଁ, ବରଂ ବାସ୍ତବ କ୍ଷେତ୍ରରେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସୁଲଭ ଓ ଗୁଣାତ୍ମକ ଚିକିତ୍ସା ସୁନିଶ୍ଚିତ କରିବା ହିଁ ପ୍ରକୃତ ବିକାଶର ପରିଚୟ ହେବ । ନଚେତ୍, ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଆର୍ଥିକ ଅଭାବରୁ ମୃତ୍ୟୁବରଣ କରୁଥିବା ଲୋକଙ୍କ ଚିତ୍କାର ଆମ ବିକାଶର ଦାବିକୁ ସର୍ବଦା ଉପହାସ କରୁଥିବ। ଆମକୁ ଏକ ଏପରି ବ୍ୟବସ୍ଥା ଗଠନ କରିବାକୁ ହେବ ଯେଉଁଠାରେ କୌଣସି ବ୍ୟକ୍ତି ଅର୍ଥ ଅଭାବରୁ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ ଏବଂ ଔଷଧର ମୂଲ୍ୟ କାହାରି ଦାରିଦ୍ର୍ୟର କାରଣ ହେବ ନାହିଁ ।

# ସ୍ୱର ପରିବର୍ତ୍ତନର-୩

## କୁମାର ତ୍ରିପାଠୀ

To raise the world to god in death less light,
To bring bod down to the world on earth we came
To change the earthly life to life divine.

ତୋଳିବାକୁ ଏ ଧରଣୀ ଦିବ୍ୟଭୂମି ଅମର ଆଲୋକ
ମର୍ତ୍ତ୍ୟପ୍ରାଣ କରିବାକୁ ରୂପାନ୍ତର ଦିବ୍ୟ ଜୀବନରେ
ଆଗମନ ଆମ, ଦେବତାରେ ଆଣିବାରେ ଏହି ପୃଥ୍ୱୀ ପରେ ।
(ଶ୍ରୀ ଅରବିନ୍ଦ)

ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀର ଶୁଭାରମ୍ଭ ୧୯୭୧ ମସିହା ଅକ୍ଟୋବରରେ । ଭଜନ କୀର୍ତ୍ତନ ମଧ୍ୟଦେଇ ଉଦଳା ଅଞ୍ଚଳରେ ଏକ ଧାର୍ମିକ ବାତାବରଣ ଗଢ଼ି ଉଠିଲା ଏଠାରେ ଅବଶ୍ୟ ଗୌଡ଼ୀୟ ମଠଟିଏ ଥିଲା, ସରସ୍ୱତୀ ମନ୍ଦିର ଥିଲା, ମହାଦେବ ମନଦିର ମଧ୍ୟ ଲୋକଙ୍କ ଧର୍ମ ଧାରାରେ ଆଗ୍ରହ ଓ ଆକର୍ଷଣୀୟର କେନ୍ଦ୍ରବିନ୍ଦୁ ଥିଲା । ତା' ସହ ସତ୍ୟସାଇ ଭଜନ ମଣ୍ଡଳି ଲୋକଙ୍କ ହୃଦୟକୁ ଛୁଇଁଲା । ମୃଦଙ୍ଗର ତାଳେ ତାଳେ ଶୁଣାଗଲା ଗୁରୁବନ୍ଦନା ।

ମାନସ ଭଜରେ ଗୁରୁ ଚରଣମ,
ଦୁସ୍ତର ଭବ ସାଗର ତରଣମ୍... ।

ଗଣେଶ ବନ୍ଦନାରୁ ଆରମ୍ଭ ହୋଇ ସାଇ ବନ୍ଦନାରେ ସବୁ ହିଁ ସେଇ ଦର୍ଶା ଯାଇଛି ।

-ସାଇ ମାତା, ସାଇ ପିତା, ସାଇ ଭଗବାନ । ଭଜମନ ସାଇକୃଷ୍ଣ ଶ୍ରୀ ସତ୍ୟସାଇ ରାମ୍

ଏକ ପ୍ରଭୁ ସେ ଅନେକହି ନାମ
ପ୍ରେମ ସେ ବୋଲ ଓ ଭଗବାନ
ଶ୍ରୀ ସତ୍ୟସାଇ ଭଗବାନ

ମୋ ଚାକିରୀର ପ୍ରାରମ୍ଭରେ ଉଦଳା ମହାବିଦ୍ୟାଳୟର କେତେକ ଅଧ୍ୟୟନରତ ସରୋଜ ଜେନା, ରବି ମାହାନ୍ତି, ବସନ୍ତ ପଟ୍ଟନାୟକ, ଗିରିଜା ଶଙ୍କର ମିଶ୍ର, ବନବିହାରୀ ମଉଗଜ ଏବଂ ଆହୁରି କେତେଜଣ ସୋମଥାନ, ହୃଷୀକେଶ ସମୟ ସମୟରେ ମୋ ବସାକୁ ଆସନ୍ତି । ଶ୍ରଦ୍ଧା ଓ ଆତ୍ମୀୟତା ବଢ଼େ, ବାବାଙ୍କ ଭଜନ ଗାଇ ମୁଁ ଶୁଣାଏ ସେମାନେ ବି ସାଙ୍ଗ ଦିଅନ୍ତି । କେତେଦିନ ପରେ କଥା ପଡ଼େ ନିର୍ଦ୍ଦିଷ୍ଟ ଗୋଟାଏ ଘର ନେଇ ବାବାଙ୍କ ଫଟୋ ସ୍ଥାପନ କରି ଭଜନ କରିବା କଥା । ସେଇଠୁ ଆରମ୍ଭ ହୁଏ ଭଜନ ମଣ୍ଡଳୀ । ସ୍ଥାନୀୟ ହାଇସ୍କୁଲର ଶିକ୍ଷକ ହରେକୃଷ୍ଣ ଜେନା ଓ ସହଧର୍ମିଣୀ ଅନ୍ନପୂର୍ଣ୍ଣା ଏଥିରେ ସାମିଲ ହୁଅନ୍ତି । ସେମାନଙ୍କ ସହ ତାଙ୍କ ପଡ଼ୋଶୀ ନେତ୍ରାନନ୍ଦ ରଥ, ସିଏବି ହାଇସ୍କୁଲର ଶିକ୍ଷକ ଏବଂ ସ୍ଥାନୀୟ ଡାକତର ଖାନାର କମ୍ପାଉଣ୍ଡର ଦୀନବନ୍ଧୁ ବେହେରାଙ୍କ ସ୍ତ୍ରୀ ଓ ମେଣ୍ଢାଖାଇର ଅନାଦି ନାଏକ । ସେମାନଙ୍କ ପୁତ୍ରକନ୍ୟା ସମସ୍ତେ ଭଜନକୁ ପହଞ୍ଚନ୍ତି । ଗଦାଧର ଜେନାଙ୍କ ପକାଘର ଉପର ମହଲା ଗୁରୁବାର ଦିନ ସଂଧ୍ୟାରେ ଭାବ ବିହ୍ୱଳ ହୋଇଉଠେ । ଦିନ ଗଡ଼ିଲା, ବାଳବିକାଶ ସହ ସେବାଦଳ ଇତ୍ୟାଦି ଆଗକୁ ଆଗକୁ ଆଗେଇଲା । ଇଏ ହେଲା ଭଜନ ମଣ୍ଡଳୀ କଥା, ଅତି ସଂକ୍ଷିପ୍ତରେ । ସାର୍, Pfof S.V Ramaya ଙ୍କ ବାକ୍ୟ ଏହିପରି ଭାବରେ ଏଇଠି ପହଞ୍ଚି ଜନମାନସରେ ବିଞ୍ଚି ହୋଇଗଲା ।

ଏହାରି ଭିତରେ ମୋର ଉଦଳା ରହଣିର ପରେ ପରେ ଦିନେ, ଜୟଚନ୍ଦ ପତ୍ରୀଙ୍କ ଘରେ ଶ୍ରୀମା, ଶ୍ରୀ ଅରବିନ୍ଦଙ୍କ ଫଟୋ ଦେଖିବାକୁ ପାଇଲି । ନନ୍ଦିନୀ ଶତ୍‌ପଥୀ କିଛିଦିନ ଆଗରୁ ଉଦଳା ଆସିଥିଲେ । ସେତେବେଳକୁ ଆମ ଘରେ ଅଭୀପ୍ସା ନିଳୟରେ ପାଠଚକ୍ର ଆରମ୍ଭ ହୋଇଯାଇଥାଏ । ପୂର୍ବରୁ ଦିନେ ସଂଧ୍ୟାରେ ଜୟପତ୍ରୀଙ୍କ ଘରର ଉପର ମହଲାରେ ଉଦଳାର ବିଶିଷ୍ଟ ଲୋକମାନଙ୍କୁ ନେଇ ଶ୍ରୀମା, ଶ୍ରୀ ଅରବିନ୍ଦଙ୍କର ପୂର୍ଣ୍ଣାଙ୍ଗ ଯୋଗ ସମ୍ବନ୍ଧରେ ଦୃଷ୍ଟିପାତ କରାଯାଇଥିଲା । ଏବଂ ସେହି ପୂର୍ଣ୍ଣାଙ୍ଗ ଯୋଗ ସମ୍ବନ୍ଧରେ ଆଲୋଚନା ଉଦଳାରେ ଆରମ୍ଭ ହୋଇଥିବା କଥା ମୁଁ କହିଲି ଓ ଏହାକୁ ଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ଆମ ଅଭୀପ୍ସା ନିଳୟ ପାଠଚକ୍ରକୁ ଆସିବାକୁ ଅନୁରୋଧ କଲି । ଜୟଚନ୍ଦ୍ରଙ୍କ ବାପା ମାନଗୋବିନ୍ଦ ପତ୍ରି ପ୍ରସାଦ ଭାବରେ ଆଣି ରଖିଥିବା ଜିଲାପି ସମସ୍ତେ ଗ୍ରହଣ କରିଥିଲେ ।

ଶ୍ରୀ ଅରବିନ୍ଦ ପାଠଚକ୍ର । ବୁଧବାର ସଂଧ୍ୟାରେ ଆରମ୍ଭ । ଧୂପ, ଦୀପ, ଶଂଖ ସହ ଧ୍ୟାନ, ପ୍ରାର୍ଥନା, ଦୁର୍ଗାସ୍ତୋତ୍ର, ମା' ପୁସ୍ତିକା ପାଠ ପରେ ପରେ ମା ଅରବିନ୍ଦଙ୍କ ଜୀବନୀ ପଢ଼ାହୁଏ ଆଲୋଚନା ହୁଏ । ଖାତା ଖଣ୍ଡିଏ ଥାଏ । ତାରିଖ ସହ କେତେ ପୃଷ୍ଠା ପଢ଼ା ଗଲା ଆସନ୍ତା ପାଠଚକ୍ରକୁ କେଉଁଠୁ ପଢ଼ା ହେବ ଲେଖାଯାଏ ସେଦିନର ଉପସ୍ଥିତି ସ୍ୱରୂପ ପ୍ରତ୍ୟେକ ନିଜ ନିଜର ନାମ ଲେଖନ୍ତି । ଧ୍ୟାନ ପରେ ପରେ ଘଣ୍ଟି ବାଜେ ଧ୍ୟାନ ସମାପ୍ତିର ଘୋଷଣା । ପ୍ରଶ୍ନ ଉତ୍ତରର କାର୍ଯ୍ୟକ୍ରମ ଥାଏ ।

ପ୍ରଶ୍ନ ଆସେ- ମା' କିଏ ?

- ମା' ଭଗବାନଙ୍କ ଅବତାର । ସ୍ୱୟଂ ଦିବ୍ୟ ଜନନୀ । ଏହା ସମସ୍ତ ଦ୍ୱିଧା, ସମସ୍ତ ଦ୍ୱନ୍ଦର ଉର୍ଦ୍ଧ୍ୱରେ । ଶ୍ରୀ ଅରବିନ୍ଦ ଉଲ୍ଲେଖ କରିଛନ୍ତ- 'ମା ହେଉଛନ୍ତି ଭଗବାନଙ୍କ ଚେତନା ଓ ଶକ୍ତି ବା ଏପରି କୁହାଯାଇ ପାରେ ଯେ ସେ ହେଉଛନ୍ତି ଚିତ୍ ଶକ୍ତି ସ୍ୱରୂପରେ ସ୍ୱୟଂ ଭଗବାନ । ମାନବ ତନୁ ନେଇ ଏହି ଧୂଳି ଧୂଷର ଧରଣୀକୁ ଆଗମନ । ମା' ଥରେ କଥା ପ୍ରସଙ୍ଗରେ ଆଶ୍ରମର ଶିଶୁ ମାନଙ୍କୁ କହନ୍ତି- ମୁଁ ଯଦି ତୁମ ମାନଙ୍କ ପରି ହୋଇ ଆସି ନଥାନ୍ତି, ତେବେ ମୁଁ କେବେ ହେଲେ ତୁମ ସମସ୍ତଙ୍କ ପାଖକୁ ଆସି ପାରନ୍ତି ନାହିଁ । ଆଉ ମୁଁ ତୁମ ମାନଙ୍କୁ କହିବି ପାରନ୍ତି ନାହିଁ, ମୁଁ ଯାହା ତୁମେ ମାନେ ସେଇଆ ହୋଇଉଠେ ।

ମା'- ଶ୍ରୀମାଙ୍କର ଜନ୍ମ ଫ୍ରାନ୍ସ ଦେଶର ପ୍ୟାରିସ ନଗରୀରେ । ସନ ୧୮୭୮ ମସିହା ଫେବୃଆରୀ ୨୧ ତାରିଖ ଦିନ ୧୦ଟା ୧୫ ମିନିଟରେ । ପିତା ବ୍ୟଶଙ୍କ ମାଲିକ ମୋରିସ୍ ଖାଲଫାସା । ମାତା ମିସର ବାସିନୀ ମାତିଲବ୍ ଇସ ମାଲୁନ୍ । ଜଣେ ଭାଇ- ତାଙ୍କ ଉପରକୁ, ମୋତେ ଓ ଆଲଫାସା । (Mahao Alfassa) ଫରାସୀ କଙ୍ଗୋରେ ଗଭର୍ଣ୍ଣର ।

ମା'ଙ୍କର ପିତୃମାତୃ ଦତ୍ତ ନାମ ମୀରା । ଭାରତ ବର୍ଷରେ ଏହି ନାମ ସୁପରିଚିତ । ମୀରାବାଇଙ୍କ କଥା ଆମେ ସମସ୍ତେ ଜାଣୁ । ଚାରିବର୍ଷ ବୟସରୁ ମା-ମୀରାଙ୍କର ଯୋଗ ସାଧନା ଆରମ୍ଭ ହୁଏ । ଇମିତିବି ଆବାଲ୍ୟରୁ ମାତୃଗର୍ଭରୁ ଏକ ପ୍ରଚଣ୍ଡ ଆଲୋକ ବିକିରିତ ହୋଇ ତାଙ୍କ ମସ୍ତିଷ୍କକୁ ଛୁଉଁଥିଲା । ମା' ବୁଝି ପାରିଥିଲେ ତାଙ୍କ ଦ୍ୱାରା ଏକ ମହତ କାମ ସଂପାଦିତ ହେବ, ଯେଉଁଥି ପାଇଁ ତାଙ୍କର ମର୍ତ୍ତ୍ୟକୁ ଆଗମନ । ପାଞ୍ଚବର୍ଷ ବୟସରୁ ସଂପୂର୍ଣ୍ଣ ସଚେତନ । ଉର୍ଦ୍ଧ୍ୱରୁ ଏକ ଝାଲେରି ଖସି ଆସେ, ମୀରା ଦେଖନ୍ତି ନିମ୍ନରେ ଅନେକ ଦୁଃଖୀ ମୁମୂର୍ଷ ସାନବ ମୁକ୍ତି ଅପେକ୍ଷାରେ ଉପନୀତ । ମା' ଆଶ୍ୱାସନା ଦିଅନ୍ତି । ସମୟ ଆସୁଛି ।

ଜନନୀ ତାଙ୍କର ପଚାରନ୍ତି- ତୁ ସବୁବେଳେ ଏତେ ଗମ୍ଭୀର ଥାଉ କାହିଁକି, କଣ ପୃଥିବୀର ସମସ୍ତ ବୋଝ ମୁଣ୍ଡେଇଛୁ ? ମୀରା କହନ୍ତି ହଁ ମା' ସତରେ ସେଇଆ । ଏ ପୃଥିବୀର ସମସ୍ତ ଦୁଃଖ ବୋହିବାକୁ ହେଉଛି ବୋଲିତ ମୋର ସ୍ୱଭାବ ଏତେ ଗମ୍ଭୀର । ମା' ଭାବନ୍ତି ଝିଅଟିର ମସ୍ତିଷ୍କ ବିକୃତି ହେଲାଣି ।

ମୀରା ତାଙ୍କର ଧ୍ୟାନ ପ୍ରାର୍ଥନା- ୧୯୧୪ ମସିହା ଫେବୃଆରୀ ୨୨ରେ ଲେଖିଛନ୍ତି- ବାଲ୍ୟକାଳରେ ମୋର ବୟସ ଯେତେବେଳେ ତେର ବର୍ଷ, ପ୍ରାୟ ବର୍ଷେ ଧରି ପ୍ରତିଦିନ ରାତ୍ରିରେ ମୁଁ ବିଛଣା ଧରିବା ମାତ୍ରେ ମୋର ମନେ ହେଉଥିଲା ଯେପରି ମୁଁ ମୋ ଶରୀରରୁ ବାହାରି ସିଧା ଉପରକୁ ଉଠି ଯାଉଛି- ଘର ଓ ସହରକୁ ଅତିକ୍ରମ କରି ବହୁ ଉର୍ଦ୍ଧ୍ୱକୁ ମୁଁ ଯେପରି ମୋ ଠାରୁ ଦୀର୍ଘତର ଗୋଟିଏ ଅପୂର୍ବ ସୁନ୍ଦର ପୋଷାକ ପିନ୍ଧିଛି । ଯେତେ ଯେତେ ଉର୍ଦ୍ଧ୍ୱକୁ ମୁଁ ଉଠୁଥାଏ ଏହି ପୋଷାକଟି ସେତେ ଦୀର୍ଘ ହୋଇଯାଏ ଏବଂ ତାହା ମୋ ଚର୍ତୁପାର୍ଶ୍ୱରେ ବୃତ୍ତାକାରରେ ବିସ୍ତାରିତ ହେଉଥାଏ- ସହର ଉପରେ ଗୋଟିଏ ବୃହତ୍ ଆଚ୍ଛାଦନ ରଚନା କରି । ତା' ପରେ ମୁଁ ଦେଖୁଥାଏ ଚତୁର୍ଦ୍ଦିଗରୁ ଲୋକ ଆସୁଛନ୍ତି- ଆବାଳ ବୃଦ୍ଧ ବନିତା ଅସୁସ୍ଥ ଓ ଅସୁଖି ବହୁତ ଲୋକ । ସେମାନେ ପ୍ରସାରିତ ପରିଚ୍ଛଦ ତଳେ ସମବେତ ହୋଇ ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ବେଦନାର କଥା କହି ସାହାଯ୍ୟ ଭିକ୍ଷା କରନ୍ତି । ପ୍ରତ୍ୟୁତ୍ତରରେ ସେହି ନମନୀୟ ଜୀବନ୍ତ ପୋଷାକଟି ଦୀର୍ଘ ହୋଇ ପ୍ରତ୍ୟେକଙ୍କ ଆଡ଼କୁ ଯାଉଥାଏ ଏବଂ ସେମାନଙ୍କୁ ସ୍ପର୍ଶ କରିବା ମାତ୍ରକେ ସେମାନେ ସାନ୍ତ୍ୱନା ପାଉଥାନ୍ତି, ସୁସ୍ଥ ହେଇ ଉଠନ୍ତି ଓ ନିଜ ଶରୀର ଭିତରକୁ ପ୍ରବେଶ କରନ୍ତି । ମୋ ପାଇଁ ଏହାଠାରୁ ଅଧିକ ସୁନ୍ଦର, ଆନନ୍ଦର ବିଷୟ ଅଧିକ କିଛି ନଥିଲା । ମୋର ବାମ ପାର୍ଶ୍ୱରେ ଜଣେ ନୀରବ, ନିର୍ବିକଳ୍ପ ବୃଦ୍ଧଙ୍କୁ ଦେଖେ । ଗାଢ଼ ବାଇଗଣୀ ରଂଗର ଦୀର୍ଘ ପୋଷାକ ପରିହିତ ସେଇ ବୃଦ୍ଧ ଜଣକ ପରେ ଜାଣିଲି ସେ ହେଲେ, ଲୋକେ ଯାହାକୁ କହନ୍ତି- ଦୁଃଖର ମାନୁଷୀ ବିଗ୍ରହ । କରୁଣାମୟୀଙ୍କ ଆଡ଼େ ଚାହିଁ ରହିଛନ୍ତି ଯେ' ହିଁ କରି ପାରନ୍ତି ତାଙ୍କୁ ଦୁଃଖମୁକ୍ତ ।

ପାଠଚକ୍ରରେ କେତେ ଖଣ୍ଡ ବହିପଢ଼ା ହେଉଥିଲା, ପରସ୍ପର କଥା ହୋଇ ତାହା ବୁଝୁଥିଲେ, କିଏ ଏଇ ମା' ଦିବ୍ୟ ଜନନୀ, ଦେବ ମୁହୂର୍ତ୍ତ, ରୂପାନ୍ତର ଯୋଗରେ ନାମଜପ, କେବେ କେବେ ଜନ ପ୍ରକାଶ, ନବଜ୍ୟୋତି ।

ଅଧ୍ୟାପକ ଚିତ୍ତବାବୁ, ଭଗବାନ ବାବୁ, ଚନ୍ଦନ ଇତ୍ୟାଦି କେତେଜଣ ପଢ଼ିବାକୁ ଭଲ ପାଉଥିଲେ । ପ୍ରଶ୍ନ କିନ୍ତୁ ଅନେକଙ୍କର ବିଶେଷତଃ ଅଭିରାମ ପଣ୍ଡା, ଅନନ୍ତ ପଣ୍ଡା, ଜଗନ୍ନାଥ ବେହେରା ଇତ୍ୟାଦିଙ୍କର । ଆଲୋଚନାରେ ସମସ୍ତେ ଅଂଶ ଗ୍ରହଣ କରିବାକୁ ପଛଉ ନଥିଲେ । ମୋଟାମୋଟି ପାଠଚକ୍ରରେ ଗୋଟାଏ ଜିଜ୍ଞାସା ଭାବ ଥିଲା । ଏକ ନୂତନ ଯୋଗ ନୂଆ କଥା, ପୂର୍ଣ୍ଣ ଯୋଗ, ତେଣୁ ଜାଣିବାରେ ଆଗ୍ରହ ନରହିବ କିପରି ? ପରିଶେଷରେ ମା ଓ ପ୍ରଭୁଙ୍କ ପାଖରେ ସମର୍ପଣ ପୂର୍ବକ ପାଠଚକ୍ର ଶେଷ କରେ । ଯାଉଥିଲା ଓ ପ୍ରସାଦ ସେବନ ବି ହେଉଥିଲା ।

(କ୍ରମଶଃ)

ଉଦଳା, ମୟୂରଭଂଜ
+ମୋ: ୯୪୩୮୨୩୨୬୦୪

# ପ୍ରକୃତରେ ଗରିବର ବନ୍ଧୁ

## ଆର୍ତ୍ତବନ୍ଧୁ ଦାସ

ଭାରତ ଏକ କୃଷି ପ୍ରଧାନ ଦେଶ । ଶତକଡା ୮୦ରୁ ୮୫% ଭାଗ ଲୋକ କୃଷି ଉପରେ ନିର୍ଭର କରି ଜୀବନଜୀବିକା ନିର୍ବାହ କରନ୍ତି । ଦେଶର ଆୟତନରେ ନଦନଦୀ ବଣ ଖାତଖମା ଗିରି ପାହାଡ ପର୍ବତ ହ୍ରଦପରିସୀମା ବାଦ ଦେଲା ଉତ୍ତାରୁ ଅବଶିଷ୍ଟ ଯେଉଁ ଭୂମି ରହିଲା, ସେ ସବୁଥିରେ ଯେ ଚାଷ ହେଉଛି ଏକଥା ତ ନୁହେଁ କାରଣ ଉର୍ବର -ଅନୁର୍ବର ଖାଲ-ଢିପ ଅନୁଯାୟୀ ଯେଉଁ ଜମି ସେଥିରେ ଜଳବାୟୁ ଉପଯୋଗୀ ସମୟାନୁକ୍ରମେ ନାନା କିସମର ଜାତି ଜାତିକା ଶସ୍ୟ ବୁଣି ଚାଷୀ ଉପରକୁ ମୁହଁ ଟେକି ଇନ୍ଦ୍ର ଦେବତାଙ୍କଠାରେ ଭରସା ରଖି ଅଳ୍ପେ ବହୁତେ ଯାହା ସାମାନ୍ୟ ଅଥବା ମନ ରହି ଫସଲ ଅମଳ କରେ ସେଥିରେ ଯେ ଚାଷୀର କାଳ ମେଣ୍ଟିବ କି ପେଟ ଭରିବ, ଏହା ସର୍ବାଦୌ ଅସମ୍ଭବ । ଗାଁ ଗଣ୍ଡା ପୁର ପଲ୍ଲୀର ମୋଟ ଜମିଆୟତନ ସର୍ବାଙ୍ଗୀନ ପୂର୍ଣ୍ଣତଃ ଚାଷୋପଯୋଗୀ ତା ତ ନୁହେଁ । ତେଣୁ ବର୍ଷର ଏକ ତୃତୀୟାଂଶ ଦିନ ଖାଦ୍ୟାବଣ୍ଟନ ଚାଷୀ କୁଳ ଭୋଗିବେ ହିଁ ଭୋଗିବେ, କାରଣ ବର୍ଷା ଉପରେ ନିର୍ଭର କରୁଥିବା ହେତୁ ମୌସୁମୀ ପ୍ରବାହ ଠିକ୍ ଠିକ୍ ହେବ ଏକଥା କିଏ କହିବ ? ଚାଷୀକୂଳ ଯେହେତୁ ମୌସୁମୀ ବର୍ଷାକୁ ଚାହିଁ ରହିଥାଏ ତେଣୁ ଦୁଃଖ କଷ୍ଟରେ କାଳାତିପାତ କରିବାକୁ ହିଁ ପଡିବ ଏଥିରେ ଦ୍ୱିଧା ନାହିଁ । ଦେଶ ସବୁକ୍ଷେତ୍ରରେ ନାନା ଉନ୍ନତି ନ କରୁଛି ଏହା ତ ନୁହେଁ । ବିଜ୍ଞାନ ପଦ୍ଧତି ଅବଲମ୍ବନ କଲେ କଣ ବା ହେବ ? ପ୍ରଧାନତଃ ଭାରତରେ କୃଷି ସର୍ବାଦୌ ମୌସୁମୀ ଉପରେ ନିର୍ଭରଶୀଳ । ଏଣୁ ଚାଷୀ କୁଳ ଖଟି ଖଟି ପେଟ ବରଂ ପିଠିକୁ ଯାଉ ହେଲେ ଦୁଃଖ ଲାଘବ ହେବ ବା କିପରି ? ଦାରିଦ୍ର୍ୟର କଷାଘାତ ତଥା ଖାଦ୍ୟାନଣ୍ଟନରୁ ମୁକ୍ତି ମିଳିବ ବା କିପରି ?

ଉନ୍ନତି ଅଭିମୁଖେ ଗତି କରି ଚାଲୁଥିବା ଦେଶ ଜଣେ ଦିନୁ ଦିନ ପ୍ରତିଯୋଗୀତା ମନୋବୃତ୍ତି ନେଇ ଉନ୍ନତରୁ ଉନ୍ନତତର ବାସୋପଯୋଗୀ ଅତ୍ୟାଧୁନିକ ବାସଗୃହ ନାନାମତେ ନିର୍ମାଣ ଦିଗରେ ମନୋନିବେଶ କରି ନୟାନ୍ତ ହେଉଥିଲେ ହେଁ ସେ ଦିଗରୁ ମୁହଁ ଫେରାଇ ନିବୃତ୍ତ ହୋଇପାରୁନି, କାହିଁକି ନା ଜନସଂଖ୍ୟା ମାତ୍ରାତୀତ ଭାବେ ବଢି ବଢି ଚାଲିଛି । ଯଦ୍ୱାରା କି ଘରଡିହର ଘୋର ଅଭାବ ଅନୁମେୟ ପରିଲକ୍ଷିତ ହେଉଛି ଓ ଦଶ ପାହାଡ କାଟି ଗିରି କନ୍ଦରରେ ବି ଘନ ଜନବସତି ଗଢି ଉଠୁଛି । ଜନସଂଖ୍ୟା ଏତେ ମାତ୍ରାରେ ବଢି ଚାଲିବାରୁ ସେଇ ମୁତାବକ ଖାଦ୍ୟଶସ୍ୟ ଉତ୍ପନ୍ନ ହୋଇପାରୁନି । ଫଳତଃ ଦେଶର ଉନ୍ନତି ପଥେ ନାନା ଅବାଞ୍ଛିତ ପ୍ରତିବନ୍ଧକ ସୃଷ୍ଟି ହେବାଟା ସ୍ୱାଭାବିକ । ଆଗରୁ ଆମ ଦେଶ, ରାଜ୍ୟ, ଜିଲ୍ଲା, କିଲା ଅଞ୍ଚଳରେ ଯେଉଁ ପରିମାଣରେ ତାଳବନ, ଶାଳବଣ, ବନ ଉଦ୍ୟାନ ଜଙ୍ଗଲ ଦୃଷ୍ଟିଗୋଚର ହେଉଥିଲେ କାଇଁ ଆଜିତ ତାର ଲେଶେ ମାତ୍ର ଦୃଷ୍ଟିରେ ପଡୁନି । ଆଗପେକ୍ଷା ବର୍ତ୍ତମାନ ଚାଷ କ୍ଷେତ୍ରରେ ବେଶ ଆଶାତୀତ ଉନ୍ନତି ନ କରିଛି ଏ କଥା ନୁହେଁ ବରଂ ପ୍ରଗତିଶୀଳ ଚାଷୀକୂଳ ପୂର୍ବାପେକ୍ଷା ଶସ୍ୟ ଉତ୍ପାଦନରେ ଉତ୍ତରୋତ୍ତର ବୃଦ୍ଧି ଘଟାଇ ଚାଲିଲେ ବି ଅଭାବ ଅନାଣ୍ଟନ କାହିଁ କତି ଛାଡିବାର ନାଁ ଧରୁନି । ଇନ୍ଦ୍ର ଭରସାକୁ ପଛରେ ପକାଇ ଦେଶରେ ଏବେ କେତେ ଯେ ଜଳସେଚନ ଯୋଜନା କାର୍ଯ୍ୟକାରୀ ନ ହୋଇଛି ତା ନୁହେଁ ବରଂ ଯୁଗକୁ ଚାହିଁ ପରାନୁଶରଣ ମୁଖି ଜନତା ପୂର୍ବାପେକ୍ଷା ଅଧିକରୁ ଅଧିକ ଭର ଆଳସ୍ୟ ପରାୟଣ ହୋଇ ଯାଉଛନ୍ତି ଏବଂ ବାହ୍ୟ ଚକଚକ୍ୟରେ ବିମୁଗ୍ଧ ହୋଇ ଦାଦନ ଖଟିବାକୁ ଦେଶ ଭିଟାମାଟି ଛାଡି ବିଦେଶ ତଥା ସହରାଭିମୁଖୀ ହେବାରେ ଅବହେଳା କରୁନାହାଁନ୍ତି । ଚାଷପ୍ରତି ଅନେକେ ମୁହଁ ଫେରାଇ ବରଂ ଦୈନ୍ୟତା ଭୋଗନ୍ତୁ କିନ୍ତୁ ଆଗ୍ରହ ପ୍ରକାଶ କରୁନଥିବାରୁ ଖାଦ୍ୟାନଣ୍ଟନ ମେଣ୍ଟୁନି ।

ଦେଖାଯାଏ ଯେ ଚାଷୀକୂଳ ଯେତିକି ଆଧୁନିକ ପ୍ରଣାଳୀରେ ଉନ୍ନତ ଚାଷପ୍ରତି ଆକୃଷ୍ଟ ହୋଇ ପ୍ରଧାନ ଫସଲ ଧାନ ଗହମ ବିରି ମୁଗ କୋଳଥ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି କାହିଁ ସେହି ମାତ୍ରାରେ ଅତି ସଅଳ ଅମଳ ସାପେକ୍ଷ ଖାଦ୍ୟ ଶସ୍ୟ ଯେମିତି କି ସୁଆଁ, କୋଦ, କୁହୁରି, କାଙ୍ଗୁଲ, ମାଣ୍ଡିଆ କାଇଁ କେହି କରୁନାହାଁନ୍ତି । ଯାହାକି ଚାଷକଲେ ବିନା ପରିଶ୍ରମରେ ଦାହ ବିନା ଠିକ୍ ତିରୋଟିଆ ଅଭାବ ଅନାଣ୍ଟନ କାଳରେ ହିଁ ଅମଳ ହୋଇ ଗରିବ କୁଳ ଭୋକ ମେଣ୍ଟାଇ ପାରନ୍ତା । ଅଧିକାଂଶ ଜମି ଜାଗାରେ ତ କାଜୁ ଇତ୍ୟାଦି ଫଳଚାଷ ତଥା ଆଖୁଚାଷ ପ୍ରତି ଆକୃଷ୍ଟ ହୋଇ କରୁଛନ୍ତି କାହିଁକି ନା ସେ ସବୁ ଲାଭବାନ୍ ଚାଷ ଯେଉଁଥିରୁ କି ପ୍ରଚୁର ଅର୍ଥ ମିଳିବ ସତ୍ ମାତ୍ର ଏଇ ଯେଉଁ ହେୟ ତୁଚ୍ଛ ଖାଦ୍ୟଶସ୍ୟ ଯେଉଁଟା କି ପ୍ରକୃତପକ୍ଷେ ଗରିବର ଅସଲ ବନ୍ଧୁ । ତା ପ୍ରତି ଆଦର ଶ୍ରଦ୍ଧା ନଥାଉ ଏତେ ହତାଦର କାହିଁକି ? ବିଲ ପାଣିପାଟ ପର ଝାଟପାଟ ଯେଉଁ ସମୟ କି ଗରିବଚାଷୀ ମୂଲିଆ ଶ୍ରମିକଙ୍କ ପରେ ଖାଦ୍ୟଶସ୍ୟ ସମ୍ପୂର୍ଣ୍ଣ ମାତ୍ରାରେ ଶୂନ ଠିକ୍ ଏଭଳି ଘଡିସନ୍ଧି ମୁହୂର୍ତ୍ତରେ କୁହୁରି, ସୁଆଁ, କୋଦ, କାଙ୍ଗୁଲ, ମାଣ୍ଡିଆ ଯାହାକି ଘାସ ତୃଣ ଜାତୀୟ ଫସଲ ହେଲେ ବି ଅତି ତିରୋଟିଆ ଅଭାବ ଅନାଣ୍ଟନ ସମୟରେ ଚାଷୀର ସମବେଦନଶୀଳ ଦରଦୀ ବନ୍ଧୁ ଭାବେ ଆସି ଭରା ହୋଇ ସମସ୍ତ ଅନାହାର ଭୋକ କଷ୍ଟରୁ ତାରଣ କରିବାକୁ ସକ୍ଷମ ହୋଇଥାଏ । ଆଉ ଚାଷୀକୁଳ ତଥା ଗରିବ ମୂଳିଆ ଶ୍ରେଣୀର ଲୋକଙ୍କର ଦୁଃଖହାରୀ ପରମ ପ୍ରିୟ ହୀତାକାଂକ୍ଷୀ ମହତ ଉଦ୍ଦେଶ୍ୟ ସାଧନ କରୁଥିବା ପ୍ରକୃତ ବନ୍ଧୁ । କାହିଁକି ନା ଏଥି ପୂର୍ବରୁ ଏ ବର୍ଗର ପ୍ରତ୍ୟେକ ଲୋକ ଭୋକ ଓପାସରେ ସଢି ସଢି ନାନା ଦୁଃସ୍ଥିତିରେ କାଳାତିପାତ କରିକରି ନାନା ରୋଗ ବୈରାଗର ଶିକାର ବଳିଥାନ୍ତି ଏବଂ ଶ୍ରାବଣ ଶେଷଭାଗ ତଥା ଭାଦ୍ରବରେ କୌଣସି ବି ଫସଲ ଅମଳ ଯୋଗ୍ୟ ନଥିବା ସମୟେ ଏଇସବୁ ତୃଣ ଜାତୀୟ ଫସଲ ଜୀବନ ରକ୍ଷାରେ ସହାୟକ ହୋଇଥାଏ । ଆଗକୁ ଷଠିଆ ଶୁକା ଛୋଟ ଲଘୁଧାନ ଅମଳ ହେବାକୁ ଥାଏ ଓ ଅମଳ ପରେ ପରେ କ୍ଷୁଧା ଜର୍ଜରିତ ଗରିବ ଲୋକ ହାଇଁ ପାଇଁ ହୋଇ ଚାହିଁ ବସିଥାନ୍ତି କି ନବାନ୍ନ ଭକ୍ଷଣ ପୂର୍ବକ ପେଟପୁରା ଆହାର ଖାଇ ସୁସ୍ଥ ହେବେ କଣ ? ବରଂ ନୂଆଧାନର ଭାତ ଏତେ ଯେ ଗୁରୁପାକ ହଜମ ସାପେକ୍ଷ ନୁହଁ । ଏଣୁ ପ୍ରାଣ ଘାତି ରୋଗ ବେମାର ଆଣି ମଣିଷକୁ ରୋଗାକ୍ରାନ୍ତ କରିପକାଏ ଆଉ ଏ ଯେଉଁ ଫସଲ ଦୁଃସମୟେ ଅମଳ ହୁଏ ତାହା ସର୍ବାଦୌ ଲଘୁପାକ ସହଜ ହଜମ ସାପେକ୍ଷ ଯାହା ଖାଇଲେ ଶରୀରର ସନ୍ତୁଳନ ଠିକ୍ ଭାବେ ରଖିହେବ ଏବଂ କୌଣସି ରୋଗ ବୈରାଗ ପାଖ ମାଡି ପାରିବନାହିଁ । ଏ ଫସଲ ପାଇଁ ଚାଷରେ ସେମିତି କିଛି ଝିନଝଟ କି ଯତ୍ନ ବେଉଷଣ ଲୋଡା ହୋଇନଥାଏ । ଏବଂ ସମ୍ପୂର୍ଣ୍ଣ ଟାଙ୍ଗରା ପତିତ ଜମିରେ ବିନା ବେଉଷଣରେ ଏ ସବୁ ଫସଲ ଅମଳ ହୋଇ ଦୁଖାର୍ତ୍ତ ହରଣ କରି ଜନ ସମାଜକୁ ଅପାର ଅସୀମ ଆନନ୍ଦ ଦେଇ ଗରିବ ବନ୍ଧୁ କାମରେ ଅଭିହିତ ।

+ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ
ଭୁବନେଶ୍ୱର

କବିତା କୋଣାର୍କ

## ରୂପ -ଭାବ

### ଅର୍ଜୁନ ଘଡେଇ



ମଥାରେ ସିନ୍ଦୁର, ବାହୁ ଦେଶେ ବ୍ରତ
ହାତରେ କଙ୍କଣ ପିନ୍ଧି
ଯେତେ ସଜାଇଲେ, ନିଜ ରୂପ ଭେକ
ପୁରୁଷ କି ହୁଏ ବାନ୍ଧି ?
ଦେଖନ୍ତି ସକଳ ଜନ
ଗୋଟିକରେ କେହି ସନ୍ତୁଷ୍ଟ ନୁହନ୍ତି
ବାନ୍ଧି ନ ହୁଅଇ ମନ।

ମଥାରେ ତିଳକ, ଦେହରେ ଗେରୁଆ
ହାତରେ ଗିନି, ଖଞ୍ଜଣୀ
ବଜାଇ ରାସ୍ତାରେ ନାଚ କୁଦ କଲେ
ସାଧୁ ପଣେ ତାଙ୍କୁ ଗଣି ?
ସବୁ ଅବିବେକୀ, ଠକ
ନ ମିଳଇ ଭାବ ଭିକ।

ପବିତ୍ର ମନରେ, ନିଷ୍କାମ ଭାବରେ
ବାନ୍ଧି ହୁଏ ଯେଉଁ ମନ
ଅତୁଟ ରହଇ ଦୀର୍ଘ କାଳ ପାଇଁ
ପାଇ ଈଶ୍ୱରଙ୍କ ଧ୍ୟାନ।
ଭାବ ହୀନ ଯେଣୁ ମନ
କାହୁଁ ପାଇବ ସେ ଜ୍ଞାନ ?

କାମନା ବାସନା, କୁଟ କଳପନା
ଏ ସବୁରେ ଯାର ମତି
ସ୍ନେହ, ସମ୍ପର୍କର ଅର୍ଥ ବୁଝେନାହିଁ
ମିଶିବାରେ ଥାଏ ଭୀତି
ଆଜି କାଲି ସମୟରେ
ସମସ୍ତେ ଛକା ପଞ୍ଝାରେ।

ପତି-ପତ୍ନୀ ଅବା ଭକ୍ତ -ଭଗବାନ
ସମ୍ପର୍କର ଭାବ ଜାଣି
ନିଷ୍କାମ ପ୍ରେମରେ ବାନ୍ଧି ହୋଇଗଲେ
ସଂସାରର ଶୁଭ ମଣି
ନଥିବ ଛନ୍ଦ, କପଟ
ସବୁବେଳେ ଥିବ ଭେଟ।

+ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ,
ପ୍ରଧାନ ଶିକ୍ଷକ
ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
ମୋ -୯୪୩୮୦୪୮୬୧୫

## ଭାଗ୍ୟ...

### ରାମଚନ୍ଦ୍ର ବେହେରା

ଭାଗ୍ୟ ନୁହେଁ ସଦା ସରଗ ସୁଷମା
କେବେ ସେ ଅନ୍ଧାର ପଥ
କର୍ମ ଅନୁରୂପ ଫଳ ମିଳିଥାଏ
ଏହା ଚିରନ୍ତନ ସତ୍ୟ
ମଣିଷ ଭାଗ୍ୟର ଦାସ
ସୁବିଚାର ସହ ଯେ କର୍ମ କରଇ
ମୁକୁଳଇ ଭାଗ୍ୟ ଫାସ।
କର୍ମ ଫଳ ପରା ବିଧିର ବିଧାନ
ସୁକର୍ମ ଦିଅଇ ମାନ
ଅଧର୍ମ ଅନୀତି ପଥେ ଯିଏ ଚାଲେ
ସଦା ହୁଏ ହୀନିମାନ
କର୍ମ ଦିଏ ମିଠା ଫଳ
ଭାଗ୍ୟ ତ ଅଟଇ କପାଳ ଲିଖନ
କେବେ ଖୁସି କେବେ କାଳ।
କର୍ମ ଅନ୍ତେ ଯେଉଁ ଫଳ ପ୍ରାପ୍ତିହୁଏ
ସେ ଅଟେ ଆମ ଅର୍ଜିତ
ସୁଖ ଦୁଃଖ ପରା ମୁଦ୍ରା ଦୁଇ ପାର୍ଶ୍ୱ
ନହୁଅ କେବେ ବ୍ୟଥିତ
ଭାଗ୍ୟକୁ ନକର ଦୋଷୀ
ସୃଷ୍ଟି ନିୟନ୍ତାଂକ ପାରିତ ନିର୍ଦ୍ଦେଶ
ଦିଏ ଦୁଃଖ ଅବା ଖୁସି।
ଭାଗ୍ୟକୁ ଆଦରି ଶୋଇବା ବେକାର
ସୁକର୍ମରେ ରଖ ଲୟ
ନିରାଶା ଦୂରେଇ ଶାନ୍ତି ବିରାଜିବ
ଲୁଚିଯିବ ମନୁ ଭୟ
ମନକୁ ପଚାର ଥରେ
ଶ୍ରମ କର୍ମ ଆମ ନିଜ ଗୁରୁ ସାଜି
ପୋଛିଦେବ ଲୁହ ଧିରେ।
ଛାଇ ଆଲୁଅର ଖେଳ ଏ ଜୀବନ
କେବେ ଦିନ କେବେ ରାତି
ନିଃସ୍ୱାର୍ଥ ଭାବରେ କର୍ମ କରିଯାଅ
ଦୂରେଇ ପରାଣୁ ଭୀତି
ମନରୁ ତେଜି ସଂକୋଚ
ପ୍ରୟାସ କରିଲେ ବିଜୟ ମିଳିବ
ଏହା ହିଁ କୃଷ୍ଣ ଉବାଚ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ସୁସ୍ଥ ରହିବା ପାଇଁ ଚାହୁଁଥିଲେ ପ୍ରତିଦିନ ଖାଆନ୍ତୁ ଏହି ୪ଟି ଜିନିଷ



ବିଭିନ୍ନ ପ୍ରକାରର ରୋଗରୁ ଲଢ଼ିବା ପାଇଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ ରହିବା ନିହାତି ଆବଶ୍ୟକ । ଯଦି ଆପଣଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ରହିଛି ତେବେ ଆପଣ କୌଣସି ପ୍ରକାରର ରୋଗରେ ଶୀଘ୍ର ଆକ୍ରାନ୍ତ ହେବାର ଆଶଙ୍କା କମ ହୋଇଥାଏ । କାରଣ ଏହି ଶକ୍ତି ଆପଣଙ୍କୁ ବିଭିନ୍ନ ପ୍ରକାରର ରୋଗରୁ ଲଢ଼ିବା ପାଇଁ ସାହାଯ୍ୟ କରିଥାଏ । ଯଦି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ ନାହିଁ ତେବେ ଭୋକ ନ ଲାଗିବା, ପେଟ ଭାରି ଲାଗିବା, ଛାତି ପୋଡ଼ିବା ଇତ୍ୟାଦି ସମସ୍ୟା ଦେଖା ଦେଇଥାଏ । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ କରିବା ପାଇଁ ହେଲେ ଏହି ୪ଟି ଜିନିଷ ଖାଇବା ନିହାତି ଆବଶ୍ୟକ । ଆସନ୍ତୁ ଜାଣିବା ସେ ବିଷୟରେ...



୧.କିୱି ପାଟିକୁ ଯେତିକି ସୁଆଦିଆ ଲାଗେ ଶରୀର ପାଇଁ ମଧ ସେତିକି ଲାଭଦାୟକ ହୋଇଥାଏ । ଏଥିରେ ଭିଟାମିନ ସିର ପରିମାଣ ଅଧିକ ରହିଥାଏ, ଯାହା ଶରୀରକୁ ସୁସ୍ଥ ରଖିଥାଏ। ପ୍ରତିଦିନ ଗୋଟେ କିୱି ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।

୨.ଗୁଡ଼ ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରିଥାନ୍ତି । ପେଟର ସମସ୍ୟା ଦୂର କରିବା ପାଇଁ ଗୁଡ଼ କୌଣସି ଔଷଧଠାରୁ କମ ନୁହେଁ । ପ୍ରତିଦିନ ଗୋଟେ ଖଣ୍ଡ ଗୁଡ଼ ଖାଇଲେ ଶରୀରକୁ ଲାଭ ମିଳିବା ସହ ପେଟଜନିତ ସମସ୍ୟା ଦୂର ହୋଇଥାଏ।

୩.ଭିଟାମିନ୍ ସିରେ ଭରପୂର ଥିବା ଅଁଳାକୁ ପ୍ରତିଦିନ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସହ ଶରୀରରୁ ଅନେକ ପ୍ରକାରର ବିଷାକ୍ତ ପଦାର୍ଥକୁ କାଢ଼ିବା ପାଇଁ ଅଁଳା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ପ୍ରତିଦିନ ହେଉଥିବା କାଶରୁ ମୁକ୍ତି ପାଇବା ପାଇଁ ଅଁଳା ଖାଇବା ଅତ୍ୟନ୍ତ ଭଲ ।

୪.ସେଓରେ ଅନେକ ପ୍ରକାରର ପୋଷକ ତତ୍ତ୍ୱ ରହିଥାଏ, ଯାହା ଶରୀରକୁ ଅନେକ ରୋଗରୁ ରକ୍ଷା କରିଥାଏ । ପ୍ରତିଦିନ ସେଓ ଖାଇବା ଶରୀର ପାଇଁ ଲାଭଦାୟକ ହୋଇଥିବା ବେଳେ ମଧ୍ୟାହ୍ନ ସମୟରେ ସେଓ ଫଳ ଖାଇବା ଶରୀର ପାଇଁ ଭଲ ।

# ମୁହଁରୁ କେମିତି ହଟିବ ଡି-ଟ୍ୟାନ ଦାଗ: ଆପଣାନ୍ତୁ ଏହି ଉପାୟ



ସାଧାରଣତଃ ଖରାରେ ବୁଲିବା ଦ୍ୱାରା ହାତ, ଗୋଡ଼ ଓ ମୁହଁରେ କଳା ଦାଗ ଆସିଥାଏ ଯାହାକୁ ଆମେ ଡି-ଟ୍ୟାନ କହିଥାଉ। ଏହି ଦାଗ ବା ଡି-ଟ୍ୟାନ୍ ହାତ ଓ ଗୋଡ଼ରୁ ଦୂର କରିବା ପାଇଁ ଦୁଇ ଚାମଚ ବେସନ ସହ ମହୁ ଏକ ଚାମଚ ଓ ଏକ ଚାମଚ କଞ୍ଚାକ୍ଷୀରକୁ ଭଲ ଭାବେ ମିଶାଇ ଦାଗ ସ୍ଥାନରେ ୧୫ ମିନିଟ୍ ସମୟ ଲଗାଇ ପେଷ୍ଟଟି ସମ୍ପୂର୍ଣ୍ଣ ଭାବେ ଶୁଖିଲା ପରେ ଏହାକୁ ପାଣିରେ ଧୋଇବେ। ଏହାସହ ମୁହଁରେ ଡି-ଟ୍ୟାନ ପାଇଁ ଏକ ଚାମଚ୍ କଫି ପାଉଡର ସହ ଫେସ୍ ସିରମ୍ ଗୋଟେ ଚାମଚ କିମ୍ବା ଗୋଟେ ଭିଟାମିନ୍-ଇ କ୍ୟାପସୁଲକୁ ଭାଙ୍ଗି ତା' ଜେଲ୍‌କୁ ମିଶାଇ ୨୦ ମିନିଟ୍ ସମୟ ପର୍ଯ୍ୟନ୍ତ ମୁହଁରେ ଲଗାଇବେ ଏବଂ ଏହା ଶୁଖିବା ପରେ ଅଳ୍ପ ପାଣିରେ ମୁହଁକୁ ମସାଜ୍ କରି ଭଲ ଭାବେ ଧୋଇବେ। କିମ୍ବା ଗୋଟେ ଚାମଚ ମୁଲତାନି ସହ ୫ରୁ ୬ ବୁନ୍ଦା ଗୋଲାପଜଳକୁ ମିଶାଇ ମୁହଁରେ ଲଗାଇଲେ ଏହା ଡି-ଟ୍ୟାନ ସମସ୍ୟାକୁ ଦୂର କରିଥାଏ। ଏହିସବୁ ପକ୍ରିୟା ସପ୍ତାହକୁ ଦୁଇଥର କରିବା ଦ୍ୱାରା ଏହା ଡି-ଟ୍ୟାନ୍ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବେ ଦୂର କରିଥାଏ। ଏହାସହ ପ୍ରତ୍ୟେକ ଦିନ ଘରୁ ବାହାରିବା ପୂର୍ବରୁ ବା ଘର ରହିଲେ ମଧ ମୁହଁକୁ ଭଲ ଭାବେ ପାଣିରେ ଧୋଇ ହାଲୁକା ଭାବେ ପୋଛି ବଜାରରେ ମିଳୁଥିବା କୌଣସି ବି ସନ୍‌କ୍ରିମକୁ ମୁହଁରେ ଲଗାଇବା ଅତ୍ୟନ୍ତ ଜରୁରୀ।

# ସୁନ୍ଦର ଓ ଘନ ଆଇବ୍ରୋ ଚାହୁଁଛନ୍ତି, ଫଲୋ କରନ୍ତୁ ୫ ଟିପ୍ସ...

ସୁନ୍ଦର ଦେଖାଯିବା ଲାଗି ମହିଳା ଓ ଯୁବତୀ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। କିନ୍ତୁ ପୁରୁଖା ଲୋକଙ୍କ କହିବା ମୁତାବକ, ଝିଅଟି ଲମ୍ବା ଥିବା ସହ ନାକ ସିଧା ହୋଇଥିଲେ କେହି ବାରି ପାରିବେନି। କିନ୍ତୁ କଥା ଯେତେବେଳେ ମୁହଁର ସୁନ୍ଦରତା ଉପରେ ଆସେ, ସେତେବେଳେ ନାକ, ଆଖି, ସୁନ୍ଦର ଓଠ ସହ ସୁନ୍ଦର ଆଇବ୍ରୋ ମଧ ଖୁବ୍ ଗୁରୁତ୍ୱ ରଖିଥାଏ। ଆଜିକାଲି ମୋଟା ଆଇବ୍ରୋ ଟ୍ରେଣ୍ଡ ଅଛି। ତେଣୁ ପତଳା ଆଇବ୍ରୋ ଥିବା ମହିଳା ଯେତେ ମେକଅପ୍ ନେଲେ ମଧ ଆଟ୍ରାକ୍ଟିଭ ଲାଗିନଥାନ୍ତି। ଏଥିଲାଗି ମହିଳାମାନେ ଆର୍ଟିଫିସିଆଲ ରୂପରେ ଏହାକୁ ମୋଟା କରିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ଆପଣ ଘରୋଇ ଉପାୟରେ ବହୁ କମ୍ ଖର୍ଚ୍ଚରେ ମଧ ପାଇପାରିବେ ସୁନ୍ଦର ମୋଟା ଆଇବ୍ରୋ। ଆସନ୍ତୁ ଜାଣିବା ଏହି ବିଷୟରେ

**ଲେମ୍ବୁ ଓ ନଡ଼ିଆ**



ଆପଣ ଲେମ୍ବୁ ଓ ନଡ଼ିଆ ତେଲର ସହାୟତରେ ଘନ ଓ ଆକର୍ଷଣୀୟ ଆଇବ୍ରୋ ପାଇପାରିବେ। ଏଥିଲାଗି ଆପଣ ଏକ ଚାମଚ ନଡ଼ିଆ ତେଲରେ ୨ ଚାମଚ ଲେମ୍ବୁ ଚୋପାର ପାଉଡ଼ର ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ସବୁଦିନ ଶୋଇବା ପୂର୍ବରୁ ଆଇବ୍ରୋରେ ଲଗାଇ ଦିଅନ୍ତୁ। ସକାଳେ ଉଠିବା ପରେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଆପଣଙ୍କ ଆଇବ୍ରୋ ବେଶ ଘନ ଓ ମୋଟା ହେବ।

**ଅଲିଭ ଅଏଲ ଓ ଜୈତୁନ ତେଲ**

ଆପଣ ମୋଟା, ଗହଳ ଆଇବ୍ରୋ ଚାହୁଁଥିଲେ ଏପରି ଶସ୍ତା ଓ ସହଜ ପ୍ରଣାଳୀ ଆପଣାନ୍ତୁ। ଘରେ ଥିବା ଜୈତୁନ ତେଲକୁ ରାତିରେ ଲଗାଇ ହାଲକା ଭାବେ କିଛି ସମୟ ଆଇବ୍ରୋକୁ ମସାଜ କରନ୍ତୁ। ସକାଳେ ଉଠିବା ପରେ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ।





# ସକାଳ ଜଳଖିଆରେ କଣ ଖାଇବା ଭଲ ?

ଖାଲି ପେଟରେ କଫି, ଚା, କିମ୍ବା ସାଇଟ୍ରସ୍ ଫଳ ଖାଇବା ଦ୍ୱାରା ଏହା ଆମ ଶରୀରରେ ସମସ୍ୟା ସୃଷ୍ଟି କରିପାରେ । ସକାଳେ ପ୍ରଥମେ ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ପେଟ ବିଷମୁକ୍ତ ହୁଏ। ଏଥିରେ ଅଳ୍ପ ଲେମ୍ବୁ ମିଶାଇ ପିଇଲେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିବା ସହିତ ମେଟାବୋଲିଜିମ୍ ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ପାଚନ ତନ୍ତ୍ରକୁ ହାଲୁକା ଏବଂ ସକ୍ରିୟ ରଖେ। ଯାହା ଆପଣଙ୍କୁ ଦିନସାରା କାମ କରିବା ପାଇଁ ଶକ୍ତି ଯୋଗାଇଥାଏ । ସକାଳେ ଖାଲି ପେଟରେ ତେଲ କିମ୍ବା ଭାରି ଖାଦ୍ୟ ଖାଇବା ଦ୍ୱାରା ଗ୍ୟାସ୍ ବଢ଼ିପାରେ। ଏହି କ୍ଷେତ୍ରରେ ଓଟ୍ସ ଭଳି ହାଲୁକା ଖାଦ୍ୟ ଖାଇବା ହେଉଛି ସର୍ବୋତ୍ତମ ବିକଳ୍ପ। ଏଭଳି ଖାଦ୍ୟରେ ଫାଇବର ପ୍ରଚୁର ପରିମାଣରେ ରହିଥାଏ। ଯାହାକି ପାଚନ କ୍ରିୟାରେ ସାହାଯ୍ୟ କରିଥାଏ। ଯଦି ଆପଣ ସକାଳ ସମୟରେ କିଛି ହାଲୁକା ଏବଂ ଶୀଘ୍ର ଖାଇବାକୁ ଚାହୁଁଛନ୍ତି ତେବେ କଦଳୀ, ସେଓ କିମ୍ବା ଅମୃତଭଣ୍ଡା ଖାଇ ପାରିବେ। ଏହି ଫଳଗୁଡ଼ିକ ସହଜରେ ହଜମ ହୁଏ ଏବଂ ପେଟକୁ ଥଣ୍ଡା ରଖିଥାଏ । ଖାଲିପେଟରେ ପଇଡ଼ ପାଣି ବି ପିଇ ପାରିବେ । ସକାଳେ ଖାଲି ପେଟରେ ରାତିସାରା ଭିଜା ହୋଇଥିବା କିସମିସ୍, ବାଦାମ କିମ୍ବା ଅଖରୋଟ ଖାଇବା ଅତ୍ୟନ୍ତ ଲାଭଦାୟକ । ଏହା କେବଳ ହଜମକୁ ସମର୍ଥନ କରେ ନାହିଁ ବରଂ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହିତ ପେଟ ସମସ୍ୟାକୁ ଦୂର କରିଥାଏ ।

# ଲାଗି ରହିଛି କି ଆଣ୍ଠୁଗଣ୍ଠି ସମସ୍ୟା: ଜାଣନ୍ତୁ, ମୁକ୍ତି ପାଇବାର ଆୟୁର୍ବେଦିକ ଉପଚାର



ବର୍ତ୍ତମାନ ସମୟରେ ଆଣ୍ଠୁଗଣ୍ଠି ବିନ୍ଧା ଏକ ସାଧାରଣ ସମସ୍ୟା ପାଲଟିଛି । କେବଳ ବୃଦ୍ଧାବସ୍ଥାରେ ନୁହେଁ, ବରଂ ଖରାପ ଜୀବନଶୈଳୀ ଯୋଗୁଁ ଯୁବପିଢ଼ି ମଧ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆୟୁର୍ବେଦ ଅନୁସାରେ, ଶରୀରରେ 'ବାତ' ଦୋଷର ଅସନ୍ତୁଳନ ଯୋଗୁଁ ଗଣ୍ଠି ଯନ୍ତ୍ରଣା ହୋଇଥାଏ । ତେବେ କିଛି ସହଜ ଆୟୁର୍ବେଦିକ ଉପଚାର ଦ୍ୱାରା ଆପଣ ଏଥିରୁ ମୁକ୍ତି ପାଇପାରିବେ ।

୧. ହଳଦୀ ଓ କ୍ଷୀର:

ହଳଦୀରେ 'କରକୁମିନ' ନାମକ ଏକ ଉପାଦାନ ଥାଏ, ଯାହା ପ୍ରଦାହ ନାଶକ ଅଟେ । ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ ଗରମ କ୍ଷୀରରେ ଅଧା ଚାମଚ ହଳଦୀ ଗୁଣ୍ଡ ମିଶାଇ ପିଇଲେ ଗଣ୍ଠି ଫୁଲା ଓ ଯନ୍ତ୍ରଣା ଶୀଘ୍ର କମିଥାଏ ।

୨. ଅଦା ଓ ରସୁଣର ବ୍ୟବହାର:

ଅଦା ଏବଂ ରସୁଣ ଶରୀରରୁ ବାୟୁ ଦୋଷ ଦୂର କରିବାରେ ସାହାଯ୍ୟ କରେ । ପ୍ରତିଦିନ ସକାଳେ ଖାଲି ପେଟରେ ୨-୩ କୋଲା ରସୁଣ ଖାଇବା କିମ୍ବା ଅଦା ଚା' ପିଇବା ଦ୍ୱାରା ଗଣ୍ଠିରେ ଥିବା ପ୍ରଦାହ କମିଥାଏ ।

୩. ମେଥି ପାଣି:

ମେଥି ଗଣ୍ଠି ଯନ୍ତ୍ରଣା ପାଇଁ ରାମବାଣ ସଦୃଶ । ଏକ ଚାମଚ ମେଥି ମଞ୍ଜିକୁ ରାତିରେ ଏକ ଗ୍ଲାସ ପାଣିରେ ଭିଜାଇ ରଖନ୍ତୁ । ସକାଳେ ସେହି ପାଣିକୁ ପିଅନ୍ତୁ ଏବଂ ଭିଜାଇଥିବା ମେଥିକୁ ଚୋବାଇ ଖାଆନ୍ତୁ । ଏହା ଗଣ୍ଠିର ଜବଡ଼ାପଣ ଦୂର କରେ ।

୪. ତେଲ ମାଲିସ:

ଆଣ୍ଠୁଗଣ୍ଠିରେ ରକ୍ତ ସଞ୍ଚାଳନ ବଢ଼ାଇବା ପାଇଁ ମାଲିସ ଅତ୍ୟନ୍ତ ଜରୁରୀ। ସୋରିଷ ତେଲ କିମ୍ବା ରାଶି ତେଲରେ କିଛି ରସୁଣ ଓ ଅଳ୍ପ ଜୁଆଣି ପକାଇ ଗରମ କରନ୍ତୁ। ଏହି ଉଷୁମ ତେଲକୁ ଆଣ୍ଠୁରେ ଧୀରେ ଧୀରେ ମାଲିସ କରନ୍ତୁ। ଆୟୁର୍ବେଦିକ ମହାନାରାୟଣ ତେଲ ମଧ ଏଥିପାଇଁ ଖୁବ୍ ପ୍ରଭାବଶାଳୀ।

୫. ସଠିକ୍ ଖାଦ୍ୟପେୟ ଓ ଯୋଗ:

ଖାଦ୍ୟରେ ଅଧିକ କ୍ୟାଲସିୟମ ଯୁକ୍ତ ଖାଦ୍ୟ ଯଥା- କ୍ଷୀର, ଛେନା ଓ ଶାଗ ସାମିଲ କରନ୍ତୁ । ଅତ୍ୟଧିକ ଖଟା, ଥଣ୍ଡା ପାନୀୟ ଏବଂ ବାୟୁ କରୁଥିବା ଖାଦ୍ୟରୁ ଦୂରେଇ ରୁହନ୍ତୁ । ପ୍ରତିଦିନ ସକାଳୁ ୧୫-୨୦ ମିନିଟ୍ କୋମଳ ଖରାରେ ବସନ୍ତୁ, ଯାହାଦ୍ୱାରା ଶରୀରକୁ ପ୍ରାକୃତିକ ଭିଟାମିନ୍-ଡି ମିଳିବ। ଯଦି ଯନ୍ତ୍ରଣା ଅତ୍ୟଧିକ ହେଉଥାଏ, ତେବେ ଡାକ୍ତର କିମ୍ବା ଜଣେ ଅଭିଜ୍ଞ ଆୟୁର୍ବେଦ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ୍ । ନିୟମିତ ଯୋଗାସନ ଏବଂ ସନ୍ତୁଳିତ ଆହାର ଦ୍ୱାରା ଆପଣ ଏହି ସମସ୍ୟାରୁ ସ୍ଥାୟୀ ମୁକ୍ତି ପାଇପାରିବେ ।

# ବାସ୍ତୁ ଦୋଷ ଦୂର୍ କରେ ସିନ୍ଦୂର୍

ସିନ୍ଦୂରରେ ରହିଛି ଅପୂର୍ବ ଶକ୍ତି । ମହିଳାଙ୍କର ଏହା ପରିଚୟ ସୃଷ୍ଟି କରିଥିବାବେଳେ ଦେବୀ ତାଙ୍କ ମଥାରେ ସିନ୍ଦୂରରେ ମାନବ ଜାତିକୁ ଆର୍ଶୀବାଦ ବର୍ଷା କରିଥାନ୍ତି । ପୁଣି ଏହି ସିନ୍ଦୂରର ବ୍ୟବହାର ଯୋଗୁ ଘରୁ ନକାରାତ୍ମକ ଶକ୍ତି ଦୂର ହୋଇ ସକାରାତ୍ମକ ଶକ୍ତି ପ୍ରବେଶ କରେ । ଅନେକ ଶୁଭଫଳ ଏହାଦ୍ୱାରା ପ୍ରାପ୍ତ ହୋଇଥାଏ ।



♦ବାସ୍ତୁ ଶାସ୍ତ୍ର ଅନୁସାରେ ଦୁଆରରେ ତେଲ ଓ ସିନ୍ଦୂରକୁ ମିଶାଇ ଲଗାଇଲେ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ । ଏହାସହ ମାତା ଲକ୍ଷ୍ମୀ ମଧ ପ୍ରସନ୍ନ ହୋଇଥାନ୍ତି । ଏହା ଘରର ସମସ୍ତ ବାସ୍ତୁ ଦୋଷ ଦୂର କରିବାରେ ସହାୟକ ହୋଇଥାଏ ।

♦ଯଦି କୌଣସି ଆର୍ଥିକ ସମସ୍ୟାରୁ କଷ୍ଟ ଭୋଗୁଥାନ୍ତି, ଏକ ନଡ଼ିଆରେ ସିନ୍ଦୂର ଲଗାଇ ଏହାକୁ ଏକ ରଙ୍ଗ କପଡ଼ାରେ ବାନ୍ଧି ପୂଜା କରନ୍ତୁ । ଏହାଦ୍ୱାରା ମାତା ଲକ୍ଷ୍ମୀ କୃପା କରିବେ ଓ ଆର୍ଥିକ ସମସ୍ୟା ଦୂରେଇ ଯିବେ ।

♦ମଙ୍ଗଳ ଗ୍ରହ ଅଶାନ୍ତି ଥିଲେ ପାଣିରେ ସିନ୍ଦୂର ଭସାଇ ଦିଅନ୍ତୁ । ଏହା ଦ୍ୱାରା ଗ୍ରହ ଦୋଷ ଦୂର ହୋଇଯିବ ।

# ସାରୁପତ୍ରରେ ତିଆରି କରନ୍ତୁ ସ୍ୱାଦିଷ୍ଟ ବ୍ୟଞ୍ଜନ: ପ୍ରସ୍ତୁତି ପ୍ରଣାଳୀ ଖୁବ୍ ସହଜ



କୋବିପତ୍ର, ମୂଳାପତ୍ର, ସଜନାପତ୍ର, ପାଳଙ୍ଗଶାଗ, କୋଶିଳା ଶାଗର ପତ୍ରର ପକୁଡ଼ି ବା ତରକାରୀ ନିଶ୍ଚିତ ଭାବେ ଖାଇଥିବେ। କେବେ ସାରୁପତ୍ରରେ ବ୍ୟଞ୍ଜନ ପ୍ରସ୍ତୁତ କରିଛନ୍ତି କି। ଖୁବ କମ ଲୋକେ ଜାଣିଥିବେ ସାରୁପତ୍ରରେ ବି ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହୋଇପାରେ। ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ।

ଆବଶ୍ୟକ ସାମଗ୍ରୀ: ୫ଟି ସାରୁପତ୍ର,୧୫୦ ଗ୍ରାମ ବେସନ,୧୦୦ଗ୍ରାମ ତେନ୍ତୁଳି ମଣ୍ଡ ,୨୦ ଗ୍ରାମ ଲଙ୍କା ଗୁଣ୍ଡ,୫ ଗ୍ରାମ ହଳଦୀ ପାଉଡର, ୨ ଗ୍ରାମ ହିଂ, ୨ଗ୍ରାମ ଭଜା ଜିରା, ୨୦ ଗ୍ରାମ ଚିନି, ୨୦ ମିଲି ତେଲ, ସ୍ୱାଦ ଅନୁସାରେ ଲୁଣ।

ମୁଖ୍ୟ ପ୍ରସ୍ତୁତି ପ୍ରଣାଳୀ: ସାରୁ ପତ୍ରକୁ ଭଲଭାବେ ସଫା କରନ୍ତୁ। ଉପରୋକ୍ତ ଉପାଦାନଗୁଡ଼ିକୁ ମିଶ୍ରଣ କରି ଏକ ଘନ ବ୍ୟାଟର ପ୍ରସ୍ତୁତ କରନ୍ତୁ। ପ୍ରଥମେ ଗୋଟିଏ ପତ୍ରକୁ ବିଛାଇ ପ୍ରସ୍ତୁତ କରି ରଖିଥିବା ବ୍ୟାଟରର ଏକ ପତଳା ସ୍ତର ଲଗାନ୍ତୁ। ଉପରେ ଆଉ ଏକ ପତ୍ର ରଖନ୍ତୁ। ସେହିପରି ସମ୍ପୂର୍ଣ୍ଣ ବ୍ୟାଟରକୁ ବାକି ପତ୍ର ଉପରେ ଲଗାନ୍ତୁ। ୫ଟି ପତ୍ରକୁ ପରସ୍ତ ପରସ୍ତ କରି ବ୍ୟାଟର ସହିତ ରଖନ୍ତୁ। ଏହାପରେ ଏହାକୁ ରୋଲଭଳି ଗୁଡ଼ାଇ ଏକ ସୂତା ସାହାଯ୍ୟରେ ବାନ୍ଧି ଇଡ଼ିଲି ଛାଞ୍ଚରେ ସିଝିବା ପାଇଁ ଛାଡ଼ି ଦିଅନ୍ତୁ। ସିଝିବା ପାଇଁ ପାଖାପାଖି ୨୦ମିନିଟର ସମୟ ଲାଗିବ।

ସିଝିଗଲା ପରେ ଉକ୍ତ ରୋଲକୁ ଗୋଲ ଗୋଲ କରି କାଟି ଦିଅନ୍ତୁ। ଏହାପରେ ଏକ ପ୍ୟାନରେ ତେଲ ଗରମ କରି ଗୋଟେ ପରେ ଗୋଟେ ସାରୁପତ୍ରକୁ ଛାଣନ୍ତୁ। ଏହାକୁ ଧନିଆ, ପୋଦିନା କିମ୍ବା ଟମାଟୋ ଚଟୁଣୀ ସହିତ ପରଷନ୍ତୁ।

# ବଲାଙ୍ଗିର ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ ସଇଁତଲା ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ

ବଲାଙ୍ଗିର, ୯/୦୬ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ ସଇଁତଲା ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ଜନ ଅଭିଯୋଗ ଶୁଣାଣୀରେ ବଲାଙ୍ଗିର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଉପସ୍ଥିତ ରହି ସମୁଦାୟ ୧୦୨ଟି ଅଭିଯୋଗର ଶୁଣାଣୀ କରିଥିଲେ । ସେଥିରୁ ୭୫ଟି ବ୍ୟକ୍ତିଗତ ଅଭିଯୋଗ ଓ ୨୭ଟି ସାମୁହିକ ଅଭିଯୋଗ ରହିଥିଲା । ଜନସାଧାରଣଙ୍କ ଦ୍ୱାରା ଆଗତ ୨୮ଟି ମାମଲାର ଅଭିଯୋଗ ଓ ସମସ୍ୟାଗୁଡିକୁ ତୁରନ୍ତ ସମାଧାନ କରାଯାଇଥିଲା । ଶିବିରରେ ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗର ଗୁରୁତ୍ୱକୁ ଅନୁଧ୍ୟାନ କରି, ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରି ନିର୍ଦ୍ଧାରିତ ସମୟସୀମାରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ଅଭିଯୋଗ ଶୁଣାଣିରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ଫଇସଲା ସ୍ଥିତି ସମ୍ପର୍କରେ ମଧ ଜିଲ୍ଲାପାଳ ସମୀକ୍ଷା କରିଥିଲେ ଏବଂ ଅବଶିଷ୍ଟ ମାମଲାଗୁଡ଼ିକର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ।

ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର ?ୟ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ମିଶ୍ର , ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇଙ୍କ ସହିତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ।

## ମାନେଶ୍ୱର ବ୍ଲକରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, ୯/୦୬ (ନି.ପ୍ର): ସୋମବାର ଦିନ ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୪୩ ଟି ଆବେଦନ ଗ୍ରହଣ କରାଯାଇଥିଲା । ଉକ୍ତ ଅଭିଯୋଗ ଶୁଣାଣୀ ଠାରେ ଦୁଇଜଣ ବ୍ୟକ୍ତିଙ୍କୁ ସମୁଦାୟ ୨୫ ହଜାର ଟଙ୍କା ସିଏମ୍ଆର୍ ଏଫ୍ ପାଣ୍ଠି ଅଧୀନରେ ସହାୟତା ପ୍ରଦାନ କରାଯାଇଥିଲା।

# ରାଉରକେଲା ଇସ୍ପାତ କାରଖାନାର 'ସକ୍ଷମ' ବରିଷ୍ଠ ନାଗରିକମାନଙ୍କୁ ଯୋଗାଉଛି ଘର ଭଳି ଏକ ଆପଣାର ପରିବେଶ

ରାଉରକେଲା, ୯/୦୬ (ନି.ପ୍ର): ଏହି ଗତିଶୀଳ ଦୁନିଆରେ, ବାର୍ଦ୍ଧକ୍ୟ ଅନେକ ସମୟରେ ଏକାକୀପଣ, ସାମାଜିକ ବିଚ୍ଛିନ୍ନତା ଏବଂ ସାହାରାର ଅଭାବ ଭଳି ଆହ୍ୱାନ ନେଇ ଆସିଥାଏ, ଯାହା ଜୀବନର ଶେଷ ସମୟକୁ ଅନେକଙ୍କ ପାଇଁ କଷ୍ଟକର କରିଦିଏ। ଏହି ବଢୁଥିବା ସାମାଜିକ ଆବଶ୍ୟକତା କୁ ଚିହ୍ନଟ କରି, ସେଲ୍, ରାଉରକେଲା ଇସ୍ପାତ କାରଖାନା, ସେଲ୍ ଏବଂ ଆର.ଏସ.ପି ର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପାଇଁ ଏକ ଅନନ୍ୟ ଆଶ୍ରୟସ୍ଥଳ ସୃଷ୍ଟି କରିଛି, ଯେଉଁଠାରେ ସମ୍ମାନ, ଯତ୍ନ ଏବଂ ଆପଣାର ଭାବ ଗୋଟିଏ ଛାତ ତଳେ ଦେଖିବାକୁ ମିଳିଥାଏ। ସେକ୍ଟର-୪ ର ଶାନ୍ତ ପରିବେଶ ମଧ୍ୟରେ ଅବସ୍ଥିତ ଏହି ବରିଷ୍ଠ ନାଗରିକ ଆଶ୍ରୟସ୍ଥଳୀ 'ସକ୍ଷମ'କୁ ଆର.ଏସ.ପି ପକ୍ଷରୁ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ୨୦୧୮ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ୨.୩ ଏକର ପରିମିତ ଜମିରେ ବିକଶିତ ଏବଂ ପ୍ରାୟ ୧୬,୯୦୦ ବର୍ଗଫୁଟର ନିର୍ମିତ ଅଞ୍ଚଳ ରେ ବ୍ୟାପିଥିବା 'ସକ୍ଷମ'ର ପ୍ରତ୍ୟେକ ଦିଗରେ ଚିନ୍ତାଶୀଳ ଯୋଜନାର ପ୍ରତିଫଳନ ଦେଖିବାକୁ ମିଳେ। ଏହାର ପ୍ରତ୍ୟେକ ଆବାସିକ ୟୁନିଟ୍‌ରେ ସଂଲଗ୍ନ ଶୌଚାଳୟ ଓ ରୋଷେଇ ଘର ରହିଛି ଏବଂ ଏହା ଖଟ, ଗଦି, ଆଲମାରୀ, ପଢ଼ା ଟେବୁଲ୍, ଡାଇନିଂ ଆସବାବପତ୍ର, ଏଲ୍.ଇ.ଡି ଟେଲିଭିଜନ, ରେଫ୍ରିଜରେଟର, ଚିମିନି, ଗିଜର ଏବଂ (ଆରୋ ଇଉଭି) ପିଇବା ପାଣି ସିଷ୍ଟମ ଭଳି ଅତ୍ୟାବଶ୍ୟକ ସୁବିଧା ସୁଯୋଗରେ ସୁସଜ୍ଜିତ। ରୁମ୍ ଗୁଡ଼ିକ ବ୍ୟତୀତ, ଏହି କ୍ୟାମ୍ପସରେ ଏକ ମନୋରଞ୍ଜନ କକ୍ଷ, ଭୋଜନ ଶାଳା, ସ୍ୱାସ୍ଥ୍ୟ ପରୀକ୍ଷା କକ୍ଷ, ଯୋଗ ଓ ପ୍ରାର୍ଥନା ଗୃହ ଏବଂ ସୁନ୍ଦର ବଗିଚା ସହିତ ଅନେକ ସାଧାରଣ ସୁବିଧା ସୁଯୋଗ ରହିଛି। ଉତ୍ସର୍ଗୀକୃତ ଗୃହ ପରିଚାଳନା , ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ସେବା ନିଶ୍ଚିତ କରେ ଯେ ଯେପରି ଏଠାରେ ରହୁଥିବା ଅନ୍ତେବାସୀମାନେ ଏକ ଚିନ୍ତାମୁକ୍ତ ଜୀବନଶୈଳୀ ଉପଭୋଗ କରିପାରିବେ। ତଥାପି, ଯେଉଁ ଜିନିଷଟି 'ସକ୍ଷମ'କୁ ପ୍ରକୃତରେ ସ୍ୱତନ୍ତ୍ର କରିଥାଏ, ତାହା ଏହାର ଭିତ୍ତିଭୂମି ନୁହେଁ ବରଂ ଏହାର ଆପଣାର ପରିବେଶ। ଏଠାରେ, ଅନ୍ତେବାସୀମାନେ ନିଜ ନିଜର ଭାବ ଆଦାନ ପ୍ରଦାନ କରନ୍ତି, ଏକାଠି ପର୍ବପର୍ବାଣୀ ପାଳନ କରନ୍ତି, ପୁରୁଣା ସ୍ମୃତି ବାଣ୍ଟନ୍ତି ଏବଂ ଏଭଳି ବନ୍ଧୁତା ଗଢ଼ିତୋଳନ୍ତି ଯାହା ପ୍ରାୟତଃ ପରିବାରର ସମ୍ପର୍କ ଭଳି ଅର୍ଥପୂର୍ଣ୍ଣ ହୋଇଯାଏ। ଇସ୍ପାତ ଜେନେରାଲ ହସ୍ପିଟାଲ ର ସହଯୋଗରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିର ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ଆର.ଏସ.ପି କ୍ରମାଗତ ଭାବରେ ସକ୍ଷମର ଅନ୍ତେବାସୀମାନଙ୍କୁ ନିୟମିତ ଚିକିତ୍ସା ସେବା ଯୋଗାଇ ଦେବା ନିଶ୍ଚିତ କରିଛି। ଡାକ୍ତରମାନେ ପର୍ଯ୍ୟାୟକ୍ରମେ ଏହି କେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତି, ପୁରୁଣା ରୋଗର ତଦାରଖ କରନ୍ତି ଏବଂ ଅନ୍ତେବାସୀଙ୍କ ଆବଶ୍ୟକତା ଅନୁଯାୟୀ ଚିକିତ୍ସା ପରାମର୍ଶ ଦେଇଥାନ୍ତି। ଏହି ପଦକ୍ଷେପଗୁଡ଼ିକ ସ୍ୱାସ୍ଥ୍ୟ ସମସ୍ୟାର ଶୀଘ୍ର ଚିହ୍ନଟ କରିବାରେ ସାହାଯ୍ୟ କରିବା ସହ ଅନ୍ତେବାସୀମାନଙ୍କୁ ଆଶ୍ୱାସନା ଦେଇଥାଏ ଯେ ଚିକିତ୍ସା ସେବା ସେମାନଙ୍କର ସର୍ବଦା ନିକଟତର ଅଛି। 'ସକ୍ଷମ'ରେ, ପ୍ରଶିକ୍ଷିତ ପ୍ରଶିକ୍ଷକମାନଙ୍କ ଦ୍ୱାରା ପରିଚାଳିତ ନିୟମିତ ଯୋଗ ଶିବିର ଅନ୍ତେବାସୀମାନଙ୍କୁ ଶାରୀରିକ ସୁସ୍ଥତା, ନମନୀୟତା ଏବଂ ମାନସିକ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରିଥାଏ। ବାହାରେ ଥିବା ଫିଟ୍‌ନେସ୍ ଉପକରଣଗୁଡ଼ିକ ହାଲୁକା ବ୍ୟାୟାମ ପାଇଁ ପ୍ରୋତ୍ସାହିତ କରୁଥିବାବେଳେ ଚେସ୍, କ୍ୟାରମ୍ ଏବଂ ଚାଇନିଜ୍ ଚେକର୍ସ ଭଳି ଇନଡୋର ଗେମ୍ସ ଉଭୟ ମନୋରଞ୍ଜନ ଏବଂ ମାନସିକ ସକ୍ରିୟତା ପ୍ରଦାନ କରିଥାଏ। ମନୋରଞ୍ଜନ ସ୍ଥଳଗୁଡ଼ିକ ପ୍ରାୟତଃ ହସଖୁସି, ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଏବଂ ଜୀବନ୍ତ ଆଲୋଚନାରେ ମୁଖରିତ ହୋଇଉଠେ, ଯାହା ଏକ ଜୀବନ୍ତ ସାମୁଦାୟିକ ମନୋଭାବ ଗଠନ କରିବାରେ ସାହାଯ୍ୟ କରେ। ଅନେକ ଅନ୍ତେବାସୀ ମଧ୍ୟ ନିଜର ପ୍ରିୟ ସଡକ ପୂରଣ କରିବା, ବହି ପଢ଼ିବା, ବଗିଚା କାମ କରିବା କିମ୍ବା କ୍ୟାମ୍ପସର ସବୁଜିମା ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ବୁଲାବୁଲି କରି ନିଜର ସମୟ ଅତିବାହିତ କରନ୍ତି। ଏହି ସରଳ ମନେହେଉଥିବା କାର୍ଯ୍ୟକଳାପଗୁଡ଼ିକ ମାନସିକ ପ୍ରସନ୍ନତା ବଢ଼ାଇବାରେ ଏବଂ ଏକାକୀପଣର ଭାବନାକୁ ହ୍ରାସ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। 'ସକ୍ଷମ'ର ପ୍ରକୃତ ସଫଳତା ଏହାର ଅନ୍ତେବାସୀମାନଙ୍କ ମୁହଁର ହସରେ ରହିଛି। ଅନେକଙ୍କ ପାଇଁ, ଏହି ସୁବିଧା ଏକ ଅମୂଲ୍ୟ ଜିନିଷ ପ୍ରଦାନ କରିଥାଏ — ତାହା ହେଉଛି 'ସଙ୍ଗ'। ସମବୟସ୍କ ଏବଂ ସମାନ ଅନୁଭୂତି ସମ୍ପନ୍ନ ବ୍ୟକ୍ତିମାନଙ୍କ ମଧ୍ୟରେ ରହିବା ଦ୍ୱାରା ପରସ୍ପର ପ୍ରତି ବୁଝାମଣା ଏବଂ ଏକ ମାନସିକ ସୁରକ୍ଷା ଭାବନା ସୃଷ୍ଟି ହୁଏ, ଯାହା ଅନ୍ୟ କେଉଁଠାରେ ପାଇବା ଦୁରୂହ । ଏଭଳି ଏକ ସମୟରେ ଯେତେବେଳେ ପାରମ୍ପରିକ ପରିବାର ବ୍ୟବସ୍ଥା ଦ୍ରୁତ ଗତିରେ ବଦଳୁଛି, 'ସକ୍ଷମ' ଏକ ସ୍ମାରକୀ ସଦୃଶ କାର୍ଯ୍ୟ କରୁଛି ଯେ ବରିଷ୍ଠ ନାଗରିକମାନଙ୍କ ଯତ୍ନ ନେବା କେବଳ ଏକ ସାମାଜିକ ଦାୟିତ୍ୱ ନୁହେଁ, ବରଂ ଏକ ସମ୍ବେଦନଶୀଳ ସମାଜର ପରିଚୟ। ଏହି ପଦକ୍ଷେପ ମାଧ୍ୟମରେ, ରାଉରକେଲା ଇସ୍ପାତ କାରଖାନା ପ୍ରମାଣିତ କରିଛି ଯେ କର୍ପୋରେଟ୍ ଦାୟିତ୍ୱବୋଧ କେବଳ ଭିତ୍ତିଭୂମି ଏବଂ ବିକାଶ ମଧ୍ୟରେ ସୀମିତ ନୁହେଁ, ବରଂ ମାନବିକ ସମ୍ମାନକୁ ସୁରକ୍ଷିତ ରଖିବାରେ ମଧ ନିହିତ।

# ପର୍ଯ୍ୟଟକଙ୍କ ପସନ୍ଦ ଦଣ୍ଡାବଡ଼ ଇକୋ ଟୁରିଜିମ

ଜୟପୁର, ୯/୦୬ (ନି.ପ୍ର): ସବୁଜ ମୟ ଚତୁର୍ଦ୍ଦିଗରେ ଅନ୍ତହିନ ନିରନ୍ତର ବହୁଥିବା ପାଣିର ଧିର ଶବ୍ଦ ସାଙ୍ଗକୁ ପକ୍ଷୀ ମାନଙ୍କ କିଚିରି ମିଚିରି ସ୍ୱରରେ ଲୁଚିରହିଥିବା ସ୍ଥାନ ଏବେ ଲୋକଲୋଚନକୁ ଆସିଛି କ୍ଷ ପୂର୍ବରୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଥିବା ଏହି ସ୍ଥାନରେ ପ୍ରଶାସନିକ ସ୍ତରର ତୂଳୀ ଅଙ୍କିବା ପରେ ଏହା ଏକ ପର୍ଯ୍ୟଟନ ସ୍ଥଳ ପାଲଟିଛି । ଏଠାରେ ଏବେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଲାଗୁଛି। ବୋରିଗୁମ୍ମା ବ୍ଲକ ର ଉପାନ୍ତ ଦଣ୍ଡାବଡ଼ ଇକୋ ଟୁରିଜିମ । ଲୁଚି ରହିଥିବା ଉପାନ୍ତ ଦଣ୍ଡାବଡ଼ ଏବେ ପର୍ଯ୍ୟଟକଙ୍କ କେନ୍ଦ୍ର ବିନ୍ଦୁ ପାଲଟଛି। ଏବେ ଉପାନ୍ତ ଦଣ୍ଡାବଡ଼ ଇକୋଟୁରିଜିମ । ଏହି ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା କରୁଛି ପ୍ରଶାସନ । ପର୍ଯ୍ୟଟକ ରାତ୍ରି ରହିବା ପାଇଁ ୭ଟି ସୁନ୍ଦର କଟେଜ ବ୍ୟବସ୍ଥା ରହିଛି। ଖାଇବା ପାଇଁ କ୍ୟାଂଟିନ, ସାମୁହିକ ଖାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ତତ୍ ସହ ସମ୍ପୂର୍ଣ ସବୁଜିମା ଜଙ୍ଗଲ ଦେଖିବା ପାଇଁ ସ୍ୱତନ୍ତ୍ର ଟୟ ଟ୍ରେନ୍ ବ୍ୟବସ୍ଥା ଉପଲବ୍ଧ କରାଯାଉଛି କ୍ଷ ପିଲା ଠାରୁ ବୟସ୍କ ମାନଙ୍କ ପାଇଁ ସୁଇମିଂପୂଲ୍, ଚିଲଡ୍ରେନ ପାର୍କ ଓ ଉଦ୍ୟାନ ରହିଛି । ବୋଟ ମାଧ୍ୟମରେ ଟିକେ ଆଗକୁ ଗଲେ ଝରଣା ଏବଂ ଧଳା ଚକ୍ ଚକ୍ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଦେଖି ପାରିବେ । ଚତୃପାର୍ଶ୍ୱକୁ ସୌନ୍ଦର୍ଯ୍ୟକରଣ କରାଯାଇଛି। ଏହି ଇକୋଟୁରିଜିମ ଏବେ ପାଲଟିଛି ଯୁବ ପୀଢ଼ି ପାଇଁ ସେଲ୍ଫି ପଏଂଟ ଏବଂ ପ୍ରାପ୍ତ ବୟସ୍କ ମାନଙ୍କ ପାଇଁ ଶାନ୍ତିର ବସନ୍ତ । ପର୍ଯ୍ୟଟନ କେନ୍ଦ୍ର ଯୋଗୁଁ ସ୍ଥାନୀୟ ଲୋକେ ରୋଜଗାରକ୍ଷମ ହେବା ସହ ଆମୋଦ ପ୍ରମୋଦ ମଧ୍ୟ ପାଇପାରିବେ । ଗୋଟିଏ ପଟେ ମୁରାନ ନଦୀର ଅକାତ୍ କାତ୍ ପାଣି ସମୂହ ଅନ୍ୟ ପଟେ ସବୁଜ ମୟ ଉଦ୍ୟାନ ସତରେ ମନକୁ ମୋହି ନେବା ପରି ଦୃଶ୍ୟ। ଦୈନିକ ଜିଲା ତଥା ଜିଲା ବାହାରର ପର୍ଯ୍ୟଟକଙ୍କ ଏଠି ସୁଅ ଛୁଟୁଛି। ପ୍ରାକୃତିକ ପାହାଡ଼ ଏବଂ ନଦୀ ନିକଟରେ ଏହି ଦଣ୍ଡାବାଡ଼ ଇକୋ ଟୁରିଜିମ ହୋଇଥିବାରୁ ପର୍ଯ୍ୟଟକଙ୍କ ମନ ମହୁଛି। ଟୋପା ଟୋପା ପାଣି ମିଶି କିପରି ସମୁଦ୍ର ସୃଷ୍ଟିହୁଏ । ତାହାର ପ୍ରତିଫଳନ କରିବାରେ ସଫଳ ହୋଇଛି ବୋରିଗୁମ୍ମା ବ୍ଲକ ପ୍ରଶାସନ। ବିଭିନ୍ନ ଯୋଜନାର ଅନୁଦାନ ମିଶ୍ରିତ ସହଭାଗିତାରେ ଏଭଳି ପ୍ରକଳ୍ପ ପ୍ରସ୍ତୁତ ହୋଇଛି। ଯାହାକି ଅନ୍ୟ ବ୍ଲକ ପାଇଁ ଉଦାହରଣ ସୃଷ୍ଟି କରିଛି। ଇକୋଟୁରିଜିମ ପାଇଁ ଏମଏନ ଆର ଜି ଏ, ଏସ ଏଫ ଏସ, ଜିଆଏ (ଇନଭେଟିବ ପ୍ରାକ୍ଟିସ ), ନାଲକୋ ଏସ ଡ଼ି ଏଫ ଏବଂ ବ୍ଲକର ଫଣ୍ଡ ମିଶି ଦୁଇ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହି ଇକୋ ଟୁରିଜିମ ଦ୍ୱାରା ଅଂଚଳରେ ପର୍ଯ୍ୟଟକଙ୍କ ଭିଡ଼ ହେଉଛି। ଏହା ଦ୍ୱାରା ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଉନ୍ନତି ହେବ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା। ଏହି ଇକୋ ଟୁରିଜିମ ମିଶନଶକ୍ତି ମହିଳାଙ୍କ ଦ୍ୱାରା ପରିଚାଳନା କରି ମହିଳାମାନେ ରୋଜଗାରର ମାଧ୍ୟମ ପାଉଛନ୍ତି। ଏହି ଅଂଚଳରେ ନେଟୱାର୍କ ବ୍ୟବସ୍ଥା ନଥିବାରୁ କିଛି ସମସ୍ୟା ହେଉଛି, ନେଟୱାର୍କ ବ୍ୟବସ୍ଥା ହେଲେ ଆହୁରି ସୁବିଧା ହୁଅନ୍ତା ବୋଲି ପର୍ଯ୍ୟଟକ କହିଛନ୍ତି। ଉପାନ୍ତରେ ପର୍ଯ୍ୟଟନର ବିକାଶ କରି ଦଣ୍ଡାବଡ଼କୁ ଏକ ନୂଆ ପରିଚୟ ଦେଇଛି ପ୍ରଶାସନ। ହେଲେ ଏହି ପର୍ଯ୍ୟଟନ ସ୍ଥଳୀକୁ ଯିବା ପାଇଁ ଠିକ୍ ରାସ୍ତା ଏବଂ ନେଟୱାର୍କର ବ୍ୟବସ୍ଥା ହେଲେ ଏଠି ବର୍ଷ ସାରା ପର୍ଯ୍ୟଟକଙ୍କ ଭିଡ଼ ଜମିବ ବୋଲି ବୁଦ୍ଧିଜୀବି ମତ ପ୍ରକାଶ କରିଛନ୍ତି।

# ଶ୍ରୀଶ୍ରୀ ଆଚାର୍ଯ୍ୟ ଦେବଙ୍କ ପୁଣ୍ୟ ଆବିର୍ଭାବ ଦିବସ ପାଳିତ

କେନ୍ଦ୍ରାପଡ଼ା, ୯/୦୬ (ନି.ପ୍ର): ଦୁହୁରିଆ ସ୍ଥିତ ସତସଙ୍ଗ ବିହାର ପରିସରରେ ପରମ ପୂଜ୍ୟପାଦ ଶ୍ରୀଶ୍ରୀ ଆଚାର୍ଯ୍ୟ ଦେବଙ୍କର ଶୁଭ ୫୯ତମ ପୁଣ୍ୟ ଆବିର୍ଭାବ ଦିବସ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସୋମବାର ବ୍ରାହ୍ମ ମୁହୂର୍ତ୍ତରେ ଶ୍ରୀଶ୍ରୀ ଆଚାର୍ଯ୍ୟ ଦେବଙ୍କର ଶୁଭ ଜନ୍ମ ଲଗ୍ନ ଘୋଷଣା କରାଯାଇଥିଲା। ଏହା ପରେ ବେଦ ପାଠ, ଉଷା କୀର୍ତ୍ତନ, ସମବେତ ଉଷା ବିନତୀ, ଗ୍ରନ୍ଥପାଠ, ମାତୃ ସମ୍ମିଳନୀ, ସତସଙ୍ଗ ଓ ସଦାଲୋଚନା ଆଦି ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସତସଙ୍ଗ କେନ୍ଦ୍ରର ସହ ପ୍ରତି ଋତ୍ୱିକ ଦୁର୍ଯୋଧନ ରଥ ଓ ଗୁରୁଚରଣ ପରିଡ଼ା। ପ୍ରମୁଖ ପରିଚାଳନା କରିଥିବା ବେଳେ ସମସ୍ତ ଯାଜକ ଓ ଅଧ୍ୱର୍ଯ୍ୟୁଙ୍କ ସମେତ ଶତାଧିକ ଗୁରୁଭାଇ ଓ ମା'ମାନେ ଉପସ୍ଥିତ ଥିଲେ ।

# ଲଖନପୁରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡା, ୯/୦୬ (ନି.ପ୍ର): ଲଖନପୁର ବ୍ଲକରେ ମିଳିତ ଜନଶୁଣାଣି ଶିବିର ସମାପ୍ତ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଅଂଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଲଖନପୁର ବିଡ଼ିଓ ବିନୟ କୁମାର ପଟେଲ ପ୍ରମୁଖ ସ୍ଥାନୀୟ ଅଂଚଳ ଗସ୍ତ କରି ଭିତିଭୂମି ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ କନକତୋରା ଗ୍ରାମପଂଚାୟତର ଝାରଗାଁ ଗ୍ରାମ ଦେଇ ଯାଇଥିବା ଦୟାଡେରା ଠାରୁ ପ୍ରସିଦ୍ଧ 'ଝରନ' ପର୍ଯ୍ୟଟନ ସ୍ଥଳୀ ପର୍ଯ୍ୟନ୍ତ ବିସ୍ତାରିତ ରାସ୍ତାର ନିର୍ମାଣ ସ୍ଥିତି ଅନୁଧ୍ୟାନ କରିଥିଲେ। ପର୍ଯ୍ୟଟକଙ୍କ ଗମନାଗମନ ସୁବିଧା ପାଇଁ ଏହି ରାସ୍ତାର ଗୁଣବତା ବଜାୟ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏହା ପରେ ଜିଲ୍ଲାପାଳ ଓ ବିଡ଼ିଓ କନକତୋରା ଠାରେ ନିର୍ମାଣଧୀନ ରାଜସ୍ୱ ଡାକବଙ୍ଗଳା କାର୍ଯ୍ୟସ୍ଥଳୀ ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଡାକବଙ୍ଗଳା ନିର୍ମାଣ ପାଇଁ ଆହୂତ ଟେଣ୍ଡର ପ୍ରକ୍ରିୟାର ଅଗ୍ରଗତି ଏବଂ ବୈଷୟିକ ଦିଗ ଉପରେ ପଚାରି ବୁଝିଥିଲେ। ଏହି ପ୍ରକ୍ରିୟାକୁ ଶୀଘ୍ର ଶେଷ କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ କହିଛନ୍ତି।

ଏହି ଗସ୍ତ କ୍ରମରେ ଜିଲ୍ଲାପାଳ କନକତୋରା ସ୍ଥିତ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଠାକାର ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଜରୁରୀକାଳୀନ ପରିସ୍ଥିତିରେ ସ୍ଥାନୀୟ ଲୋକଙ୍କ ସୁରକ୍ଷା ପାଇଁ ଏହି କେନ୍ଦ୍ରର ପ୍ରସ୍ତୁତି ଏବଂ ଆନୁଷଙ୍ଗିକ ସୁବିଧା ସୁନିଶ୍ଚିତ କରିବାକୁ ସେ ବିଡ଼ିଓ ଶ୍ରୀ ପଟେଲଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରଶାସନର ଏହି କ୍ଷେତ୍ର ପରିଦର୍ଶନ ସମୟରେ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ୧୦୧ ଅଭିଯୋଗ ଗ୍ରହଣ, ୧୦ ମାମଲାର ତୁରନ୍ତ ସମାଧାନ

କେନ୍ଦ୍ରାପଡ଼ା, ୯/୦୬ (ନି.ପ୍ର): ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଓ ପ୍ରଶାସନିକ ସେବାକୁ ଲୋକଙ୍କ ପାଖକୁ ପହଂଚାଇବା ଉଦ୍ଦେଶ୍ୟରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଅଭିଯୋଗକାରୀମାନେ ସେମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଉପସ୍ଥାପନ କରିଥିଲେ। ଶିବିରରେ ମୋଟ ୧୦୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୮୫ଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ଅଭିଯୋଗ ଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରେ ପାନୀୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ବିଦ୍ୟୁତ ସେବା, ଜଳସେଚନ, ବ୍ୟାଙ୍କିଙ୍ଗ ସେବା, ରାସ୍ତାଘାଟ, ରାଜସ୍ୱ ଏବଂ ବିଭିନ୍ନ ସରକାରୀ କଲ୍ୟାଣମୂଳକ ଯୋଜନା ସମ୍ପର୍କିତ ସମସ୍ୟା ପ୍ରମୁଖ ଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୧୦ଟି ମାମଲାର ତୁରନ୍ତ ସମାଧାନ କରାଯାଇଥିବା ବେଳେ ୭ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୋଟ୍ ୩୨ ହଜାର ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା।

ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ, ତହସିଲଦାର କୁଇନି ଜେନା, ଡେପୁଟି କଲେକ୍ଟର ସରୋଜ କୁମାର ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଜିଲ୍ଲାପାଳ ଶ୍ରୀ ଆୟର ଅଭିଯୋଗଗୁଡ଼ିକର ଗୁରୁତ୍ୱ ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶୀଘ୍ର, ସ୍ୱଚ୍ଛ ଓ ପ୍ରଭାବୀ ସମାଧାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶ ଥାଉକି, ଆସନ୍ତା ଜୁନ ୨୨ ରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ ଏବଂ ଜୁନ ୨୯ ରେ ରାଜକନିକା ବ୍ଲକ କାର୍ଯ୍ୟାଳୟ ଠାରେ ପୂର୍ବାହ୍ନ ୧୦.୩୦ ରୁ ଦିନ ୧ଟା ପର୍ଯ୍ୟନ୍ତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଜନସାଧାରଣଙ୍କୁ ଏହି ଶିବିରର ସୁଯୋଗ ନେଇ ସେମାନଙ୍କ ସମସ୍ୟା ଉପସ୍ଥାପନ କରିବା ପାଇଁ ଅନୁରୋଧ କରାଯାଇଛି।

## ପିକଅପ ଭ୍ୟାନ୍ ଓଲଟି ଜଣେ ମୃତ: ୩୦ରୁ ଉର୍ଦ୍ଧ୍ୱ ଆହତ

ଗଞ୍ଜାମ, ୯/୦୬ (ନି.ପ୍ର): ମହେନ୍ଦ୍ରଗିରିରୁ ମେଳା ଦେଖି ବିଳମ୍ବିତ ରାତିରେ ଏକ ପିକ୍ଅପ ଭ୍ୟାନରେ ଫେରୁଥିବା ବେଳେ ଜରଡା ବୁରୁତାଲ ଥଣ୍ଡଅଣ୍ଡା ନିକଟରେ ଦୁର୍ଘଟଣା ଘଟି ଜଣକର ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଆହତ ପ୍ରତାପ ସେଠୀ, ଲକ୍ଷ୍ମୀ ଗୌଡ, ରେଣୁ ଗୌଡ, କାଳିଆ ବେହେରା, ଶିବରାମ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ସାହୁ, ସୁଭାସିନି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଅନ୍ୟ ମୃତାହତଙ୍କ ପରିଚୟ ମିଳିନାହିଁ। ଆହତମାନେ ଚିକିଟିନୂଆସାହିର ବୋଲି ଜଣାପଡିଛି । ପିକଅପ ର ବ୍ରେକ ଫେଲ ଯୋଗୁଁ ଏହି ଦୁର୍ଘଟଣା ଘଟିଛି ।

# ମାଟିର ବାସ୍ନା ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବରେ ରାଜଶ୍ରୀ ଅନୁଷ୍ଠାନକୁ ଭବ୍ୟ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୯/୦୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ କୋରୋ ଗ୍ରାମ ସ୍ଥିତ ଅଗ୍ରଣୀ ପୁରାତନ ସାହିତ୍ୟାନୁଷ୍ଠାନ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦକୁ ସାମଗ୍ରିକ ସାହିତ୍ୟ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଭଦ୍ରକ ଜିଲ୍ଲା ବାସୁଦେବପୁରର ସାରସ୍ୱତ ଅନୁଷ୍ଠାନ ମାଟିର ବାସ୍ନା ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବ ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହେବା ଅବସରରେ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ସ୍ୱର୍ଣ୍ଣଲତା ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଓ କବି ପୂଜନ ଉତ୍ସବରେ ବିଶିଷ୍ଟ ସାହିତ୍ୟ ସଂଗଠକ ସୁକୁମାର ସାମଲ ମୁଖ୍ୟ ଅତିଥି, ରାଜଶ୍ରୀର ପ୍ରତିଷ୍ଠାତା ସମ୍ପାଦକ ଆଶୁ କବି ହେମନ୍ତ ଜେନା ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଡଃ. ରମାକାନ୍ତ ନାୟକ, ଛନ୍ଦ କବି ସୁରେଶ ଚନ୍ଦ୍ର ରଥ, ଡଃ. ନବକିଶୋର ଶତପଥୀ, କବି ଯୁଗଳ କିଶୋର ମହାରଣା ଏବଂ କବି ଗୀତାଞ୍ଜଳି ପଣ୍ଡା ଆଦି ଯୋଗ ଦେଇ 'ସାହିତ୍ୟ ଓ ଆଧ୍ୟାତ୍ମିକତା ' ପ୍ରସଙ୍ଗ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ କବି କବୟିତ୍ରୀଙ୍କୁ ଯଥୋଚିତ ସମ୍ବର୍ଦ୍ଧିତ କରିଥିଲେ। ଇତ୍ୟବସରରେ ଅନୁଷ୍ଠାନର ଶିଶୁ ବିଶେଷାଙ୍କ 'ମାଟିର ମୁକୁଳ'କୁ ଅତିଥି ମାନେ ଲୋକାର୍ପଣ କରିଥିଲେ। ମାଟିର ବାସ୍ନା ସାହିତ୍ୟ ସଂସଦର ସଭାପତି ଆଡଭୋକେଟ୍ ରାଖାଲ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବିଶିଷ୍ଟ ସାହିତ୍ୟିକା ପ୍ରାଧ୍ୟାପିକା ଡଃ. ପ୍ରତିଭା ମହାରଥୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ପ୍ରସଙ୍ଗ ଭିତିକ ଦୀକ୍ଷାନ୍ତ ସମ୍ଭାଷଣ ଦେବା ସହିତ କେତେକ ଗ୍ରନ୍ଥ ଉନ୍ମୋଚନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କବି ଗୋଦାବରୀଶ ଦାସ, କବି ବାବାଜୀ ଚରଣ ଦାସ, କବି ଶ୍ରୀକାନ୍ତ ପଣ୍ଡା, ପ୍ରାବନ୍ଧିକ ଦେବେନ୍ଦ୍ର ନାଥ ଧନୀ ଅତିଥି ଭାବେ ଯୋଗ ଦେଇଥିଲେ। ଇତ୍ୟବସରରେ ମାଟିର ବାସ୍ନା ସାହିତ୍ୟ ସଂସଦ ପକ୍ଷରୁ ରାଜଶ୍ରୀ ଅନୁଷ୍ଠାନକୁ ଶ୍ରେଷ୍ଠ ଅନୁଷ୍ଠାନ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାୟୋଜିତ ରାଜ୍ୟ ସ୍ତରୀୟ କବି ପୂଜନ ଉତ୍ସବରେ ବିଶିଷ୍ଟ ପରିବେଶବିତ୍ ତଥା ରାଜଶ୍ରୀର ସଭାପତି କାଶୀନାଥ ରାଉତରାୟ, କାର୍ଯ୍ୟକାରୀ ସଭାପତି କବି ମଞ୍ଜୁଳ ମଞ୍ଜୁଶ୍ରୀ ବରାଳ, ଉପଦେଷ୍ଟା ଡଃ. ରମାକାନ୍ତ ନାୟକ, ଯୁଗ୍ମ ସମ୍ପାଦିକା କବି ସୁପ୍ରିୟା ସାହୁ, ଗୀତିକାର ରଞ୍ଜନ କୁମାର ଦଳାଇ, କବି ଡଃ. ମନ୍ଦାକିନୀ ପାଢ଼ୀ, ସମାଜସେବୀ ଅକ୍ଷୟ କୁମାର ତରାଇ, କବି ହେମନ୍ତ କୁମାର ସାହୁ , ସମାଜସେବୀ ସଞ୍ଜୟ ମିଟୁ ଜେନା, ଜିତେନ୍ଦ୍ର କୁମାର ମହାନ୍ତି ପ୍ରମୂଖ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ।

## ଯୁବ ନେତୃତ୍ୱ ଓ ସାଂଗଠନିକ ବୈଠକ ଅନୁଷ୍ଠିତ

ବଲାଙ୍ଗିର, ୯/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ପଂଚାୟତ ଠାରେ ଭାଇ ସୁଜିତ ସରାଫ, ହେମନ୍ତ ବିଶ୍ୱାଳ, ଚନ୍ଦ୍ର କହଁର ଙ୍କ ନେତୃତ୍ୱରେ ଆୟୋଜିତ ସାଂଗଠନିକ ବୈଠକ ରେ ମୁଖ୍ୟ ଅତିଥି ଭାବେ ବିଜେଡ଼ି ଯୁବ ନେତା ଗିରିରାଜ ସିଂ ମାଝୀ ଯୋଗଦେଇଥିଲେ । ଏହି ଅବସରରେ ବୁଢ଼ା ଚନ୍ଦନ, ଚମାରୁ ଭୋଇ, ଟୁନା ସେଠ୍, ଅଭିଲାଷ ବଘାର, ଅମିତ ସାହୁ, ଭବାନୀ ନାଗ,ଭାଗ୍ୟ ସାହୁ, ସୁଶିଲ ସଥପତି, ଦେବରାଜ ଯାଦବ, ବିଷ୍ଣୁ ପ୍ରସାଦ ଯୁଏଡ, ଦିପକ ଘିବେଲା, ଆଶିଷ ବେହେରା ଉପସ୍ଥିତ ଥିଲେ। ଆଗାମୀ ଦିନରେ ତୃଣମୂଳ ସ୍ତରରେ ସଂଗଠନ କୁ ଆହୁରି ସୁଦୃଢ଼ କରିବା ସହିତ ଜନସାଧାରଣଙ୍କ ସମସ୍ୟାର ସମାଧାନ ଲାଗି ସମସ୍ତ କାର୍ଯ୍ୟକର୍ତାଙ୍କୁ ଗିରିରାଜ ସିଂ ମାଝୀ ସମସ୍ତ ଙ୍କୁ ଆହ୍ୱାନ ଦେଇଥିଲେ।

# ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂର୍ତ୍ତି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଭବାନୀପାଟଣା , ୯/୦୬ (ନି.ପ୍ର): ଆଜି ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ଜନସମ୍ପର୍କ କାର୍ଯ୍ୟକ୍ରମକୁ ସଫଳ ଓ ଗରିମାମୟ ଭାବେ ପାଳନ କରିବା ନିମନ୍ତେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । 'ବିକାଶର ଧାରା, ଓଡ଼ିଶା ସାରା' ଶୀର୍ଷକ କାର୍ଯ୍ୟକ୍ରମ ଜିଲାରେ ୧୨ ତାରିଖରୁ ଆରମ୍ଭ ହେବ । ଜିଲାସ୍ତରରେ ୩ ଦିନିଆ ପ୍ରଦର୍ଶନୀ, ବିକଶିତ ଓଡ଼ିଶା ପାଇଁ ବିକଶିତ ଭାରତ ଉପରେ ଆଲୋଚନା ଚକ୍ର, ପ୍ରକଳ୍ପ ପରିଦର୍ଶନ, ଆକାଂକ୍ଷୀ ଜିଲା ଏବଂ ବ୍ଲକ ସଫଳତା, ଜୈବିକ କୃଷି ଉପରେ କର୍ମଶାଳା, ବ୍ଲକ୍‌ସ୍ତରରେ ୭ ଦିନିଆ ପ୍ରଦର୍ଶନୀ ଏବଂ କାର୍ଯ୍ୟକ୍ରମ, ଗ୍ରାମାଂଚଳ ବିକାଶ ଓ ଭିତିଭୂମିର ପ୍ରଦର୍ଶନୀ, ଜନଜାତି ସମ୍ବାଦ, ପ୍ରାକୃତିକ କୃଷି ସମ୍ବନ୍ଧୀୟ କୃଷକ କର୍ମଶାଳା, ଖେତ ବଚାଓ ଅଭିଯାନ, ସ୍ୱାବଲମ୍ବୀ ଯୁବା, ଆୟୁଷ୍ମାନ ବାୟୋ ବନ୍ଦନା ଆଦି କାର୍ଯ୍ୟକ୍ରମ କରାଯିବ । ବିଭିନ୍ନ ଯୋଜନାର ହିତାଧିକାରୀମାନକୁ ସହାୟତା, ପଂଚାୟତସ୍ତରରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ସୁଭଦ୍ରା ଶକ୍ତି ସମାବେଶ ଏବଂ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯିବ । ସରକାରୀ ଯୋଜନାର ଲାଭ, ଯୋଗ୍ୟତା ଓ ଆବେଦନ ପ୍ରକ୍ରିୟା ସମ୍ପର୍କରେ ପୁସ୍ତିକା ଏବଂ ସୂଚନା ସାମଗ୍ରୀ ବଂଟନ କରାଯିବ । ଜିଲ୍ଲା, ବ୍ଲକ୍ ଏବଂ ଗ୍ରାମ ପଂଚାୟତ ସ୍ତରରେ ଆୟୋଜିତ ହେବାକୁ ଥିବା ଉତ୍ସବ ଓ ଜନସମ୍ପର୍କ କାର୍ଯ୍ୟକ୍ରମର ରୂପରେଖ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ଜନମୁଖୀ, ଅନ୍ତର୍ଭୁକ୍ତିକରଣମୂଳକ ଓ ପ୍ରଭାବଶାଳୀ କରିବା ପାଇଁ ସୁପରିକଳ୍ପିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ଆୟୋଜନ ପାଇଁ ସମ୍ଭାବ୍ୟ ସ୍ଥାନ ଚୟନ, ପରିଚାଳନା ବ୍ୟବସ୍ଥା ଓ ବିଭିନ୍ନ ବିଭାଗର ଭୂମିକା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ରାଜ୍ୟବ୍ୟାପୀ ଏହି ଜନସମ୍ପର୍କ ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ବିକାଶମୂଳକ ପଦକ୍ଷେପ ଏବଂ ସଫଳତାକୁ ଲୋକଙ୍କ ନିକଟରେ ପହଂଚାଇବା । ସେହିପରି ସରକାରୀ ସେବା ଓ ଯୋଜନା ସମ୍ପର୍କିତ ସଚେତନତା ବୃଦ୍ଧି ସହିତ ଜନସାଧାରଣଙ୍କ ସକ୍ରିୟ ଭାଗିଦାରୀ ନିଶ୍ଚିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାପାଳ କହିଥିଲେ ଯେ, କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ଓ ସହଯୋଗ ଅତ୍ୟନ୍ତ ଜରୂରୀ । ପ୍ରତ୍ୟେକ ବିଭାଗ ଆଗୁଆ ଆବଶ୍ୟକ ପ୍ରସ୍ତୁତି ସମ୍ପନ୍ନ କରିବା ସହ ନିଜ ନିଜ ଦାୟିତ୍ୱ ସୁଚାରୁ ଭାବେ ନିର୍ବାହ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ଉତ୍ସବ କେବଳ ସରକାରଙ୍କ ସଫଳତାର ପ୍ରଦର୍ଶନ ନୁହେଁ, ବରଂ ସାଧାରଣ ଜନତାଙ୍କ ସହ ସରକାରଙ୍କ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାର ଏକ ସୁଯୋଗ ବୋଲି ସେ ମତପ୍ରକାଶ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ, ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଙ୍କ ସମେତ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ତିନି ମାସରୁ ଉର୍ଦ୍ଧ୍ୱ ସମୟ ଧରି ଭତ୍ତା ପାଇନାହାନ୍ତି ହିତାଧିକାରୀ: ବଢୁଛି ଜନଅସନ୍ତୋଷ



ଖୋରଧା , ୦୯/୬ (ନି.ପ୍ର): ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଭତ୍ତା ପାଉଥିବା ଅନେକ ହିତାଧିକାରୀ ଦୀର୍ଘ ତିନି ମାସରୁ ଉର୍ଦ୍ଧ୍ୱ ସମୟ ଧରି ଭତ୍ତା ପାଇ ନଥିବାରୁ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାର ଲାଭାର୍ଥୀମାନେ ନିୟମିତ ଭାବେ ଭତ୍ତା ନ ପାଇବା ଯୋଗୁଁ ନିଜର ଦୈନନ୍ଦିନ ଜୀବନ ନିର୍ବାହ କରିବାରେ ନାନା ଅସୁବିଧା ଭୋଗୁଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଭତ୍ତା ହେଉଛି ଅନେକ ବୃଦ୍ଧ, ବିଧବା ଏବଂ ଦିବ୍ୟାଙ୍ଗଙ୍କ ପାଇଁ ଜୀବନ ନିର୍ବାହର ଏକମାତ୍ର ଆର୍ଥିକ ସହାୟତା। ଏହି ଟଙ୍କା ଉପରେ ନିର୍ଭର କରି ସେମାନେ ଔଷଧ କିଣିବା, ଖାଦ୍ୟ ସାମଗ୍ରୀ ଯୋଗାଡ଼ କରିବା ସହ ଅନ୍ୟାନ୍ୟ ଆବଶ୍ୟକ ଖର୍ଚ୍ଚ ବହନ କରିଥାନ୍ତି। ମାତ୍ର ଗତ ତିନି ମାସ ଧରି ଭତ୍ତା ନ ମିଳିବା ଫଳରେ ଅନେକ ହିତାଧିକାରୀ ଋଣ କରି ଚଳିବାକୁ ବାଧ ହୋଇଛନ୍ତି। କେତେକ ବୃଦ୍ଧ ଏବଂ ଅସହାୟ ବ୍ୟକ୍ତି ଔଷଧ କିଣିବାକୁ ସକ୍ଷମ ନ ହୋଇ ସ୍ୱାସ୍ଥ୍ୟଗତ ସମସ୍ୟାରେ ମଧ୍ୟ ପଡୁଛନ୍ତି। ହିତାଧିକାରୀମାନଙ୍କ ଅଭିଯୋଗ ଅନୁସାରେ, ସେମାନେ ବାରମ୍ବାର ପଞ୍ଚାୟତ ,ବ୍ଲକ ଓ ପୌର କାର୍ଯ୍ୟାଳୟର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଭତ୍ତା ପ୍ରଦାନ ସମ୍ପର୍କରେ ସ୍ପଷ୍ଟ ସୂଚନା ପାଇପାରୁ ନାହାନ୍ତି। କେବଳ ଶୀଘ୍ର ସମାଧାନ ହେବ ବୋଲି ଆଶ୍ୱାସନ ମିଳୁଥିବା ବେଳେ ବାସ୍ତବରେ କୌଣସି ପଦକ୍ଷେପ ଦୃଶ୍ୟମାନ ହେଉ ନାହିଁ। ଫଳରେ ଲୋକଙ୍କ ମଧ୍ୟରେ ପ୍ରଶାସନ ପ୍ରତି ଅସନ୍ତୋଷ ବଢ଼ିବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳର ଅନେକ ହିତାଧିକାରୀ କହିଛନ୍ତି ଯେ, ସରକାର ଗରିବ, ଅସହାୟ ଏବଂ ବୃଦ୍ଧ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ଏହାର ସଠିକ୍ କାର୍ଯ୍ୟକାରିତା ନ ହେବା ଦୁଃଖଦ ବିଷୟ। ନିୟମିତ ଭତ୍ତା ପ୍ରଦାନ ହେଉନଥିବାରୁ ଯୋଜନାର ଉଦ୍ଦେଶ୍ୟ ହିଁ ବ୍ୟାହତ ହେଉଛି ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ ବିଭିନ୍ନ ସାମାଜିକ ସଂଗଠନ ମଧ୍ୟ ଉଦବେଗ ପ୍ରକାଶ କରିଛନ୍ତି। ତୁରନ୍ତ ବକେୟା ଭତ୍ତା ପ୍ରଦାନ କରିବା ସହ ଭବିଷ୍ୟତରେ ଏପରି ସମସ୍ୟାର ପୁନରାବୃତ୍ତି ରୋକିବାକୁ ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତି। ଭତ୍ତା ପ୍ରଦାନରେ ବିଳମ୍ବ ପଛର କାରଣ ସମ୍ପର୍କରେ ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଦେବାକୁ ମଧ୍ୟ ଦାବି ଉଠିଛି। ଅନ୍ୟ ପକ୍ଷରେ, ଯଦି ଖୁବଶୀଘ୍ର ଭତ୍ତା ପ୍ରଦାନ କରାନଯାଏ, ତେବେ ହିତାଧିକାରୀମାନେ ଏକାଠି ହୋଇ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ସମସ୍ତଙ୍କ ନଜର ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି ଏବଂ କେବେ ହିତାଧିକାରୀମାନେ ସେମାନଙ୍କ ପ୍ରାପ୍ୟ ଭତ୍ତା ପାଇବେ ତାହାକୁ ନେଇ ଅପେକ୍ଷା ଜାରି ରହିଛି।

## ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିରରେ ଡିଜି ସଂଯୋଗୀକରଣ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ



ନୀଳଗିରି, ୦୯/୬ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୀଳଗିରି ଜଗନ୍ନାଥମନ୍ଦିରରେ ଅନବରତ ବିଦ୍ୟୁତ ସରବରାହ ନିମନ୍ତେ ଏକ ଡିଜି ସଂଯୋଗୀକରଣ ଆବଶ୍ୟକତା ରହିଛି। ପ୍ରତ୍ୟହ ରାଜ୍ୟ ଓ ରାଜ୍ୟବାହାରୁ ହଜାରହଜାର ଶ୍ରଦ୍ଧାଳୁ ଜଗନ୍ନାଥ ମନ୍ଦିରକୁ ଦର୍ଶନପାଇଁ ଆସୁଥିବା ସମୟରେ ଅଧିକାଂଶ ସମୟରେ ବିଦ୍ୟୁତ କାଟ ହେଉଥିବାରୁ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତିତ ବିଦ୍ୟୁତ କାଟ୍ ଫଳରେ ମହାପ୍ରଭୁଙ୍କ ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ଓ ମହାପ୍ରଭୁଙ୍କ ନୀତିକାନ୍ତିରେ ଅହେତୁକ ଅସୁବିଧା ଦେଖିବାକୁ ମିଳିଥାଏ। ଅସୁବିଧାକୁ ପରିଲକ୍ଷିତକରି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ, ମହିଳା ଓ ଶିଶୁବିକାଶ ବିଭାଗ ଏବଂ ମିଶନଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ମନ୍ଦିରକୁ ଡିଜି ସଂଯୋଗୀକରଣ ନିମନ୍ତେ ଏକ ଚିଠି ଲେଖିଛନ୍ତି। ଯେହେତୁ ଆଗାମୀ ଦିନରେ ମହାପ୍ରଭୁଙ୍କ ବଡପର୍ବ ରଥଯାତ୍ରା ଆସୁଛି ସେ ସମୟରେ ମଧ ଭକ୍ତଙ୍କ ଭିଡରହିବ। ତେଣୁ କିପରି ରଥଯାତ୍ରା ପୂର୍ବରୁ ଡିଜି ସଂଯୋଗୀକରଣ କରାଯିବ ସେଥିନିମନ୍ତେ ଚିଠିରେ ଉଲ୍ଲେଖ କରିଛନ୍ତି ଶ୍ରୀ ଷଡଙ୍ଗୀ।

## ପୂର୍ବତନ ସାଂସଦ ଏବଂ ପୂର୍ବତନ ବିଧାୟକ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ , ୦୯/୬ (ନି.ପ୍ର): ଭଦ୍ରକ ସହିଦ ସ୍ମୃତି ଭବନ ପରିସରରେ ଅର୍ଜୁନ ଚରଣ ସେଠୀ ସ୍ମୃତି ସଂସଦ ପକ୍ଷରୁ ସଭାପତି ଡ ରବୀନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଭଦ୍ରକର ଜଣାଶୁଣା ଜନନେତା, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ପୂର୍ବତନ ସାଂସଦ ଏବଂ ପୂର୍ବତନ ବିଧାୟକ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜ୍ୟ ବିଜେପିର ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲା ବିଜେପି ସଭାପତି ଭଗବାନ ପଣ୍ଡା, ବିଜେପି ନେତା ଅଜୟ ନାୟକ ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମାଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଅର୍ଜୁନ ଚରଣ ସେଠୀ କେବଳ ଜଣେ ଜନପ୍ରତିନିଧି ନୁହେଁ, ସେ ଥିଲେ ଜନସାଧାରଣଙ୍କ ବିଶ୍ୱାସ, ଦୃଢ଼ ନେତୃତ୍ୱ ଏବଂ ନିଷ୍ଠାପର ଜନସେବାର ଏକ ଜୀବନ୍ତ ପ୍ରତୀକ । ତାଙ୍କ ଆଦର୍ଶ, କାର୍ଯ୍ୟ ଏବଂ ଜନକଲ୍ୟାଣ ପ୍ରତି ସମର୍ପିତ ଜୀବନ ସର୍ବଦା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସଭାରେ ଉପସ୍ଥିତ ବକ୍ତା ମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପୂର୍ବରୁ ଆଜି (ସୋମବାର) ପୂର୍ବାହ୍ଣରେ ସାଳନ୍ଦୀ ଘଟଣାରେ ତିଳ ତର୍ପଣ କରାଯାଇଥିଲା।

## ଆଧାର ସମସ୍ୟା ମାଙ୍କିଡ଼ିଆ କଲୋନୀର ବଡ଼ ଦୁଃଖ



ଉଦଳା, ୦୯/୬ (ନି.ପ୍ର): କପ୍ତିପଦା ବ୍ଲକର ଜେ.ଏସ୍. ଜାମଡ଼ିହା ପଂଚାୟତ ଅନ୍ତର୍ଗତ ଦାମାସାହି ସ୍ଥିତ ମାଙ୍କିଡ଼ିଆ କଲୋନିରେ ବସବାସ କରୁଥିବା ଅଧିକାଂଶ ଲୋକଙ୍କର ଆଧାର କାର୍ଡ଼ ନାହିଁ। ଫଳରେ ଏଠାକାର ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଖବର ଆମର ହସ୍ତଗତ ହୋଇଛି । ଆଧାର ନଥିବା ଯୋଗୁଁ ଏଠାରେ ବହୁ ଲୋକ ଖାଦ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷାରୁ ବଂଚିତ ଥିବାର ଜଣାଯାଇଛି । ତାଛଡ଼ା ମାଙ୍କିଡ଼ିଆ ଜନଜାତିର ଲୋକଙ୍କୁ ମୟୁରଭଂଜ ଜିଲ୍ଲାରେ ସବୁଠାରୁ ଅଧିକ ଅବହେଳିତ ଜନଜାତି ଭାବରେ ସରକାର ଚିହ୍ନଟ କରିଛନ୍ତି । ଏହି ଜନଜାତି ଲୋକଙ୍କର ଉନ୍ନତି ପାଇଁ ସ୍ୱତନ୍ତ୍ର ଅନୁଦାନ ମଧ ଖର୍ଚ୍ଚ ହେଉଛି। କିନ୍ତୁ ଆଧାର କାର୍ଡ଼ ନଥିବା ଯୋଗୁଁ ବହୁ ହିତାଧିକାରୀ ଏହାର ଫାଇଦା ଉଠାଇପାରୁ ନାହାଁନ୍ତି ବୋଲି ଚର୍ଚ୍ଚା ହେଉଛି । ଆଧାର ପାଇଁ ବାରମ୍ବାର ଫଟୋ ଉଠାଉଥିଲେ ମଧ କାର୍ଡ଼ କାହିଁକି ଆସୁନାହିଁ ତାହା ଏଠାକାର ବାସିନ୍ଦାଙ୍କୁ ଜଣାନଥିବାର କଥା ସେମାନେ କହିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଅନୁରୋଧ ଜଣାଇଛନ୍ତି ।

## ସାମାଜିକ ସୁରକ୍ଷାରୁ ବଂଚିତ ବିଶ୍ୱନାଥ ମୁଣ୍ଡା

ଉଦଳା, ୦୯/୬ (ନି.ପ୍ର): କପ୍ତିପଦା ବ୍ଲକର ଜେ.ଏସ୍.ଜାମଡ଼ିହା ପଂଚାୟତ ଅନ୍ତର୍ଗତ ଇଟାଗଡ଼ ଗ୍ରାମର ବାସିନ୍ଦା ସ୍ୱର୍ଗତଃ ମାସି ମୁଣ୍ଡାଙ୍କର ପୁତ୍ର 'ବିଶ୍ୱନାଥ' ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । 'ବିଶ୍ୱନାଥ'ଙ୍କୁ ବର୍ତମାନ ବୟସ ୬୩ ବର୍ଷ ଛୁଇଁଥିବା ବେଳେ ଦିନମଜୁରିଆ ଭାବରେ କାମ କରି ସେ ତାଙ୍କର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଦିନକୁ ଦିନ ବୟସ ହଟି ଯାଉଥିବାରୁ ସେ ଆଉ ଆଗଭଳି କାମ କରି ପାରୁ ନାହାଁନ୍ତି । ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । 'ବିଶ୍ୱନାଥ'ଙ୍କୁ ତୁରନ୍ତ ଭତା ଯୋଗାଇ ଦେବାକୁ ଜନଜାଗୃତି ମଂଚର କର୍ମି ମାନେ ଅନୁରୋଧ ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୧୨ ବର୍ଷର ସଫଳତା...

୮୧ କୋଟି ଲୋକଙ୍କୁ ମାଗଣା ରାସନ ସହ ମୁଦ୍ରା ଯୋଜନାରେ ୪୦ ଲକ୍ଷ କୋଟିର ଋଣ ବିତରଣ ହୋଇଛି । ୧୪ ଲକ୍ଷରୁ ଅଧିକ ଅଙ୍ଗନବାଡି ଚାଲୁଥିବା ବେଳେ ଆୟୁଷ୍ମାନ ଯୋଜନାରେ ୬୦ କୋଟି ଲୋକଙ୍କୁ ମିଳୁଛି ମାଗଣା ଚିକିତ୍ସା । ଯୁବବର୍ଗ ଓ ମହିଳାଙ୍କୁ ଫୋକସରେ ରଖି ଆସିଛି ଏକାଧିକ ଯୋଜନା । ଦେଶର ବ୍ୟବସ୍ଥାକୁ ସୁଦୃଢ କରିଛି ମୋଦୀ ସରକାର । ମୋଦୀ ସରକାରର ୧୨ ବର୍ଷରେ ୨ ଟ୍ରିଲିଅନ ଅର୍ଥନୀତିରୁ ୫ ଟ୍ରିଲିଅନ୍ ଅର୍ଥନୀତି ମୁହାଁ ଏବେ ଭାରତ ।

### ଗୃହରକ୍ଷୀଙ୍କ ପାଇଁ ବଡ଼ ...

ଇତିମଧ୍ୟରେ ରାଜ୍ୟ ସରକାର ନିଜର ନିୟମିତ କର୍ମଚାରୀମାନଙ୍କ ପାଇଁ ୨ ପ୍ରତିଶତ ଅତିରିକ୍ତ ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି, ଯାହାକି ୨୦୨୬ ଜାନୁଆରୀ ପହିଲାରୁ ଲାଗୁ ହୋଇଛି । ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି ଏବଂ ସାମ୍ପ୍ରତିକ ବଜାର ସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଗୃହରକ୍ଷୀମାନଙ୍କ ଭତ୍ତା ବଢ଼ାଇବାକୁ ଉଚିତ ମଣିଥିଲେ । ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଦିନରାତି ନିୟୋଜିତ ରହୁଥିବା ଗୃହରକ୍ଷୀମାନଙ୍କର ନିଷ୍ଠାପର ସେବାକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ଆର୍ଥିକ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ପରେ ରାଜ୍ୟର ହଜାର ହଜାର ଗୃହରକ୍ଷୀ ଉପକୃତ ହେବେ । ସରକାରଙ୍କ ଏହି ସହାନୁଭୂତିପୂର୍ଣ୍ଣ ପଦକ୍ଷେପକୁ ଗୃହରକ୍ଷୀ ସଂଘ ପକ୍ଷରୁ ସ୍ୱାଗତ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

### ଭାରତର ସବୁଠାରୁ ଦୀର୍ଘକାଳୀନ...

ଭାରତର ସୀମା ବାହାରେ ଅନେକଙ୍କୁ ପ୍ରେରଣା ଦେଇଛି। ପ୍ରଧାନମନ୍ତ୍ରୀ ମୋଦୀ ୪ରୁ ୬ ଏପ୍ରିଲ ୨୦୨୫ରେ ଶ୍ରୀଲଙ୍କା ଗସ୍ତ କରିଥିଲେ। ଏହି ରାଷ୍ଟ୍ରକୁ ଏହା ତାଙ୍କର ଚତୁର୍ଥ ଗସ୍ତ ଥିଲା। ଏହି ସମୟରେ ତାଙ୍କୁ ଜଣେ ପ୍ରତିଷ୍ଠିତ ନେତୃତ୍ୱ ଭାବେ ଶ୍ରୀଲଙ୍କାର ସର୍ବୋଚ୍ଚ ନାଗରିକ ସମ୍ମାନ ମିତ୍ର ବିଭୂଷଣ ପ୍ରଦାନ କରାଯାଇଥିଲା। ଏହି ଗସ୍ତ ଭାରତର ପଡ଼ୋଶୀ ପ୍ରଥମ ନୀତିକୁ ସୁଦୃଢ଼ କରିଥିଲା। ଶ୍ରୀଲଙ୍କା ଭାରତର ଦୃଢ଼ ସହଭାଗିତାରେ ନିକଟତମ ଲାଭାର୍ଥୀଙ୍କ ମଧ୍ୟରେ ସାମିଲ ରହିଥିବା ବେଳେ ସେଠାରେ ଆର୍ଥିକ ସଂକଟ ସମୟରେ ଭାରତ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଯୋଗାଇ ଦେଇଥିଲା। ପାପୁଆ ନ୍ୟୁଗିନିର ପ୍ରଧାନମନ୍ତ୍ରୀ ଜେମ୍ସ ମାରାପେ ଏକ ବ୍ୟକ୍ତିଗତ ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଏବଂ ଉଦାହରଣ ସୃଷ୍ଟିକାରୀ ନେତା'' ଭାବରେ ବର୍ଣ୍ଣନା କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି, ବର୍ତ୍ତମାନର ସମୟରେ ୨୦ କୋଟିରୁ ଅଧିକ ଲୋକଙ୍କୁ ଦାରିଦ୍ର୍ୟରୁ ଉଦ୍ଧାର କରି ସେମାନଙ୍କ ଜୀବନସ୍ତରରେ ଉନ୍ନତି ଆଣିବା ଏକ ଆଶ୍ଚର୍ଯ୍ୟଜନକ ସଫଳତା। ପ୍ରଧାନମନ୍ତ୍ରୀ ମାରାପେ ପାପୁଆ ନ୍ୟୁଗିନିର ସ୍ନେହପୂର୍ଣ୍ଣ ବନ୍ଧୁତା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାର ଇଚ୍ଛା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ମେ ୨୦୨୩ରେ ପାପୁଆ ନ୍ୟୁଗିନିକୁ ଐତିହାସିକ ଗସ୍ତ କରିଥିଲେ। ପ୍ରଥମ ଥର କୌଣସି ଭାରତୀୟ ପ୍ରଧାନମନ୍ତ୍ରୀ ଭାରତ-ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ ସହଯୋଗ ଫୋରମ୍ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ ରାଷ୍ଟ୍ରଗୁଡ଼ିକ ସହିତ ଭାରତର ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଏକ ଐତିହାସିକ ମୁହୂର୍ତ୍ତ ଥିଲା। ଏହି ଗସ୍ତ ଗ୍ଲୋବାଲ୍ ସାଉଥର ଏକ ପ୍ରତିବଦ୍ଧ ଅଂଶୀଦାର ଭାବରେ ଭାରତର ଭୂମିକାକୁ ସୁଦୃଢ଼ କରିଥିଲା। ତ୍ରିନିଦାଦ ଓ ଟୋବାଗୋର ପ୍ରଧାନମନ୍ତ୍ରୀ ମହାମହିମ କମଳା ପର୍ସାଦ-ବିସେସାର ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଆନ୍ତର୍ଜାତିକ ପ୍ରସଙ୍ଗରେ ଏକ ପ୍ରମୁଖ ସ୍ୱର ପାଲଟିଛି।'' ସାଧାରଣ ପୃଷ୍ଠଭୂମିରୁ ଆରମ୍ଭ କରି ତିନୋଟି କାର୍ଯ୍ୟକାଳ ମଧ୍ୟରେ ୧୪୦ କୋଟି ଲୋକଙ୍କ ଏକ ରାଷ୍ଟ୍ରର ନେତୃତ୍ୱ ନେବା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଯାତ୍ରା ଉପରେ ସେ ଆଲୋକପାତ କରିଛନ୍ତି। ବୈଦେଶିକ ନୀତି, ଆର୍ଥିକ ଅଭିବୃଦ୍ଧି, ଭିତ୍ତିଭୂମି ଏବଂ ସାମାଜିକ-ଆର୍ଥିକ ବିକାଶରେ ଭାରତର ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ୩-୪ ଜୁଲାଇ ୨୦୨୫ରେ ତ୍ରିନିଦାଦ ଓ ଟୋବାଗୋକୁ ଏକ ଐତିହାସିକ ଗସ୍ତ କରିଥିଲେ। ୨୬ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଦ୍ୱିପାକ୍ଷିକ ଗସ୍ତ ଥିଲା। ଏହି ଗସ୍ତ ତ୍ରିନିଦାଦ ଓ ଟୋବାଗୋକୁ ଭାରତୀୟ ପ୍ରବାସୀମାନଙ୍କ ଆଗମନର ୧୮୦ତମ ବାର୍ଷିକୀ ପୂର୍ତ୍ତି ଅବସରରେ ହୋଇଥିଲା।

### ଦୀଘା ଜଗନ୍ନାଥ ମନ୍ଦିରରୁ ...

ସେ ଦୀଘା ଜଗନ୍ନାଥ ମନ୍ଦିରୁ 'ଧାମ' ଶବ୍ଦ ହଟାଇ ପାଇଁ ଅନୁରୋଧ କରିଥିଲେ। ଜଗନ୍ନାଥ ଧାମ ପବିତ୍ର ଶ୍ରୀକ୍ଷେତ୍ର ପୁରୀ ସହିତ ଜଡ଼ିତ ବୋଲି ଶ୍ରୀ ମାଝୀ ଉଲ୍ଲେଖ କରିଥିଲେ।

### ସର୍ଚ୍ଚ ୱାରେଣ୍ଟ ଧରି ମମତାଙ୍କ ...

ସିଆଇଡି ଅଧିକାରୀଙ୍କ କହିବା କଥା ଯେ ପୂର୍ବରୁ ଅଭିଷେକ ବାନାର୍ଜୀ ଦେଇଥିବା ଜବାବ ଆଧାରରେ ଅଧିକାରୀମାନେ ମମତାଙ୍କ ଘରେ ପହଞ୍ଚିଛନ୍ତି। ଅଭିଷେକ ତାଙ୍କ ଜବାବରେ କହିଥିଲେ ଯେ ବିଧାୟକମାନଙ୍କ ଦସ୍ତଖତ ୩୦ବି ହରିଶ ଚାଟାର୍ଜୀ ସ୍ଥିତ ଦଳର କେନ୍ଦ୍ରୀୟ ଅଫିସରେ ସଂଗ୍ରହ କରାଯାଇଥିଲା। ତେଣୁ ଏଠାରେ ଯାଞ୍ଚ କରିବାର ଆବଶ୍ୟକତା ରହିଥିବା ଜଣେ ଅଧିକାରୀ କହିଛନ୍ତି। ବର୍ତ୍ତମାନ ଘଟଣାର ତଦନ୍ତ ୩ଟି ସିଆଇଡି ଟିମ କରୁଛନ୍ତି। ଗୋଟିଏ ଟିମ ମମତାଙ୍କ ଘରେ ପହଞ୍ଚିଥିବା ବେଳେ ଆଉ ଗୋଟିଏ ଟିମ ଅଭିଷେକ ବାନାର୍ଜୀଙ୍କ ଅଫିସରେ ରହିଛି। ସେହିପରି ତୃତୀୟ ଟିମଟି ଅଭିଷେକ ବାନାର୍ଜୀଙ୍କ ଘରେ ସର୍ଚ୍ଚ ଅପରେସନ ପାଇଁ ଯାଇଛି। ଟିଏମସି ପକ୍ଷରୁ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ବିରୋଧୀ ଦଳ ନେତା କରାଯାଇଥିଲା। ଏନେଇ ବିଧାୟକଙ୍କ ଦସ୍ତଖତ ଥିବା ଗୋଟିଏ ଦାବିପତ୍ର ବାଚସ୍ପତିଙ୍କୁ ଦିଆଯାଇଥିଲା। କିନ୍ତୁ ଟିଏମସି ବିଧାୟକ ଋତବ୍ରତ ବାନାର୍ଜୀ ଓ ସନ୍ଦିପନ ସାହା ବାଚସ୍ପତିଙ୍କୁ ଭେଟି ସେମାନେ କୌଣସି ଦାବିପତ୍ରରେ ଦସ୍ତଖତ କରି ନଥିବା କହିଥିଲେ। ସେହିପରି ୭୦ଟି ଦସ୍ତଖତ ମଧ୍ୟରୁ ୧୪ଟି କ୍ୟାପିଟାଲ ଲେଟରରେ ଲେଖା ଯାଇଥିଲା। ବିଧାୟକଙ୍କ ଦସ୍ତଖତରେ ଜାଲିଆତି ହୋଇଥିବା ଅଭିଯୋଗ ପରେ ଏଫଆଇଆର ରୁଜୁ ହୋଇଥିଲା ଓ ସିଆଇଡି ଏହାର ତଦନ୍ତ କରୁଛି।

### ପଞ୍ଚାୟତ ପାଇଁ ଅର୍ଥ କମିସନଙ୍କ...

କେନ୍ଦ୍ରୀୟ ଷୋଡ଼ଶ କମିଶନ୍‌ଙ୍କ ନୂଆ ଫର୍ମୁଲା ଅନୁସାରେ, ୨୦୨୮-୨୯ରୁ ପ୍ରତି ପଞ୍ଚାୟତକୁ ଏକ ପର୍ଫରମାନ୍ସ ଗ୍ରାଣ୍ଟ ବା ଅନୁଦାନ ମିଳିବ। ପ୍ରତି ରୁରାଲ ଲୋକାଲ୍ ବଡି ବା ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦକୁ କେନ୍ଦ୍ର ସରକାର ଯେତିକି ପାଣ୍ଠି ଦେବେ, ତାର ଅତିରିକ୍ତ ୧୦ ପ୍ରତିଶତ ପ୍ରଦର୍ଶନ ପାଣ୍ଠି ବାବଦରେ ମିଳିବ। ଯେଉଁ ପଞ୍ଚାୟତ ଯେତେ ଅଧିକ ପାଣ୍ଠି ଆଦାୟ କରିବେ ତାଙ୍କ ପ୍ରଦର୍ଶନ ସେତେ ଅଧିକ ବୋଲି ଧରାଯିବ। ସେହି ଆଧାରରେ ସେହି ପଞ୍ଚାୟତକୁ ଅଧିକ ଟଙ୍କାର ପାଣ୍ଠି ବା ଅନୁଦାନ ମିଳିବ। ଆସନ୍ତା ୫ ବର୍ଷରେ ପ୍ରଦର୍ଶନ ପାଣ୍ଠି ବାବଦରେ ରାଜ୍ୟକୁ କେନ୍ଦ୍ରଠାରୁ ମୋଟ ୩୭୪୨ କୋଟି ଟଙ୍କା ମିଳିବ। ସେହିପରି ଷୋଡ଼ଶ ଅର୍ଥ କମିଶନ୍ ଆସନ୍ତା ୫ ବର୍ଷରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନକୁ ମୋଟ ୧୮,୭୧୫ କୋଟି ଟଙ୍କାର ଅନୁଦାନ ଦେବାର ପ୍ରସ୍ତାବ ଦିଆଯାଇଛି ।

## ଆର.ଆର.ପୁର ପଥରବନ୍ଧଠାରୁ ତପୋବନ ହାଇସ୍କୁଲ ଦେଇ ବାରକୋଣା ପର୍ଯ୍ୟନ୍ତ ଆରଡି ରାସ୍ତାର ଶୁଭ ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ

ଜଳେଶ୍ୱର, ୦୯/୬ (ନି.ପ୍ର): ଜଳେଶ୍ୱର ବ୍ଲକ ରାୟାରାମଚନ୍ଦ୍ର ପୁର ପଞ୍ଚାୟତର ଆର.ଆର.ପୁର ପଥରବନ୍ଧ ଠାରୁ ତପୋବନ ହାଇସ୍କୁଲ ଦେଇ ବାରକୋଣା ପର୍ଯ୍ୟନ୍ତ ତିନି କିଲୋମିଟର ଆର ଡି ରାସ୍ତାର ଆଜି ଶୁଭ ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ତିନି କିଲୋମିଟର ବାରକୋଣା ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ୪.୨୪ କୋଟିର ପ୍ରଶାସନିକ ମଞ୍ଜୁରୀ ମିଳିଲା ପରେ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି ।ଏହି ଉଦ୍ଘାଟନୀ ଉତ୍ସବରେ ଉଦ୍ଘାଟକ ତଥା ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଜଳେଶ୍ୱର ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ ଥିବା ଏହି ୩ କିଲୋମିଟର ଦୀର୍ଘ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ କଂକ୍ରିଟ୍ କରାଯିବ। ଏହି ବୃହତ ପ୍ରକଳ୍ପ ପାଇଁ ମୋଟ ୪ କୋଟି ୨୪ ଲକ୍ଷ ୨୭ ହଜାର ଟଙ୍କା ବ୍ୟୟବରାଦକୁ ପ୍ରଶାସନିକ ଅନୁମୋଦନ ମିଳିଥିବା ବେଳେ ଏହାର ବୈଷୟିକ ମଞ୍ଜୁରୀ କାର୍ଯ୍ୟ ମଧ୍ୟ ସଫଳତାର ସହ ଶେଷ ହୋଇଛି। ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ସିମେଣ୍ଟ କଂକ୍ରିଟ୍ ?ରେ ନିର୍ମାଣ ହେବାକୁ ଥିବାରୁ ଏହାର ସ୍ଥାୟିତ୍ୱ ବହୁ ବର୍ଷ ପର୍ଯ୍ୟନ୍ତ ରହିବ। ଏହି ପ୍ରକଳ୍ପରେ କେବଳ ରାସ୍ତା ନୁହେଁ,ବରଂ ଜଳ ନିଷ୍କାସନ ଓ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।ଏଥିପାଇଁ ସିଂହଭାଗ ଅର୍ଥ ଅର୍ଥାତ୍ ପ୍ରାୟ ୨ କୋଟି ୨୨ ଲକ୍ଷ ୮୫ ହଜାର ଟଙ୍କା କଂକ୍ରିଟ ରେ ଖର୍ଚ୍ଚ କରାଯିବ ।ରାସ୍ତାର ଦୁଇ ପାର୍ଶ୍ୱର ସୁରକ୍ଷା ପାଇଁ ଦୁଇଟି ପର୍ଯ୍ୟାୟରେ ମୋଟ ୮୪୦ ମିଟର ଦୀର୍ଘ ଟୋ-ୱାଲ୍ ନିର୍ମାଣ କରାଯିବ ।ଏଥିପାଇଁ ୫୪ ଲକ୍ଷ ୫୭ ହଜାର ଟଙ୍କାର ବ୍ୟୟବରାଦ ରହିଛି ।ବର୍ଷା ଦିନେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ୨୩୦ ମିଟର ଦୀର୍ଘ ସିମେଣ୍ଟ କଂକ୍ରିଟ୍ ଡ୍ରେନ୍ ନିର୍ମାଣ ହେବ, ଯାହାର ଆନୁମାନିକ ଖର୍ଚ୍ଚ ୮.୯୬ ଲକ୍ଷ ଟଙ୍କା ରଖାଯାଇଛି। ରାସ୍ତା ମଧ୍ୟରେ ମୋଟ ୯ଟି ସ୍ଥାନରେ କଲଭର୍ଟ ନିର୍ମାଣ ହେବ,ଯେଉଁଥିରେ ପାଇପ୍ କଲଭର୍ଟ ସହ ଏକ ବୃହତ ଆରସିସି ବକ୍ସ ସେଲ୍ କଲଭର୍ଟ ସାମିଲ ଅଛି ।ଏଥିପାଇଁ ୨୬.୪୩ ଲକ୍ଷ ଟଙ୍କା ବ୍ୟୟ ହେବ। ବିଭାଗ ପକ୍ଷରୁ ସୂଚନା ମିଳିଛି ଯେ,ରାସ୍ତା ନିର୍ମାଣ ପରବର୍ତ୍ତୀ ୫ ବର୍ଷ ପର୍ଯ୍ୟନ୍ତ ଏହାର ତଦାରଖ ଓ ମରାମତି ପାଇଁ ୧୦.୫୩ ଲକ୍ଷ ଟଙ୍କାର ଏକ ସ୍ୱତନ୍ତ୍ର ପାଣ୍ଠି ସଂରକ୍ଷିତ ରଖ ଯାଇଛି । ଏଥିସହିତ ସାଇନ୍ ବୋର୍ଡ, କିଲୋମିଟର ଷ୍ଟୋନ୍ ଏବଂ ସରକାରୀ ଲୋଗୋ ସ୍ଥାପନ ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି। ସରକାରୀ ନିୟମାନୁସାରେ ୧୮% ଜିଏସଟି, କଣ୍ଟିଜେନ୍ସି ଓ ଗୁଣବତ୍ତା ଅନୁଧାନ ଫି'କୁ ମିଶାଇ ମୋଟ ପ୍ରକଳ୍ପ ମୂଲ୍ୟ ୪.୨୪ କୋଟି ଟଙ୍କା ସ୍ଥିର ହୋଇଛି। ଜଳେଶ୍ୱର ଗ୍ରାମ୍ୟ ନିର୍ମାଣ ବିଭାଗର କନିଷ୍ଠ ଯନ୍ତ୍ରୀ,ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଏହି ବ୍ଲୁପ୍ରିଣ୍ଟକୁ ଓଡ଼ିଶା ଗ୍ରାମ୍ୟ ନିର୍ମାଣ ବିଭାଗର ମୁଖ୍ୟ ଯନ୍ତ୍ରୀ ଚୂଡ଼ାନ୍ତ ଅନୁମୋଦନ ଦେଇଛନ୍ତି। ଏହି ରାସ୍ତା ନିର୍ମାଣ ହେବା ଫଳରେ ବିଶେଷ କରି ତପୋବନ ହାଇସ୍କୁଲକୁ ଯାଉଥିବା ଶହ ଶହ ଛାତ୍ରଛାତ୍ରୀ ଏବଂ ଆଖପାଖ ଗ୍ରାମବାସୀଙ୍କ ଯାତାୟାତ ସମସ୍ୟାର ଏକ ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଉଦଘାଟକ ବ୍ରଜମୋହନ ପ୍ରଧାନ ଓ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ତଥା ସମାଜସେବୀ ପ୍ରବୀର କୁମାର ଦାସ କହିଛନ୍ତି ।ଏହି ଉଦ୍ଘାଟନୀ ଉତ୍ସବରେ କାଳିଚରଣ ଦାସ, ସପନ କୁମାର ଦାସ,ମାଧବାନନ୍ଦ ପରିଡ଼ା, ଶାନ୍ତନୁ ଦାସ,ସୁରେନ୍ଦ୍ର ମହାଣା, ଶିବ ଚରଣ ମୁର୍ମୁ,ଅବନୀ ସାହୁ, ଗ୍ରାମ୍ୟ ମୁଖ୍ୟ ମୁରଲୀଧର ଦେ, ମାଳଗଡ଼ିଆ ଗ୍ରାମର ଗ୍ରାମ୍ୟ ମୁଖ୍ୟ ଅରୁଣ କୁମାର ପ୍ରଧାନ, ବାରକୋଣା ୱାର୍ଡ଼ ସଭ୍ୟା ସୁଜାତା ରାଣୀ ପାତ୍ର, ମାଳଗଡ଼ିଆ ୱାର୍ଡ ସଭ୍ୟ ଶ୍ୟାମ ସୁନ୍ଦର ପାଳ, ରାୟାଁରାମଚନ୍ଦ୍ରପୁର ୱାର୍ଡ଼ ସଭ୍ୟ ରଘୁ ମୁର୍ମୁ, ରଜନୀକାନ୍ତ ପାତ୍ର, ଅଜିତ କୁମାର ପାତ୍ର, ବଳରାମ ବେହେରା, ଗୋବିନ୍ଦ ଦତ୍ତ,ଭାସ୍କର ବେହେରା,ହେମନ୍ତ କୁମାର ପାତ୍ର, ଗୌରାଙ୍ଗ ସିଂହ, ବିଶ୍ୱମ୍ଭର ଜେନା, ଗୌର ଗୋପାଳ ଦାସ, ବସନ୍ତ ପାତ୍ର ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ ।ପ୍ରଥମେ ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରା ଯାଇଥିଲା। ଏହି ଉଦ୍ଘାଟନ ଉତ୍ସ୍ୱ ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ବୟସ୍କଙ୍କୁ ଭତ୍ତା ପ୍ରଦାନରେ ରାଜ୍ୟସରକାରଙ୍କ ବିଫଳ: ନୀଳଗିରି ବିଜେଡ଼ି ପକ୍ଷରୁ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା

ନୀଳଗିରି, ୦୯/୬ (ନି.ପ୍ର): ଗତ ୨ମାସରୁ ଅଧିକ ସମୟହେବ ବୟସ୍କଙ୍କ ଏକାଉଣ୍ଟକୁ ସରକାର ଭତ୍ତା ପ୍ରଦାନରେ ବିଫଳ ହୋଇଥିବାରୁ ହିତାଧିକାରୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଅଛନ୍ତି । ପୂର୍ବତନମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ସମୟରେ ପ୍ରତ୍ୟେକ ମାସ ୧୫ତାରିଖ ପୂର୍ବରୁ ହିତାକାରୀଙ୍କ ଘରେ ଭତ୍ତା ପହଞ୍ଚାଇବାର ବ୍ୟବସ୍ଥା କରାଯାଇଥିବା ବେଳେ ଏବେ ପଞ୍ଚାୟତ ଏବଂ ବ୍ୟାଙ୍କରେ ଧାଡ଼ିରେ ଛିଡାହୋଇ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ଅସହାୟ ହନ୍ତସନ୍ତ ହେଉଛନ୍ତି । ଡିଜିଟାଲ ଇଣ୍ଡିଆର ବାଃ ବାଃ ନେଉଥିବା ଡବଲଇଞ୍ଜିନ ସରକାର ସଫ୍ଟୱାଏର୍ ର ସମସ୍ୟାକହି ଏହାକୁ ଏଡାଇ ଦେବାକୁ ବସିଛନ୍ତି ।ଏହାର ପ୍ରତିବାଦରେ ମଗଂଳବାର ସକାଳ ୮ ଘଟିକା ସମୟରେ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନୀଳଗିରି ବିଜେଡ଼ି ପକ୍ଷରୁ ଧାରଣା ଦିଆଯାଇଥିଲା। ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ଙ୍କ ନେତୃତ୍ୱ ରେ ସ୍ଥାନୀୟ ଉପଜିଲ୍ଲାପାଳ ଙ୍କ ଅଫିସ ସମ୍ମୁଖରେ ଉକ୍ତ ଗଣଧାରଣରେ ନୀଳଗିରି ବ୍ଲକର ଶତାଧିକ ବୃଦ୍ଧ,ବୃଦ୍ଧା ଭତ୍ତାଧାରୀ ଯୋଗଦେଇ ଥିଲେ। ମଞ୍ଚାସିନ ଅତିଥି ମାନଙ୍କ ମଧ୍ୟରେ ବିଜେଡ଼ିଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ପୂର୍ବତନ ଏନ.ଏ.ସି ସଭାପତି ରବୀନ୍ଦ୍ର ପରିଡ଼ା, ପୂର୍ବତନ ଏନଏସି ଅଧକ୍ଷ ରାଧାଗୋବିନ୍ଦ ଖଟୁଆ, ସମାଜସେବୀ ମଦନମୋହନ ମାଝୀ, ବିଜେଡ଼ିନେତା ରମେଶ ଚନ୍ଦ୍ର ମହାନ୍ତି, ବରିଷ୍ଠ ବିଜେଡ଼ି ନେତା ଗଙ୍ଗାଧର ମିଶ୍ର, ଲୋକନାଥ ଦଳେଇ ପ୍ରମୁଖ ଉପସ୍ଥିତ ରହି ଡବଲ ଇଞ୍ଜିନ ସରକାରଙ୍କର ବୃଦ୍ଧ,ବୃଦ୍ଧାଙ୍କୁ ଭତ୍ତାଦେବାରେ ବିଫଳକୁ ନେଇ ବର୍ଷିଥିଲେ। ତୁରନ୍ତ ୩ମାସର ବକେୟା ଭତ୍ତାପ୍ରଦାନ ପାଇଁ ଦାବୀ କରିଥିଲେ। ପ୍ରଚଣ୍ଡଖରାରେ ବୃଦ୍ଧ,ବୃଦ୍ଧା ପ୍ରାୟ ୩ଘଣ୍ଟା ଧାରଣାରେ ବସିବାପରେ ପୂର୍ବାହ୍ନ ୧୧ଘଟିକାରେ ନୀଳଗିରି ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ ଧାରଣା ସ୍ଥଳୀକୁ ଆସିବାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଗଣଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ସିଆଡ଼ିମାଳ ସରପଞ୍ଚ ସୁରଥ ସିଂ ଓ ସମିତିସଭ୍ୟ ରାଜୀବ ଦାସବାବୁ, ସମାଜସେବୀ ଉପେନ୍ଦ୍ର ଦାସ, ଛତ୍ରପୁର ସରପଞ୍ଚ ମାଳତୀ ମାରାଣ୍ଡି, କେସିପୁର ସରପଞ୍ଚ ବାସନ୍ତି ହେମ୍ବ୍ରମ, ଶ୍ରୀନିବାସ ବାଗ, ରାମକୃଷ୍ଣ ମହାପାତ୍ର, ଉଦୟଜ୍ୟୋତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିବାବେଳେ ହଜାରେ ରୁ ଅଧିକ ବୟସ୍କ ପୁରୁଷ ଓ ମହିଳା କାର୍ଯ୍ୟକ୍ରମରେ ସାମିଲ ଥିଲେ।

ଧ୍ୱନି ପ୍ରତିଧ୍ୱନି



# ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ପରିଦର୍ଶନ କଲେ ଅତିରିକ୍ତ ଜିଲ୍ଲାପାଳ

ପାରାଦ୍ୱୀପ, ୦୯/୬ (ନି.ପ୍ର): ଜଗତସିଂହପୁର ଜିଲ୍ଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ବା ଏସ ଆଇ ଆର ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥ ସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଏହି କ୍ରମରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିରଞ୍ଜନ ବେହେରା ଆଜି ପାରାଦ୍ୱୀପ ପୌର ପରିଷଦ ର ବିଭିନ୍ନ ୱାର୍ଡ ପରିଦର୍ଶନ କରି ମତାଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟର ତଦାରଖ କରିଛନ୍ତି। ଏଥିସହିତ ସମସ୍ତଙ୍କୁ ଏସ ଆଇ ଆର ପ୍ରକ୍ରିୟା ରେ ସାମିଲ ହୋଇ ଏକ ସ୍ୱଚ୍ଛ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ସହାୟତା ପାଇଁ ସଚେତନ କରିଛନ୍ତି।ଜୁନ୍ ୮ ତାରିଖ ସୁଦ୍ଧା ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ରେ ମୋଟ ୧୫୧୪୫୮ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଏଥିରେ ୬୯.୦୯ ପ୍ରତିଶତ ମତଦାତା ବର୍ତ୍ତମାନ ସୁଦ୍ଧା ଏସଆଇଆର ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ। ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ।



ଏହି ପରିଦର୍ଶନ ସମୟରେ ନିର୍ବାହୀ ଅଧିକାରୀ, ପାରାଦ୍ୱୀପ ପୌର ପରିଷଦ ଅଭିଷେକ ପଣ୍ଡା,ଡେପୁଟି କଲେକ୍ଟର, ପାରାଦ୍ୱୀପ ସାୟେଦା ନାୟେଲା, ବି ଏଲ ଓ , ବି ଏଲ ଓ ସୁପରଭାଇଜର, ବି ଏଲ ଏ, ମାନେ ଉପସ୍ଥିତ ଥିଲେ।

# ବାଲ୍ୟବିବାହ ମୁକ୍ତ ନିମିତ୍ତ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ , ୦୯/୬ (ନି.ପ୍ର): ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ନିମନ୍ତେ ଆସିୟାନା, (ସୋସାଇଟୀ ଫର ୱିକର କମ୍ୟୁନିଟି) , ଭଦ୍ରକ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବାଲ୍ୟବିବାହ ଆଇନଗତ ଅପରାଧ ବୋଲି ଉଲ୍ଲେଖ କରିବା ସହିତ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ବାଲ୍ୟବିବାହର କୁପ୍ରଭାବ ସମ୍ପର୍କରେ ଗଭୀର ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ସୁବ୍ରତ ବିଶ୍ୱାଳ ଶିଶୁ ସୁରକ୍ଷା ପ୍ରତ୍ୟେକ ପରିବାର ଓ ସମାଜର ସାମୂହିକ ଦାୟିତ୍ୱ ବୋଲି କହିଥିଲେ। ମୁଖ୍ୟ




ବକ୍ତା ଭାବେ ଭାବେ ଶିଶୁ ମଙ୍ଗଳ କମିଟିର ସଦସ୍ୟ, ପ୍ରଦୀପ୍ତ କୁମାର କର, ସଦସ୍ୟ (ଶିଶୁ ବିକାଶ ସୁରକ୍ଷା ଅଧିକାରୀ ), ଭଦ୍ରକ, ଉର୍ବଶୀ ମହାନ୍ତି, ବହ୍ନିଶିଖା ବିଶ୍ୱାଳ, ପ୍ରତିପକ୍ଷ ଓକିଲ ଏବଂ ନ୍ୟାୟ ରକ୍ଷକ, ଭଦ୍ରକ, ଆସିୟାନା, ଭଦ୍ରକ, ସମ୍ପାଦିକା, ସୋଫିଆ ସେକ, ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀ ଗଣ ପରିଚାଳନା ରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାଲ୍ୟବିବାହ ନିଷେଧ ଆଇନ, ଶିଶୁ ଅଧିକାର ଓ ସହାୟତା ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ସମସ୍ୟା ଦେଖିଲେ କିମ୍ବା ଅନୁଭବ କଲେ (୧୦୯୮) ନିଃଶୁଳ୍କ ନମ୍ବରରେ ଅଭିଯୋଗ କରିବାକୁ ଏବଂ ନାଲସା ଦ୍ୱାରା ଜାରି ହୋଇଥିବା ୧୫୧୦୦(ଦେୟ ମୁକ୍ତ) ନମ୍ବରରେ ମାଗଣା ଆଇନ ସେବା ସମ୍ବନ୍ଧରେ ଜାଣିବା ନିମିତ୍ତ ଆହ୍ୱାନ କରାଯାଇଥିଲା । ଏହି ସଚେତନ କାର୍ଯ୍ୟକ୍ରମରେ ପିଲାମାନଙ୍କ ଦ୍ୱାରା ଅଭିନୀତ ଏକ ସୁନ୍ଦର ନାଟକ ପରିବେଷଣ କରାଯାଇଥିଲା ଏବଂ ଏହିଭଳି ସଚେତନତା ଅତ୍ୟନ୍ତ ଆବଶ୍ୟକ ବୋଲି ସମସ୍ତେ ଉଲ୍ଲେଖ କରିଥିଲେ । ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ପରିଶେଷରେ ଆସିୟାନା ସମ୍ପାଦିକା, ସୋଫିଆ ସେକ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଞ୍ଚଳିକ ବ୍ରାହ୍ମଣ ସମିତିର ନୂତନ ପରିଚାଳନା କମିଟି ଗଠନ

## ବୁଦ୍ଧିରାମ ପାଣିଗ୍ରାହୀ ସଭାପତି, ରମାକାନ୍ତ ଶତପଥି ସାଧାରଣ ସମ୍ପାଦକ

ଖଇରା, ୦୯/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଆଞ୍ଚଳିକ ବ୍ରହ୍ମଣ ସମିତିର ଏକ ବୈଠକ ମଙ୍ଗଳବାର ଦିନ ଖଇରା ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ବ୍ରାହ୍ମଣ ମହାସଂଘ ଉତ୍ତରାଞ୍ଚଳ ଜୋନର ସଭାପତି କୃଷ୍ଣଚନ୍ଦ୍ର ପତ୍ରୀ ଏଥିରେ ଅଧ୍ୟକ୍ଷତାରେ କରିଥିଲେ । ପ୍ରଥମେ ସମିତିର ଆଗାମୀଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶେଷରେ ନିର୍ବାଚନ ଅଧିକାରୀ ଭାବେ ମୁକ୍ତିକାନ୍ତ ଶତପଥୀଙ୍କ ତତ୍ୱାବଧାନରେ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା । ଏଥିରେ



ବୁଦ୍ଧିରାମ ପାଣିଗ୍ରାହୀଙ୍କୁ ସଭାପତି, ରମାକାନ୍ତ ଶତପଥୀଙ୍କୁ ସାଧାରଣ ସମ୍ପାଦକ, ବାସୁଦେବ ପଣ୍ଡାଙ୍କୁ କାର୍ଯ୍ୟକାରୀ ସଭାପତି, ରାମଚନ୍ଦ୍ର ପଣ୍ଡା ଓ ବିଷ୍ଣୁମୋହନ ଶତପଥିଙ୍କୁ ଉପସଭାପତି, ଶ୍ୟାମସୁନ୍ଦର ପଣ୍ଡାଙ୍କୁ ସଙ୍ଗଠନ ସମ୍ପାଦକ, ପିତାମ୍ବର ପତିଙ୍କୁ କୋଷାଧକ୍ଷ, ସଙ୍କୀର୍ତ୍ତନ ପଣ୍ଡା,ଶରତ କୁମାର ପଣ୍ଡା, ବିଭୁତି ଭୁଷଣ ତ୍ରିପାଠୀ ଓ ବାସୁଦେବ ସାହୁଙ୍କୁ ସହ-ସମ୍ପାଦକ ଭାବେ ମନୋନୀତ କରାଯାଇଛି । ଏହା ବ୍ୟତିତ କୃଷ୍ଣଚନ୍ଦ୍ର ପତ୍ରୀ, ଜଳଧର ମିଶ୍ର, ଗୌରଚନ୍ଦ୍ର ପାଠୀ, ଅନାମନନ୍ଦ ଦାଶ, ମୁକ୍ତିକାନ୍ତ ଶତପଥି, ଅନାମ ଚରଣ ପଣ୍ଡା, ବାଞ୍ଛାନିଧି ଦାଶ,ଜଗବନ୍ଧୁ ତ୍ରିପାଠୀ ଓ ନାରାୟଣ ପଣ୍ଡାଙ୍କୁ ଉପଦେଷ୍ଟା ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିଭଳି ୭ଜୋନରୁ ୭ଜଣଙ୍କୁ ଜୋନ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି ।


**AFFIDAVIT**

By virtue of an affidavit before the executive Magistrate Basudevpur, I Deepak Mallik, formerly called Lipu Malik Son of Gayadhar Mallik resident of vill-/po-Bideipur, P.s.- Kasia Marine, Dist- Bhadrak, Pin- 756164 declare that, I wholly renounce, relinquish and abandon the use of the former name Lipu Malik and in place thereof assume from the date hereof the name of Deepak Mallik. Henceforth I will be known as Deepak Mallik for all purposes.

**Deepak Mallik**


# ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ ଅଭିଯାନ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ, ୦୯/୬ (ନି.ପ୍ର): ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍, ପାରାଦ୍ୱୀପ ଏହାର ଗ୍ରୀନଫିଲ୍ଡ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପ ସ୍ଥଳରେ ବିଶ୍ୱ ପରିବେଶ ଦିବସ ୨୦୨୬କୁ ଉତ୍ସାହର ସହ ଆୟୋଜନ କରିଛି । ଏହି କାର୍ଯ୍ୟକ୍ରମ ଚଳିତ ବର୍ଷର ବିଶ୍ୱସ୍ତରୀୟ ବିଷୟବସ୍ତୁ, 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ, ଜଳବାୟୁ ପାଇଁ, ଭବିଷ୍ୟତ ପାଇଁ' ସହିତ ସଂଗଠିତ ହୋଇଥିଲା ଏବଂ ଏଥିରେ ବରିଷ୍ଠ ଅଧିକାରୀ, କର୍ମଚାରୀ, ବ୍ୟବସାୟ ସହଯୋଗୀ ଏବଂ ସ୍ଥାନୀୟ ଅଂଚଳବାସୀଙ୍କ ବିଶେଷ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ଉତ୍ସବର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ମିଶନ୍ ଲାଇଫ୍ (ପରିବେଶ ପାଇଁ ଜୀବନଶୈଳୀ) ପଦକ୍ଷେପ ଏବଂ 'ଏକ ପେଡ୍ ମା କେ ନାମ' ଦେଶବ୍ୟାପୀ ଅଭିଯାନ ଅଧୀନରେ ଏକ ବଡ଼ ଧରଣର ବୃକ୍ଷରୋପଣ ଅଭିଯାନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରି ପ୍ରକଳ୍ପ ଅଞ୍ଚଳରେ ଚାରା ରୋପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ପାରାଦୀପ ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ଶ୍ରୀମତୀ ବିବେଚିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମାବେଶକୁ ସମ୍ବୋଧିତ କରିସେ ପରିବେଶ ସୁରକ୍ଷା ପ୍ରତି ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏକ ସ୍ୱଚ୍ଛ, ସୁସ୍ଥ ଏବଂ ସବୁଜ ଭବିଷ୍ୟତ ସୁନିଶ୍ଚିତ କରିବା ଉପରେ ଆଲୋକପାତ କରିଥିଲେ। ପ୍ରକଳ୍ପ ବିକାଶ ପର୍ଯ୍ୟାୟରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଦ୍ୱାରା ନିଆଯାଇଥିବା ବିଭିନ୍ନ ପରିବେଶଗତ ପଦକ୍ଷେପଗୁଡ଼ିକୁ ସେ ପ୍ରଶଂସା କରିଥିଲେ ଏବଂ ପରିବେଶ ସୁରକ୍ଷା ପ୍ରତି କମ୍ପାନୀର ପ୍ରତିବଦ୍ଧତା ପ୍ରତି ସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ, ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଯଥା ପ୍ରବନ୍ଧ ଲେଖା, ପୋଷ୍ଟର ତିଆରି ଏବଂ ଗୋଷ୍ଠୀ ଆଲୋଚନା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ ଏବଂ ପରିବେଶଗତ ସ୍ଥାୟୀତ୍ୱର ବାର୍ତ୍ତା ପ୍ରସାର କରିବାରେ ସେମାନଙ୍କର ପ୍ରୟାସକୁ ପ୍ରଶଂସା କରିଥିଲେ। ସବୁଜ ପଦକ୍ଷେପକୁ ଆହୁରି ମଜବୁତ କରି, ସବୁଜ ଏବଂ ସୁସ୍ଥ କର୍ମକ୍ଷେତ୍ର ସୃଷ୍ଟିକୁ ଉତ୍ସାହିତ କରିବା ପାଇଁ କର୍ମଚାରୀମାନଙ୍କୁ ଇଣ୍ଡୋର ପ୍ଲାଣ୍ଟ ବଣ୍ଟନ କରାଯାଇଥିଲା।

# ପୌରପାଳିକା ସାମ୍ନାରେ ବିଜେଡିର ବିକ୍ଷୋଭ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର, ଦୁଃଖ ବଖାଣିଲେ ଶତାଧିକ ହିତାଧିକାରୀ

ବାଲେଶ୍ୱର, ୦୯/୬ (ନି.ପ୍ର): ଦୀର୍ଘ ୩ ମାସ ଧରି ବାଲେଶ୍ୱରର ହିତାଧିକାରୀଙ୍କୁ ଭତ୍ତା ଟଙ୍କା ମିଳିପାରୁନି । ବାର୍ଦ୍ଧକ୍ୟ, ବିଧବା, ସ୍ୱାମୀ ପରିତ୍ୟକ୍ତା ଓ ଦିବ୍ୟାଙ୍ଗଙ୍କୁ ବ୍ୟାଙ୍କ ଜରିଆରେ ମିଳୁଥିବା ଟଙ୍କା ଅପହଞ୍ଚ ହୋଇଛି । ଫଳରେ ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭତ୍ତା ଟଙ୍କା ନପାଇ ସେମାନେ ଔଷଧ ପତ୍ର ଓ ଡାକ୍ତରୀ ଚିକିତ୍ସା ପାଇପାରୁ ନାହାଁନ୍ତି । ଏପରିକି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର କିଣି ନପାରି ଭୋକ ଉପାସରେ କାଳାତିପାତ କରୁଛନ୍ତି । ସମସ୍ୟାକୁ ନେଇ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସଙ୍କ ପରାମର୍ଶ କ୍ରମେ ବାଲେଶ୍ୱର ଟାଉନ ବିଜେଡି ପକ୍ଷରୁ ମଙ୍ଗଳବାର ବାଲେଶ୍ୱର ପୌରପାଳିକା ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ଏଥିରେ ଶତାଧିକ ହିତାଧିକାରୀମାନେ ସାମିଲ ହୋଇଛନ୍ତି । ନେତୃତ୍ୱମାନେ ନାରାବାଜି କରିବା ସହ ବିଜେପି ସରକାର ବିରୁଦ୍ଧରେ ବର୍ଷିଛନ୍ତି । ଡିଜିଟାଲ ଇଣ୍ଡିଆର କଥା କହୁଥିବା ସରକାର ଭତ୍ତା ଟଙ୍କା ନଦେଇ



ଡିଜିଟାଲ ସମସ୍ୟାକୁ ଆଳ କରିଛି । ସେହିପରି ଏବର ସରକାର ନିର୍ବାଚନ ସମୟରେ ଭତ୍ତା ଟଙ୍କାକୁ ୩ ହଜାର ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ପ୍ରତିଶୃତି ଦେଇଥିବା ବେଳେ ପୂର୍ବରୁ ମିଳୁଥିବା ୧ ହଜାର ଟଙ୍କା ମଧ ୩ ମାସ ଧରି ହିତାଧିକାରୀଙ୍କୁ ଦେଇ ପାରୁନଥିବା ପ୍ରକାଶ କରିଛନ୍ତି । ପରେ ସମସ୍ୟାର ଆଶୁ ସମାଧାନ ସହ ଶୀଘ୍ର ଭତ୍ତା ପ୍ରଦାନ ନିମନ୍ତେ କାର୍ଯ୍ୟନିର୍ବାହୀ ଅଧିକାରୀ ସିରିଆଲ ଶୁଭ୍ରା ପଟେଲଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଶତାଧିକ ହିତାଧିକାରୀ ଉପସ୍ଥିତ ରହି ନିଜର ଦୁଃଖ ଅଧିକାରୀଙ୍କୁ ଜଣାଇଛନ୍ତି । କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ପୌର ଉପାଧକ୍ଷ କୈଳାଶ ଚନ୍ଦ୍ର ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାଉନସିଲରଙ୍କ ମଧ୍ୟରେ ମୀନା ମହାନ୍ତି, ମୀତା ପଟ୍ଟନାୟକ, ମୀରାଜ ବାନୋ, ଶଶୀରେଖା ମହାନ୍ତି, କବିତା ମୁର୍ମୁ, ଅର୍ପିତା ପ୍ରିୟଦର୍ଶନୀ ପଟ୍ଟନାୟକ, ସନ୍ଧ୍ୟାରାଣୀ ଜେନା, କାର୍ତ୍ତିକ ସାହୁ, ଆୟୁବ ଖାଁ, ଶୋଭା ମହାପାତ୍ର, ସବିତା ଦାସ ପ୍ରମୁଖ ଉପସ୍ଥିତ ରହି ଏକତ୍ରୀତ ହୋଇଥିବା ହିତାଧିକାରୀଙ୍କ ଦୁଃଖ ବୁଝାସୁଝା କରିବା ସହ ବିଜେପି ବିରୁଦ୍ଧରେ ବର୍ଷିଛନ୍ତି । ପୂର୍ବତନ କାଉନସିଲର ଓ ଯୁବନେତାଙ୍କ ମଧ୍ୟରେ ସଞ୍ଜୟ ବେହେରା, ସୁବୋଧ ମହାନ୍ତି, ବିଶ୍ୱଜିତ ମହାପାତ୍ର, ସାକିର ଖାଁ, ରୀତିକ ଜୀ, ସେକ ଅନସର ଅଲ୍ଲୀ, ସେକ ରାଜୁ, ସେକ ଆଲାମ, ଦେବାଶିଷ ଦାସ, ନଳିନୀ ରଞ୍ଜନ ଦାସ, ରମେଶ ମାଝୀ, ଛାତ୍ରନେତା ହରେକୃଷ୍ଣ ପ୍ରଧାନ, ଉମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି ।

# ଓଡ଼ିଶା-ଛତିଶଗଡ଼ ସୀମାରୁ ବିପୁଳ ପରିମାଣର ମାଓ ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି , ୦୯/୬ (ନି.ପ୍ର): ମାଲକାନଗିରି ଜିଲ୍ଲାର ମାଥିଲି ଥାନା ଅନ୍ତର୍ଗତ କିରମିଟି ଓ କାଟୁଆପଦର ଜଙ୍ଗଲ ଅଂଚଳରେ ବିପୁଳ ପରିମାଣର ମାଓ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଡିଭିଏଫ୍ ଓ ବିଏସଏଫ୍ ଯବାନଙ୍କ ମିଳିତ କମ୍ବିଂ ଅପରେସନ୍ ସମୟରେ ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଜବତ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ୧ଟି ଇନସାସ ଏଲଏମଜି , ୨ଟି ଇନସାସ୍ ରାଇଫଲ, ୧ କେଜିର ୨ଟି ଆଇଇଡି (ଟିଫିନ୍ ବୋମା), ୮କେଜିର ୧ଟି ଆଇଇଡି , ୧ଟି ଗ୍ରେନେଡ୍, ୧୮ଟି ଡେଟୋନେଟର, ଏକେ ମ୍ୟାଗାଜିନ୍, ୱାୟାରଲେସ୍ ରିମୋଟ୍ ସୁଇଚ୍, ୱାକି-ଟକି, ସୋଲାର ପ୍ଲେଟ୍, ବିଦ୍ୟୁତ ତାର, ରୁଟ୍ସ ଡିଭାଇସ୍, ପ୍ରିଂଟର କାର୍ଟ୍ରିଜ୍, ଡିସ୍ପୋଜେବଲ୍ ସିରିଞ୍ଜି, ବଣ୍ଡଲ୍ ଗଜ୍ ଓ କପା, ପଲିଥିନ ଟେଂଟ, ଖାଲିଥିବା ଡେଟୋନେଟର କ୍ୟାପ୍, କ୍ରାକର, ଗନପାଉଡର, କୋଡେକ୍ସ ତାର, କେଜି ସ୍ଲିଣ୍ଟର, ସାଲାଇନ୍ ବୋତଲ, ସାଲାଇନ୍ ପାଇପ୍ ସମେତ ଅନ୍ୟାନ୍ୟ ଉପକରଣ ରହିଛି।

# ଦକ୍ଷିଣ ନରସିଂହପୁର ପଞ୍ଚାୟତର ସରପଞ୍ଚଙ୍କୁ ପ୍ରକୃତିମିତ୍ର ପୁରସ୍କାର

ନୀଳଗିରି, ୦୯/୬ (ନି.ପ୍ର): ପ୍ରକୃତିର ସଂରକ୍ଷଣ ଓ ପରିବେଶ ସୁରକ୍ଷାକ୍ଷେତ୍ରରେ ନୀଳଗିରି ଉପଖଣ୍ଡ ଅଧିନ ଦକ୍ଷିଣ ନରସିଂହପୁର ପଞ୍ଚାୟତର ଉଲ୍ଲେଖନୀୟ ଅବଦାନ ପାଇଁ ସରପଞ୍ଚ ଅଶୋକ କୁମାର ଜେନାଙ୍କୁ ପ୍ରକୃତିମିତ୍ର ସମ୍ମାନରେ ସମ୍ମାନିତ କରାଯିବାସହିତ ମାନପତ୍ର ଓ କୋଡିଏହଜାର ଟଙ୍କାର ପୁରସ୍କାରରାଶି ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗପକ୍ଷରୁ ଗତ ଶୁକ୍ରବାର ଏହି ସମ୍ମାନ ମିଳିଛି। ବିଶେଷକରି ଦକ୍ଷିଣନରସିଂହପୁର ପଞ୍ଚାୟତରେ ପରିଷ୍କାର ପରିଚ୍ଛନ୍ନ ଓ ସୁସ୍ଥ ସମୃଦ୍ଧ ପରିବେଶ ସୃଷ୍ଟିକରିବା ସହ ରାସ୍ତାପାର୍ଶ୍ୱରେ ବୃକ୍ଷରୋପଣ,



ଜଙ୍ଗଲ,ବନ୍ୟପ୍ରାଣୀ, ଅନ୍ୟାନ୍ୟ ପ୍ରକୃତିକ ସଂସଦର ସଂରକ୍ଷଣ ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା, ସ୍ୱଚ୍ଛଭାରତ ଅଭିଯାନ ଉପରେ ଗୁରୁତ୍ୱ ଦେବା, ପଶୁପକ୍ଷୀମାନଙ୍କ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟକରିବା,ପ୍ରକୃତି ଓ ପରିବେଶ ସଂରକ୍ଷଣ ସମ୍ବନ୍ଧୀୟ ବିଭିନ୍ନ ବିଷୟବସ୍ତୁର ବ୍ୟାପକ ସଚେତନତା, ଆଲୋଚନାଚକ୍ର ଇତ୍ୟାଦି କାର୍ଯ୍ୟକ୍ରମ ନିମନ୍ତେ ଦକ୍ଷିଣନରସିଂହପୁର ପଞ୍ଚାୟତର ସରପଞ୍ଚଙ୍କୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରାଯାଇଥିଲା।

# କାର୍ତ୍ତିକ ସେନାପତିଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି

ବସ୍ତା, ୦୯/୬ (ନି.ପ୍ର): ବସ୍ତା ବ୍ଲକ ଗୋହିରାଗଡ଼ିଆ ନିବାସୀ ତଥା ଅବସରପ୍ରାପ୍ତ ସରକାରୀ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ସେନାପତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୋକ ସଭା ପ୍ରାକ୍ତନ ସରପଞ୍ଚ ଲିପିକା ରାଉଳ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବସ୍ତା ବିଧାୟକା ସୁବାସିନୀ ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ବିଶ୍ୱାଳ ଅବସର ପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଯୋଗେସ ମହାପାତ୍ର, ଅବସରପ୍ରାପ୍ତ ଏବିଡିଓ ଶଙ୍କର କୁମାର କର, ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦେବ,ସୁଶାନ୍ତ ପ୍ରଧାନ, ସତ୍ୟ ନାରାୟଣ ଗୁପ୍ତା, ସୁଧାଂଶୁ ଜେନା, ରବୀନ୍ଦ୍ର ଦାସ, ପ୍ରଦୀପ କୁମାର ପରିଡ଼ା, ଶଙ୍କର ଜେନା, ରତିକାନ୍ତ ବେହେରାଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ସେନାପତିଙ୍କ ବିଭିନ୍ନ ତ୍ୟାଗ, ସେବା ଓ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

# ଜିଲ୍ଲା ବିଜେପିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ବାଲେଶ୍ୱର , ୦୯/୬ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ମାର୍ଗସ୍ଥିତ ଆତିଥ୍ୟ ଭବନରେ ଜିଲ୍ଲା ବିଜେପି ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ୧୨ବର୍ଷ ଓ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯଥା କ୍ରମେ ୧୨ ଓ ୨ୟ ବର୍ଷର ସଫଳତାର ବାର୍ତ୍ତା ରଖିଥିଲେ । ବିଶେଷ କରି ବିଜେପି ଶାସନକୁ ଆସିବା ପାଇଁ ସମସ୍ତ ଦେବ ଦୁର୍ଲଭ କାର୍ଯ୍ୟକର୍ତ୍ତାଙ୍କ ଆପ୍ରାଣ ଉଦ୍ୟମ, ଚେଷ୍ଟା କୁ ଧନ୍ୟବାଦ୍ ଦେଇଥିଲେ , ବିଗତ ସରକାରକୁ ସମଗ୍ର ଓଡ଼ିଶାବାସୀ ପ୍ରତ୍ୟାଖ୍ୟାନ କରିବା ସହ ବିଜେପି ସରକାର ଆଗାମୀ ଦିନରେ କିପରି ଅଧିକ ଦିନ ରହି ଶାସନ କରିବ ସେ ବିଷୟରେ



ସାଂସଦ ଶ୍ରୀ ଷଡ଼ଙ୍ଗୀ ବକ୍ତବ୍ୟ ରଖିଥିଲେ। ସେହିପରି ଭାବରେ ଆଗାମୀ ଦିନରେ କିପରି ସମସ୍ତ କର୍ମକର୍ତ୍ତା ମାନେ ସମସ୍ତ ପଞ୍ଚାୟତ ରେ ବିଭିନ୍ନ କାର୍ଯ୍ୟକ୍ରମ କରି ଲୋକଙ୍କୁ ସରକାର ର ସଫଳତା ଜଣାଇବେ ସେ ବିଷୟରେ ସେଠାରେ ଅନ୍ୟ ନେତୃ ବୃନ୍ଦ ଆଲୋଚନା କରିଥିଲେ। ବିଶେଷକରି ଯୁବ ସମାବେଶ, ମହିଳା ସମାବେଶ, ବୁଦ୍ଧିଜୀବୀ ସମ୍ମୀଳନୀ, ଉପଭୋକ୍ତା ସମ୍ମିଳନୀ, ସାମ୍ବାଦିକ ସମ୍ମିଳନୀ, ପ୍ରଦର୍ଶନୀ, ବୃକ୍ଷ ରୋପଣ, କୃଷି ଉପରେ କର୍ମଶାଳା ଇତ୍ୟାଦି ସମଗ୍ର ଜିଲ୍ଲାରେ ଆୟୋଜିତ ହେବ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ତଥା ଉତ୍ତର ବାଲେଶ୍ୱର ପ୍ରଭାରୀ ଉମାକାନ୍ତ ମହାପାତ୍ର,ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ମମତା ମହାପାତ୍ର,ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଇଂ ରବୀନ୍ଦ୍ର କୁମାର ଜେନା, ରାଜ୍ୟ ସରକାରଙ୍କ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପ୍ରମୂଖ ମଞ୍ଚାସିନ ଥିଲେ, କାର୍ଯ୍ୟକ୍ରମ ଆରମ୍ଭ ରେ ଜିଲ୍ଲା ବିଜେପି ସମ୍ପାଦକ ରାଜେଶ ମହାପାତ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ ଶେଷରେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଡଃ ଅଂଶୁ ମାଧବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ, ସେହିପରି ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ନନ୍ଦ, ଜିଲ୍ଲା ଗଣ ମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ରାଜ୍ୟ ପେନାଲିଷ୍ଟ ବିଭୂପଦ ଦାସ ,ଜିଲ୍ଲା ଉପ ସଭାପତି ଗୌରାଙ୍ଗ ଚରଣ ଦାସ,ବିଜୟ ସାହୁ ଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ,ସମସ୍ତ ମୋର୍ଚ୍ଚା ସଭାପତି, ସମସ୍ତ ମଣ୍ଡଳ ସଭାପତି ଓ ମଣ୍ଡଳ ପ୍ରଭାରୀ ପ୍ରମୁଖ ଉପସ୍ଥିତ ଥିଲେ।


❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Editor: Sairindhree Sahoo
❒ Managing & Executive Editor : Srustidhar Parida